ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୧/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, March 11/2025 Page 14 | ₹ 7.00
୫୧ଶ ଭାଗ ୧୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 107 | ମୂଲ୍ୟ ₹୭/-



### ପୁରସ୍କାର ଦୌଡ଼ରେ ଅମିତ

ଓଡ଼ିଶାର ଅମିତ ରୋହିଦାସ ଓ ସୁନେଲିତା ଟପ୍ପୋ ହକି ଇଣ୍ଡିଆ ପୁରସ୍କାର ଦୌଡ଼ରେ ରହିଛନ୍ତି।

୧୪

୦୨

### ହୋଲିକୁ ନେଇ 'ବମ୍ ବମ୍ ଭୋଲେ'

ଅଭିନେତା ସଲମାନ ଖାନ୍‌ଙ୍କ ଆଗାମୀ ଫିଲ୍ମ 'ସିକନ୍ଦର'ର 'ବମ୍ ବମ୍ ଭୋଲେ' ଗୀତର ଟିଜର ସୋମବାର ଜାରି ହୋଇଛି।



# ଆମ୍ବୁଲାନ୍ସକୁ ଧକ୍କାଦେଲା ଟ୍ରେନ୍

## ବର୍ତ୍ତିଗଲେ ୭ ରୋଗୀ

ରାୟଗଡ଼ା,୧୦।୩
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ଶିକରପାଇ ଓ ଭାଲୁମସ୍କା ରେଳ ଷ୍ଟେଶନର ମଧ୍ୟବର୍ତ୍ତୀ ସ୍ଥାନରେ ସୋମବାର ଏକ ଆମ୍ବୁଲାନ୍ସକୁ ମାଲବାହୀ ଟ୍ରେନ୍ ଧକ୍କା ଦେଇଛି। ଦୁର୍ଘଟଣା ପୂର୍ବରୁ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ସହ ସେଥିରେ ଥିବା ୭ ଜଣ ରୋଗୀ ବାହାରକୁ ପଳାଇ ଆସିଥିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଟ୍ରେନ୍‌ର ଗତି କମ୍ ଥିବାରୁ ଧକ୍କଦେବା ପରେ ମଧ୍ୟ ଆମ୍ବୁଲାନ୍ସର ଅଧିକ କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଖବରପାଇ ରାୟଗଡ଼ା ଡିଭିଜନ ଡିଆର୍‌ଏମ୍ ଅମିତାଭ ସିଂଘଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଖାମଖିଆଲ କାର୍ଯ୍ୟ ପାଇଁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ, ଶିକରପାଇଠାରେ ସୋମବାର ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ କଣ୍ଡାମଯୋଡି ☞ପୃଷ୍ଠା-୪



ରାୟଗଡ଼ା ଜିଲା ଶିକରପାଇ ଓ ଭାଲୁମସ୍କା ରେଳ ଷ୍ଟେସନ ମଝିରେ ଏକ ଆମ୍ବୁଲାନ୍ସକୁ ମାଲବାହୀ ଟ୍ରେନ୍ ଧକ୍କାଦେଇଛି।

# ୧୪ରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ

ଭୁବନେଶ୍ୱର,୧୦।୩(ସୁଚିସ୍ମିତା ସାହୁ)

ଚଳିତବର୍ଷ ମୋଟ ୪ଟି ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସଂଗଠିତ ହେବ। ଦୁଇଟି ଆଂଶିକ ସୂର୍ଯ୍ୟୋପରାଗ ଏବଂ ଦୁଇଟି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳିବ। ବର୍ଷର ପ୍ରଥମ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ମାର୍ଚ୍ଚ ୧୪ରେ ହେବ। ଏହା ଆମେରିକା, ପଶ୍ଚିମ ୟୁରୋପ, ପଶ୍ଚିମ ଆଫ୍ରିକା, ଉତ୍ତର ଏବଂ ଦକ୍ଷିଣ ଆଟଲାଣ୍ଟିକ ମହାସାଗର ଆଦି ଅଞ୍ଚଳରେ ଦେଖାଯିବ। ହେଲେ ଏହା ଭାରତକୁ ଦୃଶ୍ୟମାନ ହେବ ନାହିଁ। ଭାରତୀୟ ସମୟ ପୂର୍ବାହ୍ନ ୧୦ଟା ୩୯ ମିନିଟରେ ଚନ୍ଦ୍ର ଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୨ଟା ୧୮ରେ ଶେଷ ହେବ। କିନ୍ତୁ ପୂର୍ଣ୍ଣ ଗ୍ରହଣ ପୂର୍ବାହ୍ନ ୧୧ଟା ୫୬ରୁ ଅପରାହ୍ନ ୧ଟା ୧ ପର୍ଯ୍ୟନ୍ତ ଦେଖାଯିବ। ସେହି ସମୟରେ ଚନ୍ଦ୍ର ସମ୍ପୂର୍ଣ୍ଣ ରକ୍ତ ବର୍ଣ୍ଣ ଧାରଣ କରିବ। ଭାରତରେ ଦିନ ସମୟରେ ଚନ୍ଦ୍ରଗ୍ରହଣ ଘଟୁଥିବାରୁ ଦେଶର କୌଣସି ସ୍ଥାନରେ ଏହା ଦୃଶ୍ୟମାନ ହେବନାହିଁ ବୋଲି ଜ୍ୟୋତିର୍ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିପରି ମାର୍ଚ୍ଚ ୨୯ରେ ଆଂଶିକ ସୂର୍ଯ୍ୟୋପରାଗ ☞ପୃଷ୍ଠା-୪

# ଧର୍ମେନ୍ଦ୍ର ଅହଂକାରୀ, ତୁଣ୍ଡରେ ଲଗାମ ଦିଅନ୍ତୁ: ଷ୍ଟାଲିନ୍



ତାମିଲନାଡୁର ଥାଞ୍ଜାଭୁରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହକରୁଛନ୍ତି ଡିଏମ୍‌କେ କର୍ମୀ।

**ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ସୋମବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ 'ଅହଂକାରୀ' କହି ଭର୍ତ୍ସନା କରିଛନ୍ତି । ଧର୍ମେନ୍ଦ୍ର ନିଜକୁ ଜଣେ ରାଜା ମନେକରୁଛନ୍ତି । ସେ ତାଙ୍କ ଭାଷା ଉପରେ ନିୟନ୍ତ୍ରଣ ରଖିବା ଉଚିତ ବୋଲି ଷ୍ଟାଲିନ୍ ଧର୍ମେନ୍ଦ୍ରଙ୍କୁ ପରାମର୍ଶ ଦେଇଛନ୍ତି । ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ ଦିନରେ ଲୋକ ସଭାରେ ଡିଏମ୍‌କେ ସଦସ୍ୟମାନେ ତାମିଲନାଡୁକୁ ପାଣ୍ଠି ପ୍ରଦାନରେ କେନ୍ଦ୍ରର ପାତରଅନ୍ତର ପ୍ରସଙ୍ଗ ଉଠାଇଥିବାବେଳେ ଧର୍ମେନ୍ଦ୍ର ସେମାନଙ୍କୁ 'ଅସଭ୍ୟ', 'ଅଗଣତାନ୍ତ୍ରିକ' ଓ 'ଅସାଧୁ' କହି ସମାଲୋଚନା କରିଥିଲେ । ଏହାକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା । ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ଏହା ଉପରେ ଷ୍ଟାଲିନ୍ ପ୍ରତିକ୍ରିୟା ରଖି ଧର୍ମେନ୍ଦ୍ରଙ୍କୁ ଏଭଳି ଅସଂସଦୀୟ ଶବ୍ଦ ଉପରେ ଲଗାମ ଲଗାଇବାକୁ କହିଛନ୍ତି । ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ଅଧୀନ ୩-ଭାଷା ନୀତି ଅନୁଯାୟୀ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଉପରେ ହିନ୍ଦୀ ଲଦାଯିବା ଅଭିଯାନ ଏବଂ ପ୍ରସ୍ତାବିତ ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ୍) ପ୍ରସଙ୍ଗକୁ ନେଇ କେନ୍ଦ୍ର ଓ ତାମିଲନାଡୁ ସରକାର ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଷ୍ଟାଲିନ୍‌ଙ୍କ ମନ୍ତବ୍ୟ ଜାତୀୟ ରାଜନୀତିକୁ ଚଳଚଞ୍ଚଳ କରିଦେଇଛି । ଡିଏମ୍‌କେ କର୍ମୀମାନେ ତାମିଲନାଡୁର ତ୍ରିଚି ଓ ଥାଞ୍ଜାଭୁର ସମେତ ବିଭିନ୍ନ ସ୍ଥାନରେ ଧର୍ମେନ୍ଦ୍ରଙ୍କ କୁଶପୁତ୍ତଳିକା ଦାହକରି ତାଙ୍କଠାରୁ କ୍ଷମା ଦାବି କରିଛନ୍ତି ।**

ନୂଆଦିଲ୍ଲୀ/ଚେନ୍ନାଇ ,୧୦।୩ (ଏଜେନ୍ସି)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ସୋମବାର ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) କାର୍ଯ୍ୟକାରିତାକୁ ନେଇ ଲୋକ ସଭାରେ ପ୍ରବଳ ହଟ୍ଟଗୋଳରୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ପିଏମ୍ ସ୍କୁଲ୍ସ ଫର୍ ରାଇଜିଂ ଇଣ୍ଡିଆ (ପିଏମ୍‌ଶ୍ରୀ) ଯୋଜନା କାର୍ଯ୍ୟକାରୀ ପ୍ରସଙ୍ଗରେ ତାମିଲନାଡୁ ସରକାର ଅସାଧୁ ଓ ଅସଭ୍ୟ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିବାରୁ ଡିଏମ୍‌କେ ସଦସ୍ୟମାନେ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ଫଳରେ ଗୃହରେ ଅଚଳାବସ୍ଥା ଦେଖାଦେବା ସହ ଲୋକ ସଭାକୁ ମୁଲତବୀ ରଖାଯାଇଥିଲା।

ପିଏମ୍‌ଶ୍ରୀ ଯୋଜନା ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଧର୍ମେନ୍ଦ୍ର କହିଥିଲେ, କେନ୍ଦ୍ର ପ୍ରାୟୋଜିତ ଯୋଜନା କାର୍ଯ୍ୟକାରୀ କରିବାରେ ତାମିଲନାଡୁର ଡିଏମ୍‌କେ ନେତୃତ୍ୱାଧୀନ ☞ପୃଷ୍ଠା-୪

# ଆଇପିଏଲ୍ ବେଳେ ଗୁଟ୍‌ଖା, ମଦ ବିଜ୍ଞାପନ ମନା

ନୂଆଦିଲ୍ଲୀ,୧୦।୩(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍)ରେ ସମସ୍ତ ପ୍ରକାର ଗୁଟ୍‌ଖା ଓ ମାଦକ ଦ୍ରବ୍ୟର ପ୍ରତ୍ୟକ୍ଷ ଅବା ପରୋକ୍ଷରେ ବିଜ୍ଞାପନ ପ୍ରସାରଣକୁ ବାରଣ କରାଯାଇଛି। ଆସନ୍ତା ୨୨ ତାରିଖରୁ ଆଇପିଏଲ୍‌ର ୧୮ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଏହି ଲୋକପ୍ରିୟ ଇଭେଣ୍ଟ ସମୟରେ ଦେଶର ବହୁ ଖେଳପ୍ରେମୀ ଟିଭି ସହିତ ଯୋଡ଼ି ହୋଇଥାନ୍ତି। ଏଥିଯୋଗୁ ବିଜ୍ଞାପନ ଲାଗି ଟୁର୍ନାମେଣ୍ଟ ସବୁଠୁ ବଡ଼ ପ୍ଲାଟଫର୍ମ ପାଲଟିଯାଇଛି।

ସ୍ୱାସ୍ଥ୍ୟସେବାର ମହାନିର୍ଦ୍ଦେଶକ ଅତୁଲ ଗୋଏଲ ଇତିମଧ୍ୟରେ ଆଇପିଏଲ୍ ଚେୟାରମ୍ୟାନ ଅରୁନ ଧୁମଲଙ୍କୁ ଏକ ଚିଠି ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, କ୍ରିକେଟ ଖେଳାଳିମାନେ ଭାରତର ଯୁବ ପିଢ଼ି ଲାଗି ରୋଲ ମଡେଲ। ଏଣୁ ସେମାନେ ପ୍ରତ୍ୟକ୍ଷ ଓ ପରୋକ୍ଷରେ କୌଣସି ପ୍ରକାର ଗୁଟ୍‌ଖା କିମ୍ବା ମାଦକ ଦ୍ରବ୍ୟ ବିଜ୍ଞାପନ ସହ ଯୋଡ଼ି ହେବା ଉଚିତ ନୁହେଁ। ମ୍ୟାଚ କିମ୍ବା ଆଇପିଏଲ ଇଭେଣ୍ଟ ହେଉଥିବା ଷ୍ଟାଡିୟମ ପରିସର ମଧ୍ୟରେ ଏବଂ ଜାତୀୟ ଟେଲିଭିଜନରେ ପ୍ରସାରଣ ବେଳେ ଗୁଟ୍‌ଖା ଓ ସମସ୍ତ ପ୍ରକାର ମାଦକ ଦ୍ରବ୍ୟର ବିଜ୍ଞାପନକୁ ବାରଣ କରିବା ନୀତିକୁ ଆଇପିଏଲ କଡ଼ାକଡ଼ି ଭାବେ ପାଳନ କରିବା ଉଚିତ। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଗୁଟ୍‌ଖା କିମ୍ବା ମାଦକ ଦ୍ରବ୍ୟ ଲାଗି ପ୍ରଚାର କରୁଥିବା ଭାଷ୍ୟକାର ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରଚାରରୁ ଦୂରେଇ ରହିବା ଉଚିତ। ଭାରତରେ ଅଣ ସଂକ୍ରମିତ ରୋଗ, ହୃଦ୍‌ରୋଗ, କର୍କଟ, ଫୁସ୍‌ଫୁସ୍ ରୋଗ, ଡାଇବେଟିସ, ହାଇପରଟେନ୍‌ସନ ଆଦି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ସଂଖ୍ୟାରେ ଅହେତୁକ ବୃଦ୍ଧି ଆସିଛି। ବାର୍ଷିକ ୭୦ରୁ ଅଧିକ ପ୍ରତିଶତ ମୃତ୍ୟୁ ଗୁଟ୍‌ଖା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଶିକ୍ଷାପାଣ୍ଠି**

# ଦ୍ୱିତୀୟ ବିବାହ ପାଇଁ ୨ ପୁଅଙ୍କୁ ହତ୍ୟା

ନୟାଗଡ଼,୧୦।୩(ଲୋକନାଥ ମିଶ୍ର)

ସ୍ୱାମୀଙ୍କ ନିର୍ଯାତନା ସହି ନ ପାରି ପ୍ରାୟ ୩ ବର୍ଷ ତଳେ ସ୍ତ୍ରୀ ଆତ୍ମହତ୍ୟା କରିଥିଲେ। ସ୍ତ୍ରୀଙ୍କ ମୃତ୍ୟୁ ପରେ ବ୍ୟକ୍ତି ଜଣକ ଅନ୍ୟତ୍ର ବିବାହ କରିବାକୁ ଯୋଜନା ଚଳାଇଥିଲେ। ଏହି ଦ୍ୱିତୀୟ ବିବାହ ପ୍ରସ୍ତାବକୁ ୨ ନାବାଳକ ପୁଅ ବିରୋଧ କରିବାରୁ ଘର ଲୋକଙ୍କ ସହ ମିଶି ସେ ଉଭୟଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲା ଫତେଗଡ଼ ଅଞ୍ଚଳରେ ସୋମବାର ଘଟିଛି ଏହି ଚାଞ୍ଚଲ୍ୟକର ଘଟଣା। ଧାନଚେଙ୍ଗେଡ଼ା ଗ୍ରାମର ପ୍ରକାଶ ମହାନ୍ତିଙ୍କ ଘର ଶିଡ଼ି ରେଲିଂରୁ ଦୁଇଭାଇ ଆକାଶ(୧୪) ଓ ଆଦିତ୍ୟ(୯)ଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିବା ପରେ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂଚନା ଓ ଅଭିଯୋଗରୁ ଜଣାପଡ଼ିଛି ଯେ, ପ୍ରକାଶ ମହାନ୍ତିଙ୍କ ସ୍ତ୍ରୀ ୩ ବର୍ଷ ପୂର୍ବେ ଆତ୍ମହତ୍ୟା କରିଥିଲେ। ସେମାନଙ୍କ ଦୁଇପୁଅ ଆକାଶ ଓ ଆଦିତ୍ୟ ଧାନଚେଙ୍ଗେଡ଼ା ସ୍କୁଲରେ ପଢ଼ନ୍ତି। ତେବେ ବାପା ଦ୍ୱିତୀୟ ବିବାହ କରିବାକୁ ଯାଉଥିବା ଜାଣି ଉଭୟେ ଚିନ୍ତିତ ହୋଇପଡ଼ିଥିଲେ। ଏହାକୁ ଦୁହେଁ ବିରୋଧ କରିଥିଲେ। ଏହି କାରଣରୁ ପ୍ରକାଶ, ତାଙ୍କ ବାପା, ମା', ଭଉଣୀ ଓ ଜ୍ୱାଇଁ ମିଶି ହତ୍ୟା କରିଥିବା ମାମୁଘର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ନଂ. ୬୧/୨୫ରେ ମାମଲା ରୁଜୁ କରି ପ୍ରକାଶଙ୍କୁ ଥାନାରେ ଅଟକ ରଖିଛି। ଏଥିସହ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଏନେଇ ନୟାଗଡ଼ ଏସ୍‌ପି ଏସ୍. ସୁଶ୍ରୀ କହିଛନ୍ତି, ଧାନଚେଙ୍ଗେଡ଼ା ଗାଁରେ ୨ ନାବାଳକଙ୍କୁ ହତ୍ୟା କରାଯାଇଛି ନା ଦୁହେଁ ଆତ୍ମହତ୍ୟା କରିଛନ୍ତି ତାହା ଜାଣି ହେଉନି। ବ୍ୟବଚ୍ଛେଦ, ସାଇଣ୍ଟିଫିକ୍ ଟିମର ରିପୋର୍ଟ ଓ ପୋଲିସର ପଚରାଉଚୁରା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଖଣ୍ଡପଡ଼ା ଏସ୍‌ଡିପିଓ ଧାନଚେଙ୍ଗେଡ଼ା ଗାଁକୁ ଯାଇ ଘଟଣା ସମ୍ପର୍କରେ ପଚରାଉଚୁରା କରିଛନ୍ତି।

ଦୁଇଭାଇଙ୍କ ଆଈ ଖଣ୍ଡପଡ଼ା ଥାନା ବେଣାଗାଡିଆ ପଞ୍ଚାୟତ କୁଞ୍ଜପଲ୍ଲୀ ଗାଁର ମାଗୁଣି ନାୟକ ଅଭିଯୋଗ କରିଛନ୍ତି, ଜ୍ୱାଇଁଙ୍କ ପରକୀୟା ପ୍ରୀତି ଜଣାପଡ଼ିବା ପରେ ଝିଅ ଜ୍ୱାଇଁଙ୍କ ମଧ୍ୟରେ ବିବାଦ ହୋଇଥିଲା। ଜ୍ୱାଇଁଙ୍କ ନିର୍ଯାତନା ସହି ନ ପାରି ଝିଅ ୩ ବର୍ଷ ତଳେ ଆତ୍ମହତ୍ୟା କରିଥିଲା। ☞ପୃଷ୍ଠା-୪



ମୃତ ଦୁଇଭାଇ ଆକାଶ ଓ ଆଦିତ୍ୟ।

# ସେମିଳିଗୁଡ଼ାରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା

ସୁନାବେଡ଼ା/ସେମିଳିଗୁଡା,୧୦।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ତଳମାଳି ପାହାଡ଼ରେ ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରି ଡାଇରେକ୍ଟର ଏସ୍.ଏସ୍ ରାଜାମୌଲୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏସ୍‌ଏସ୍‌ଏମ୍‌ବି୨୯ ଫିଲ୍ମର ଶୁଟିଂ ଚାଲିଥିବାବେଳେ ସୋମବାର ଅପରାହ୍ନରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ସେଟ୍‌ରେ ଯୋଗଦେଇଛନ୍ତି। ତେଲୁଗୁ ସୁପରଷ୍ଟାର ମହେଶ ବାବୁଙ୍କୁ ନେଇ ଗୁରୁବାର ଶୁଟିଂ ଆରମ୍ଭ ହୋଇଥିଲା। ତଳମାଳି ପାହାଡ଼ରେ ଏକ ଆକ୍ସନ ସିନ୍ ଶୁଟିଂ କରାଯାଉଛି। ଫିଲ୍ମରେ ପ୍ରିୟଙ୍କା ମୁଖ୍ୟ ଭୂମିକାରେ ରହିଛନ୍ତି। ୫୦୦ରୁ ଊର୍ଦ୍ଧ୍ୱ ଆକ୍ଟର, କୋଆକ୍ଟର ଓ କର୍ମଚାରୀ ସେମିଳିଗୁଡାରେ ପହଞ୍ଚିଥିଲେ। ଦକ୍ଷିଣ ଭାରତୀୟ ଅଭିନେତା ମହେଶ ବାବୁ ଓ ନିର୍ଦ୍ଦେଶକ ରାଜାମୌଲୀ ଦେଓମାଳି ପାହାଡ଼ରେ ଥିବା କଟେଜ୍‌ରେ ରହୁଛନ୍ତି। ପ୍ରିୟଙ୍କା ଏଠାରେ ପହଞ୍ଚି ତଳମାଳି ବୁଲି ଦେଖିଥିଲେ। ମଙ୍ଗଳବାରଠାରୁ ପ୍ରିୟଙ୍କା ଶୁଟିଂରେ ଯୋଗଦେବା ସୂଚନା ରହିଛି।



# ୬ ଘଣ୍ଟାରୁ କମ୍ ଶୋଉଛନ୍ତି ୫୯% ଭାରତୀୟ

ନୂଆଦିଲ୍ଲୀ, ୧୦।୩

୫୯% ଭାରତୀୟ ଦୈନିକ ନିରନ୍ତର ଭାବେ ୬ ଘଣ୍ଟାରୁ କମ୍ ସମୟ ଶୋଇଥାନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା କେବଳ ନିଜ ୱିକ୍‌ଏଣ୍ଡ ଛୁଟିରେ ୬ ଘଣ୍ଟାରୁ ଅଧିକ ସମୟ ଶୋଇପାରନ୍ତି ବୋଲି କମ୍ୟୁନିଟି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଲୋକାଲ ସର୍କଲ୍ସ' ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରେ ଜଣାପଡ଼ିଛି। ଏହି ସର୍ଭେରେ ଲୋକେ କମ୍ ଶୋଇବାକୁ ନେଇ ଅନେକ କାରଣ ଦର୍ଶାଇଛନ୍ତି। କର୍ମବ୍ୟସ୍ତତା ହେତୁ ବିଳମ୍ବରେ ଶୋଇବା କିମ୍ବା ଶୀଘ୍ର ଉଠିବାକୁ ପଡ଼ିବା, ଶୋଇବା ସମୟରେ ବାରମ୍ବାର ଶୌଚାଳୟ ଯିବା, ମଶାର ପ୍ରାଦୁର୍ଭାବ, ବାହ୍ୟ ଶବ୍ଦ ଆଦି କାରଣ ଯୋଗୁ ଲୋକମାନେ ଆବଶ୍ୟକ ମୁତାବକ ଶୋଇପାରୁ ନ ଥିବା ଏହି ସର୍ଭେ କହିଛି। ୪୦ ହଜାର ଭାରତୀୟଙ୍କୁ ନେଇ କରାଯାଇଥିବା ଏହି ସର୍ଭେରେ ୬୧% ପୁରୁଷ ଏବଂ ୩୯% ମହିଳା ଉତ୍ତରଦାତା ନିଜ ଶୋଇବା ପ୍ରବୃତ୍ତି ସମ୍ପର୍କରେ ଆଲୋଚନା କରିଛନ୍ତି। ସର୍ଭେ ଅନୁଯାୟୀ ୩୯% ଲୋକ ଦୈନିକ ୬ରୁ ୮ ଘଣ୍ଟା ପର୍ଯ୍ୟନ୍ତ ଶୋଇପାରୁଥିବାବେଳେ ମାତ୍ର ୨% ଦୈନିକ ୮ ଘଣ୍ଟାରୁ ଅଧିକ ସମୟ ଧରି ଶୋଇପାରୁଛନ୍ତି। ୩୯% ଲୋକ ଦୈନିକ ୪ରୁ ୬ ଘଣ୍ଟା ଶୋଇବାକୁ ସକ୍ଷମ ହେଉଥିବାବେଳେ ୨୦% ଦୈନିକ କେବଳ ୪ ଘଣ୍ଟା ଶୋଇପାରୁଥିବା ଏହି ସର୍ଭେ କହିଛି।

ଆସନ୍ତା ୧୪ରେ ପାଳନ ହେବାକୁ ଥିବା ବିଶ୍ୱ ନିଦ୍ରା ଦିବସକୁ ଦୃଷ୍ଟିରେ ରଖି ୩୪୮ ଜିଲାରେ ଏହି ସର୍ଭେ କରାଯାଇଛି। ଶୋଇଥିବା ସମୟରେ ଏକାଧିକବାର ଶୌଚାଳୟ ଯିବାକୁ ପଡୁଥିବାରୁ ଶୋଇବା ସମୟରେ ହ୍ରାସ ଘଟୁଥିବା ନେଇ ୭୨% ଲୋକ ମତ ରଖିଛନ୍ତି। ସେହିପରି କର୍ମଜନିତ କାର୍ଯ୍ୟ ବିଳମ୍ବିତ ରାତି ଯାଏ କିମ୍ବା ଅତି ସକାଳେ ରହୁଥିବା ଦର୍ଶାଇ ୨୫% ଲୋକ ଆବଶ୍ୟକଠାରୁ କମ୍ ସମୟ ଶୋଇପାରୁଥିବା କହିଛନ୍ତି। ମଶାଙ୍କ ପ୍ରକୋପ କିମ୍ବା ବାହ୍ୟ ଶବ୍ଦ ଯୋଗୁ ରାତି ଅନିଦ୍ରା ରହିବାକୁ ପଡୁଛି ବୋଲି ଏହି ସର୍ଭେରେ ୨୨% ଉତ୍ତରଦାତା କହିଛନ୍ତି। କମ୍ ଶୋଇବା ପାଇଁ ୯% ଲୋକ ପିଲା କିମ୍ବା ପାର୍ଟନରଙ୍କୁ ଦାୟୀ କରିଛନ୍ତି। ୬% କମ୍ ସମୟ ଶୋଇବା ପାଇଁ ମୋବାଇଲ ଫୋନ୍‌କୁ ଦାୟୀ କରିଛନ୍ତି। ତେବେ ୱିକ୍‌ଏଣ୍ଡ ଛୁଟିରେ ଅଧିକ ସମୟ ଶୋଇ ନିଜ ନିଦ୍ରା ଅଭାବକୁ ପୂରଣ କରୁଥିବା ନେଇ ୨୩% ଉତ୍ତରଦାତା କହିଛନ୍ତି।

## ସଂକ୍ଷେପରେ

### ବାଣ ଦୋକାନରେ ନିଆଁ, ୩ ଶିଶୁଙ୍କ ସମେତ ୫ ମୃତ

ରାଞ୍ଚି, ୧୦।୩

ଝାଡ଼ଖଣ୍ଡର ଗଡ଼ୱା ଜିଲା ଝାଡ଼ଖଣ୍ଡ-ଛତିଶଗଡ଼ ସୀମାନ୍ତ ଗୋଦମାନା ବଜାରରେ ଥିବା ଏକ ବାଣ ଦୋକାନରେ ସୋମବାର ନିଆଁ ଲାଗି ୩ ଶିଶୁଙ୍କ ସମେତ ୫ ଜଣଙ୍କର ମୃତ୍ୟୁ ହୋଇଯାଇଛି। ମୃତକଙ୍କ ମଧ୍ୟରେ ଦୋକାନର ମାଲିକ ଏବଂ ଜଣେ ଗ୍ରାହକ ରହିଛନ୍ତି। ସେହିପରି ମୃତ ୩ ଶିଶୁଙ୍କ ମଧ୍ୟରେ ଜଣେ ଶିଶୁକନ୍ୟା ଥିବାନେଇ ଗଡ଼ୱା ଏସ୍‌ପି ଦୀପକ ପାଣ୍ଡେ ସୂଚନା ଦେଇଛନ୍ତି। ବାଣ ଦୋକାନରେ ନିଆଁ କିପରି ଲାଗିଲା, ସେନେଇ ତଦନ୍ତ ଜାରି ରହିଛି। ସମସ୍ତ ମୃତଦେହକୁ ଛତିଶଗଡ଼ର ରାମାନୁଜଗଞ୍ଜ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଥିବା ସେ କହିଛନ୍ତି।

### ଭୋଟର ତାଲିକା ଉପରେ ଆଲୋଚନା ଦାବି କଲେ ରାହୁଲ

ନୂଆଦିଲ୍ଲୀ, ୧୦।୩

ଭୋଟର ତାଲିକାକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଥିବାରୁ ଲୋକ ସଭାରେ ଏହା ଉପରେ ଆଲୋଚନା ପାଇଁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଦାବି କରିଛନ୍ତି। ଶୂନ୍ୟକାଳରେ ରାହୁଲ କହିଥିଲେ, ଭୋଟର ତାଲିକା ଉପରେ ଆଲୋଚନା ପାଇଁ ସମସ୍ତ ବିରୋଧୀ ଦଳ ଦାବି କରୁଛନ୍ତି। ସରକାର ଭୋଟର ତାଲିକା କରନ୍ତି ନାହିଁ ବୋଲି କହିଥିବାବେଳେ, ଆମେ ଉକ୍ତ ମନ୍ତବ୍ୟକୁ ଗ୍ରହଣ କରୁଛୁ। ତେବେ ଏହା ଉପରେ ଆଲୋଚନା ହେବା ଆବଶ୍ୟକ ବୋଲି କଂଗ୍ରେସ ନେତା କହିଛନ୍ତି। ମହାରାଷ୍ଟ୍ର ସମେତ ପ୍ରତ୍ୟେକ ରାଜ୍ୟରେ ଭୋଟର ତାଲିକାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଟିଏମ୍‌ସି ସଦସ୍ୟ ସୌଗତ ରାୟ କହିଥିଲେ, ଭୋଟର ତାଲିକାରେ କେତେକ ତ୍ରୁଟି ରହିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ପୂର୍ବରୁ ଡୁପ୍ଲିକେଟ୍ ଭୋଟର ଫଟୋ ପରିଚୟ ପତ୍ର ଅଭିଯୋଗ ଆଣିଥିଲେ। ଅନ୍ୟ ରାଜ୍ୟର ଭୋଟରମାନଙ୍କୁ ପଶ୍ଚିମବଙ୍ଗ ଭୋଟରଙ୍କ ସହ ସମାନ ନମ୍ବରରେ ପରିଚୟପତ୍ର ଦିଆଯାଇଥିବା ସେ ଅଭିଯୋଗ କରିବା ସହ ଆଗାମୀ ନିର୍ବାଚନରେ ବାହାର ରାଜ୍ୟର ଭୋଟର ପଶ୍ଚିମବଙ୍ଗରେ ଭୋଟ ଦେବା ସୁଯୋଗ ପାଇବେ ବୋଲି କହିଥିଲେ। ପଶ୍ଚିମବଙ୍ଗ ବିଧନାସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ଉପଯୁକ୍ତ ସମୀକ୍ଷା ପାଇଁ ସୌଗତ ଦାବି କରିଥିଲେ।

### ରମଜାନ୍‌ରେ ଫ୍ୟାଶନ ଶୋ': କଶ୍ମୀରରେ ବିବାଦ

**କ୍ଷମା ମାଗିଲେ ଆୟୋଜକ**



ଗୁଲମର୍ଗ ଫ୍ୟାଶନ ଶୋ'ରେ ଭାଗ ନେଇଥିବା ଜଣେ ମଡେଲ।

ଶ୍ରୀନଗର, ୧୦।୩

ଜମ୍ମୁ-କଶ୍ମୀରର ଗୁଲମର୍ଗରେ ଆଉଟଡୋର ଫେଶନ ଶୋ'ର ଆୟୋଜନକୁ ନେଇ ବିବାଦ ଦେଖାଦେଇଛି। ରମଜାନ୍ ମାସ ଚାଲିଥିବା ସମୟରେ ଏହି ଫ୍ୟାଶନ ଶୋ'କୁ କଶ୍ମୀରର ବିଭିନ୍ନ ରାଜନୈତିକ ଦଳର ନେତାମାନେ ବିରୋଧ କରିବା ସହ ଏହି କାର୍ଯ୍ୟକ୍ରମ ଅଶ୍ଳୀଳତାକୁ ଦର୍ଶାଉଥିବା କହିଛନ୍ତି। ସୋମବାର ଜମ୍ମୁ-କଶ୍ମୀର ବିଧାନସଭାରେ ଗୁଲମର୍ଗ ଫ୍ୟାଶନ ଶୋ'କୁ ନେଇ ବହୁ ବିଧାୟକ ଆପତ୍ତି ଉଠାଇଥିଲେ। ଘଟଣାକୁ ନେଇ ବିବାଦ ବଢ଼ିବା ପରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ କାର୍ଯ୍ୟାଳୟ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯିବା ସହ ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରିପୋର୍ଟକୁ ଭିତ୍ତିକରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଏହି ଫ୍ୟାଶନ ଶୋ'କୁ ନେଇ ବିବାଦ ବଢ଼ିବା ପରେ ଏହାର ଆୟୋଜକ ତଥା ଫ୍ୟାଶନ ଡିଜାଇନର ଶିବନ ଓ ନରେଶ କ୍ଷମା ମାଗିଛନ୍ତି।

## ମଦ ଦୁର୍ନୀତି

# ଭୂପେଶଙ୍କ ଘରେ ପଶିଲା ଇଡି

### ହଟ୍ଟଗୋଳ ପରେ ଛତିଶଗଡ଼ ବିଧାନସଭାରୁ କଂଗ୍ରେସ ବିଧାୟକ ନିଲମ୍ବିତ

ରାୟପୁର, ୧୦।୩

ଛତିଶଗଡ଼ ମଦ ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଧିକାରୀମାନେ ସୋମବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପେଶ ବଘେଲଙ୍କ ବାସଭବନରେ ଚଢ଼ାଉ କରିଥିଲେ। ଭୂପେଶଙ୍କ ପୁଅ ଚୈତନ୍ୟ ବଘେଲଙ୍କ ଭିଲାଇସ୍ଥିତ ବାସଭବନରେ ମଧ୍ୟ ଚଢ଼ାଉ ହୋଇଛି। ମଦ ଦୁର୍ନୀତି ଚୈତନ୍ୟ ଘନିଷ୍ଠ ଭାବେ ସମ୍ପୃକ୍ତ ଥିବା କୁହାଯାଉଛି। ଏଥିସହତ ଅନ୍ୟ ଅଭିଯୁକ୍ତ ଲକ୍ଷ୍ମୀନାରାୟଣ ବଂଶଲ ଓରଫ ପପୁ ବଂଶଲ ଓ ଅନ୍ୟ କେତେଜଣଙ୍କ ଘରେ ଇଡି ଚଢ଼ାଉ କରିଛି। ମଦ ଦୁର୍ନୀତିରୁ ଚୈତନ୍ୟ ଟଙ୍କା ପାଇଥିବା ସନ୍ଦେହ କରାଯାଉଛି। ବଘେଲଙ୍କ ଘରେ ଚଢ଼ାଉ ବେଳେ ଇଡି ଅଧିକାରୀମାନଙ୍କ କାର୍‌କୁ ପଥର ମାଡ଼ ହୋଇଥିବା ଜଣାପଡ଼ିଛି।

ବଘେଲଙ୍କ ଘରେ ଇଡି ଚଢ଼ାଉକୁ ନେଇ ଛତିଶଗଡ଼ ବିଧାନସଭାରେ ସୋମବାର ପ୍ରବଳ ହଟ୍ଟଗୋଳ ହୋଇଥିଲା। କଂଗ୍ରେସ ବିଧାୟକମାନେ ଗୃହ ମଧ୍ୟଭାଗକୁ ଚାଲିଯାଇ ଶାସକ ଭାଜପା ବିରୋଧରେ ସ୍ଲୋଗାନ ଦେଇଥିଲେ। ଗୃହ ଚଳାଇ ନ ଦେବା ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ବିଧାନସଭାର କେତେଜଣ କଂଗ୍ରେସ ସଦସ୍ୟଙ୍କୁ ନିଲମ୍ବନ କରାଯାଇଛି। ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ ବିଧାୟକମାନେ ପ୍ରଶ୍ନୋତ୍ତର କାଳରେ ଇଡି ଚଢ଼ାଉ ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିଥିଲେ। ଯେଉଁମାନେ ପୂର୍ବ ସରକାରରେ ଦୁର୍ନୀତି ହୋଇଥିବା ନେଇ ପ୍ରଶ୍ନ କରୁଛନ୍ତି, ସେମାନେ କେନ୍ଦ୍ରୀୟ ଏଜେନ୍ସିକୁ ଲଗାଇ ଟାର୍ଗେଟ କରିଆସୁଛନ୍ତି। ରାଜ୍ୟରେ ଗଣତନ୍ତ୍ରକୁ ହତ୍ୟା କରାଯାଇଛି କହି ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ବିଧାୟକ ଉମେଶ ପଟେଲ ଭାଜପା ବିରୋଧରେ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ। ମୁଖ୍ୟ ବିରୋଧୀ ଦଳ ଶୂନ୍ୟ କାଳରେ ସେମାନଙ୍କ ପ୍ରସଙ୍ଗ ଉଠାଇବେ ବୋଲି ବାଚସ୍ପତି ରମନ ସିଂ କହିବା ସତ୍ତ୍ୱେ କଂଗ୍ରେସ ବିଧାୟକମାନେ ନାରାବାଜି ଜାରି ରଖିଥିଲେ। ବିଶୃଙ୍ଖଳିତ କାର୍ଯ୍ୟ ଯୋଗୁ ବିଧାନସଭା ନିୟମାବଳୀ ଅନୁଯାୟୀ କଂଗ୍ରେସ ବିଧାୟକମାନେ ସ୍ୱତଃ ନିଲମ୍ବିତ ହୋଇଥିବା ବାଚସ୍ପତି କହିଛନ୍ତି। ହଟ୍ଟଗୋଳ ବେଳେ ଭୂପେଶ ବଘେଲ ଗୃହରେ ଉପସ୍ଥିତ ନ ଥିଲେ।

ଛତିଶଗଡ଼ରେ ୨,୧୦୦ କୋଟି ଟଙ୍କାର ମଦ ଦୁର୍ନୀତି ହୋଇଛି। ଏହି ଦୁର୍ନୀତି ଯୋଗୁ ରାଜ୍ୟ ରାଜକୋଷକୁ ବିପୁଳ କ୍ଷତି ସହିବାକୁ ପଡ଼ିଥିବାବେଳେ ମଦ ସିଣ୍ଡିକେଟ୍‌ର ଅଂଶୀଦାରମାନଙ୍କ ପକେଟ୍ ଭରିଥିଲା। ଏହି ମାମଲାରେ ପୂର୍ବରୁ ଇଡି ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା କାୱାସି ଲଖ୍‌ମା, ରାୟପୁର ମେୟରଙ୍କ ବଡ଼ଭାଇ ଅନୱର ଧେବାର, ପୂର୍ବତନ ଆଇଏଏସ୍ ଅଫିସର ଟୁଟେଜା, ଭାରତୀୟ ଟେଲିକମ୍ ସେବା ଅଧିକାରୀ ଅରୁଣପତି ତ୍ରିପାଠୀଙ୍କୁ ଗିରଫ କରିଥିଲା। ଛତିଶଗଡ଼ରେ ବଘେଲଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ସମୟରେ ୨୦୧୯ରୁ ୨୦୨୨ ମଧ୍ୟରେ ଏହି ଅବକାରୀ ଦୁର୍ନୀତି ହୋଇଥିଲା।



ଭୂପେଶ ବଘେଲ



ଚଢ଼ାଉବେଳେ ଇଡି ଅଧିକାରୀଙ୍କ କାର୍‌କୁ ଟେକା ମାଡ଼ ହୋଇଛି।

### ଲଳିତ ମୋଦିଙ୍କ ପାସ୍‌ପୋର୍ଟ ଖାରଜ କଲା ଭାନୁଆଟୁ

ପୋର୍ଟ ଭିଲା, ୧୦।୩

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରତିଷ୍ଠାତା ଲଳିତ ମୋଦିଙ୍କୁ ଦିଆଯାଇଥିବା ପାସ୍‌ପୋର୍ଟକୁ ଖାରଜ କରିଦେବା ନିମନ୍ତେ ବାନୁଆଟୁ ପ୍ରଧାନମନ୍ତ୍ରୀ ଜୋଥାମ୍ ନାପାତ୍ ସୋମବାର ଦେଶର ନାଗରିକତ୍ୱ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲଳିତ ପ୍ରତ୍ୟର୍ପଣରୁ ବର୍ତ୍ତିବା ପାଇଁ ଉକ୍ତ ପାସ୍‌ପୋର୍ଟକୁ ବ୍ୟବହାର କରୁଥିବା ନାପାତ୍ କହିଛନ୍ତି। ଭାରତୀୟ ପାସ୍‌ପୋର୍ଟ ସମର୍ପଣ କରିବାକୁ ଲଳିତ ଗତ ୭ ତାରିଖରେ ଲଣ୍ଡନସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କଠାରେ ଆବେଦନ କରିଥିଲେ। ସେ ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପଦେଶର ନାଗରିକତ୍ୱ ଗ୍ରହଣ କରିଥିବା ଜଣାପଡ଼ିଥିଲା। ବହୁକୋଟି ଟଙ୍କା ଦୁର୍ନୀତିରେ ଜଡ଼ିତ ଲଳିତ ୨୦୧୦ରେ ଭାରତରୁ ପଳାଇଯାଇ ଲଣ୍ଡନରେ ରହିଛନ୍ତି। ତାଙ୍କ ନାଁରେ ଆଲର୍ଟ ନୋଟିସ ଜାରି ପାଇଁ ଭାରତୀୟ କର୍ତ୍ତୃପକ୍ଷଙ୍କ ନିବେଦନ ସତ୍ତ୍ୱେ ଉପଯୁକ୍ତ ନ୍ୟାୟିକ ପ୍ରମାଣ ଅଭାବରୁ ଇଣ୍ଟରପୋଲ୍ ଏହାକୁ ୨ ଥର ଖାରଜ କରିଥିଲା।



ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନରେ ପାର୍ଲାମେଣ୍ଟ ପରିସରରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କେ.ସି. ବେଣୁଗୋପାଳ, କେ. ସୁରେଶ ଓ ଅନ୍ୟମାନେ।

## ମାର୍କ କାର୍ନି କାନାଡାର ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚିତ

ଓଟ୍ଟାୱା, ୧୦।୩

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧ ଏବଂ କାନାଡାକୁ ଆମେରିକାରେ ମିଶାଇବାକୁ ଉଦ୍ୟମ ହେଉଥିବାବେଳେ ଦେଶର ଲିବେରାଲ ପାର୍ଟି ରବିବାର ମାର୍କ କାର୍ନିଙ୍କୁ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ନିର୍ବାଚିତ କରିଛି। କାନାଡା ଅର୍ଥନୀତିଜ୍ଞ ତଥା ରାଜନେତା ୫୯ ବର୍ଷୀୟ କାର୍ନି ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ସ୍ଥାନ ନେବାକୁ ଯାଉଛନ୍ତି। ସେ ୨୦୦୮ରୁ ୨୦୧୩ କାନାଡା ବ୍ୟାଙ୍କ ଗଭର୍ନର ଏବଂ ୨୦୧୩ରୁ ୨୦୧୮ ବ୍ୟାଙ୍କ ଅଫ୍ ଇଂଲଣ୍ଡର ଗଭର୍ନର ଥିଲେ। କାର୍ନି ବ୍ୟାଙ୍କ ଅଫ୍ କାନାଡାର ମୁଖ୍ୟ ଥିବାବେଳେ ଦେଶ ଆର୍ଥିକ ସଙ୍କଟରୁ ମୁକ୍ତ ହୋଇଥିଲା।

ଗତ ଜାନୁଆରୀରେ ଟ୍ରୁଡୋ ଇସ୍ତଫା ଦେଇଥିବାବେଳେ ତାଙ୍କ ଉତ୍ତରାଧିକାରୀ ଶପଥ ନେବା ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ପଦରେ ରହିବେ। ନୂଆ ପ୍ରଧାନମନ୍ତ୍ରୀ କାର୍ନି ଦାୟିତ୍ୱ ଗ୍ରହଣ କରିବା ପରେ ଭାରତ ସହ କାନାଡାର ସମ୍ପର୍କ ପୁନଃ ନିର୍ମାଣ କରିବେ ବୋଲି କହିଛନ୍ତି। ସମଭାବାପନ୍ନ ଦେଶଗୁଡ଼ିକ ସହ ଆମର ବାଣିଜ୍ୟ ସମ୍ପର୍କ ବିଭିନ୍ନ ରୂପରେ ବିକଶିତ ହେବ ବୋଲି ସେ ଶାସକ ଲିବେରାଲ ପାର୍ଟି ନେତା ନିର୍ବାଚିତ ହେବା ପୂର୍ବରୁ କହିଥିଲେ। ତଦନୁଯାୟୀ ଭାରତ ସହ ସମ୍ପର୍କ ନୂଆ ରୂପ ନେବାର ସୁଯୋଗ ରହିଛି। ବାଣିଜ୍ୟିକ ସମ୍ପର୍କ ସହ ମୂଲ୍ୟବୋଧର ଆଦାନପ୍ରଦାନ ଆବଶ୍ୟକ ବୋଲି କାର୍ନି କହିଥିଲେ। ସୂଚନାଯୋଗ୍ୟ, ଖଲିସ୍ତାନୀ ନେତା ହରଦୀପ ସିଂ ନିଜ୍ଜାର ହତ୍ୟା ଘଟଣା ପାଇଁ କାନାଡା ପ୍ରଧାନମନ୍ତ୍ରୀ ଟ୍ରୁଡୋ ଭାରତକୁ ଦାୟୀ କରିବା ପରେ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ବିରୋଧୀ କଞ୍ଜରଭେଟିଭ୍ ପାର୍ଟି ଟ୍ରୁଡୋଙ୍କୁ ପୁନଃ ନିର୍ବାଚିତ କରିବାକୁ ଆଶା ରଖିଥିଲେ ମଧ୍ୟ ଖାଦ୍ୟ ଓ ଗୃହନିର୍ମାଣ ମହଙ୍ଗା ହେବା ଏବଂ ଆପ୍ରବାସନ ସମସ୍ୟାକୁ ନେଇ ତାଙ୍କ ଲୋକପ୍ରିୟତା ହ୍ରାସ ପାଇଥିଲା।



ମାର୍କ କାର୍ନି

## ସରକାରୀ ପରୀକ୍ଷାରେ ସାଲିସ୍ ପ୍ରଶାସନ ଉପରୁ ଆସ୍ଥା ହଟାଉଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୦।୩

ସରକାରୀ ପରୀକ୍ଷାର ପବିତ୍ରତାରେ ସାଲିସ୍ ସାଧାରଣ ପ୍ରଶାସନ ଏବଂ ସରକାରଙ୍କ ଉପରୁ ଲୋକଙ୍କ ଆସ୍ଥା ହଟାଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏକ ନିଯୁକ୍ତି ପରୀକ୍ଷାରେ ଡମି ପ୍ରାର୍ଥୀ ବ୍ୟବହାର କରିଥିବା ଅଭିଯୁକ୍ତଙ୍କ ଜାମିନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ରାଜସ୍ଥାନ ହାଇକୋର୍ଟ ଜାମିନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ରାଜ୍ୟ ସରକାର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ସଞ୍ଜୟ କାରୋଲ ଏବଂ ଅହସନୁଦ୍ଦିନ ଅମାନୁଲ୍ଲାଙ୍କ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଅପିଲ୍‌କୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ସେମାନେ କହିଛନ୍ତି, ଥରେ ଜାମିନ ପ୍ରଦାନ କରାଗଲେ, ତାହାକୁ ସାଧାରଣତଃ ଖାରଜ କରାଯାଇ ନ ଥାଏ ଏବଂ ଆମେ ଏହି ମତାମତକୁ ପୂର୍ଣ୍ଣମାତ୍ରାରେ ଏହାକୁ ସମର୍ଥନ କରୁଛୁ। ତେବେ ଅଭିଯୁକ୍ତମାନେ କରିଥିବା କାର୍ଯ୍ୟ ସମାଜକୁ ପ୍ରଭାବିତ କରୁଛି। ଭାରତରେ ଉପଲବ୍ଧ ନିଯୁକ୍ତି ଠାରୁ ନିଯୁକ୍ତି ଆଶାୟୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ତେଣୁ ପରୀକ୍ଷା ପବିତ୍ରତାରେ ସାଲିସ୍ ଯୋଗୁ ପ୍ରଶାସନ ଉପରୁ ଲୋକଙ୍କ ତୁଟିଯାଉଥିବା ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୨ର ଆସିଷ୍ଟାଣ୍ଟ ଇଞ୍ଜିନିୟର ସିଭିଲ୍ ପରୀକ୍ଷାରେ ଇନ୍ଦ୍ରଜ ସିଂ ପରୀକ୍ଷାରେ ଜଣେ ଡମି ପ୍ରାର୍ଥୀ ଦେଇଥିଲେ। ଉପସ୍ଥାନ ଫର୍ଦ୍ଦରେ ଜାଲିଆତି କରାଯିବା ସହ ମୂଳ ଆଡମିଟ୍ କାର୍ଡରେ ଜାଲ୍ ପ୍ରାର୍ଥୀଙ୍କ ଫଟୋ ଲଗାଯାଇଥିଲା। ଅଭିଯୁକ୍ତଙ୍କୁ ୨ ସପ୍ତାହ ମଧ୍ୟରେ ସମ୍ପୃକ୍ତ ଅଦାଲତରେ ଆତ୍ମସମର୍ପଣ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

## ଆଇଆଇଏଫ୍‌ଏ ଆୱାର୍ଡ୍ସ ୨୦୨୫

# 'ଲାପତା ଲେଡିଜ୍'କୁ ୧୦ ଟ୍ରଫି

ଜୟପୁର, ୧୦।୩

ରାଜସ୍ଥାନର ଜୟପୁରରେ ୨ ଦିନିଆ 'ଇଣ୍ଟରନ୍ୟାଶନାଲ ଇଣ୍ଡିଆନ ଫିଲ୍ମ ଏକାଡେମୀ ଆୱାର୍ଡ୍ସ (ଆଇଆଇଏଫ୍‌ଏ) ୨୦୨୫' ସମାରୋହ ରବିବାର ଶେଷ ହୋଇଛି। 'ଆଇଆଇଏଫ୍‌ଏ'ର ଏହି ୨୫ତମ ସଂସ୍କରଣର ଦ୍ୱିତୀୟ ଦିନରେ ଚଳିତ ବର୍ଷର ଓସ୍କାର ପାଇଁ ମନୋନୀତ ହୋଇଥିବା 'ଲାପତା ଲେଡିଜ୍' ଫିଲ୍ମର ଜଲୱା ଦେଖିବାକୁ ମିଳିଥିଲା। ବିଭିନ୍ନ ବର୍ଗରେ ଏହି ଫିଲ୍ମକୁ ୧୦ ଟ୍ରଫି ମିଳିଛି। ୨୦୨୪ର ଶ୍ରେଷ୍ଠ ଫିଲ୍ମ ଭାବେ 'ଲାପତା ଲେଡିଜ୍'କୁ ପୁରସ୍କୃତ କରାଯାଇଛି। ସେହିପରି 'ଭୁଲ୍ ଭୁଲୈୟା ୩' ଫିଲ୍ମ ପାଇଁ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ 'ଲାପତା ଲେଡିଜ୍' ଫିଲ୍ମ ପାଇଁ ଅଭିନେତ୍ରୀ ନିତାଂଶୀ ଗୋୟଲଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ କରାଯାଇଛି। 'ଲାପତା ଲେଡିଜ୍' ଫିଲ୍ମ ପାଇଁ କିରନ୍ ରାଓଙ୍କ ନାମକୁ ଶ୍ରେଷ୍ଠ ନିର୍ଦ୍ଦେଶିକା ଭାବେ ଘୋଷଣା କରାଯାଇଛି। 'କିଲ୍' ଫିଲ୍ମ ପାଇଁ ଅଭିନେତା ରାଘବ ଜୁଏଲଙ୍କୁ ଶ୍ରେଷ୍ଠ ଖଳନାୟକ ଭାବେ ପୁରସ୍କୃତ କରାଯାଇଛି। ଏହି ଆଇଆଇଏଫ୍‌ଏ



ଆଇଆଇଏଫ୍‌ଏ ଆୱାର୍ଡ୍ସ: ଶ୍ରେଷ୍ଠ ଅଭିନେତା ଭାବେ କାର୍ତ୍ତିକ ଆର୍ଯ୍ୟନ, ଶ୍ରେଷ୍ଠ ନିର୍ଦ୍ଦେଶିକା ଭାବେ କିରନ ରାଓ ପୁରସ୍କୃତ ହେଉଛନ୍ତି।

### କାର୍ତ୍ତିକ ଆର୍ଯ୍ୟନ ଶ୍ରେଷ୍ଠ ଅଭିନେତା

୨୦୨୫ ଆୱାର୍ଡ ସମାରୋହରେ ଶ୍ରେଷ୍ଠ ଗାୟକ (ମହିଳା) ବର୍ଗରେ ଶ୍ରେୟା ଘୋଷାଲ ଏବଂ ଶ୍ରେଷ୍ଠ ଗାୟକ (ପୁରୁଷ) ବର୍ଗରେ ଜୁବିନ୍ ନୌଟିଆଲଙ୍କ ନାମକୁ ଘୋଷଣା କରାଯାଇଛି। 'ଲାପତା ଲେଡିଜ୍' ଫିଲ୍ମ ପାଇଁ ରାମ ସମ୍ପଥଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ଏହି ଆୱାର୍ଡ ସମାରୋହରେ ପୁରସ୍କୃତ କରାଯାଇଛି। ଅଭିନେତା ଶାହରୁଖ୍ ଖାନ୍, ଶାହୀଦ କପୁର, ଅଭିନେତ୍ରୀ କରୀନା କପୁର ଖାନ୍, ମାଧୁରୀ ଦୀକ୍ଷିତ ଏବଂ କ୍ରିତି ସାନନ୍ ପ୍ରମୁଖ ଏହି ଆୱାର୍ଡ ସମାରୋହରେ ନିଜ ପରଫରମାନ୍ସ ମାଧ୍ୟମରେ ଉପସ୍ଥିତ ଅତିଥିଙ୍କୁ ମତୁଆଲା କରିଥିଲେ।

## ଫୁରସତ୍

### ଜିପିଏସ୍‌ରେ ଡ୍ୟାନ୍ସିଂ ଫିଗର କରିବାକୁ ୧,୧୦୫ କି.ମି. ଦୌଡ଼ିଲେ

ଟରଣ୍ଟୋ

ଜଣେ କାନାଡୀୟ ବ୍ୟକ୍ତି ଦୌଡ଼କୁ ଏକ ନୂତନ ସ୍ତରକୁ ନେଇଛନ୍ତି। ସେ ଦୌଡ଼ ମାଧ୍ୟମରେ ଫିଟ୍‌ନେସ୍, ଟେକ୍ନୋଲୋଜି ଏବଂ କଳାକୁ ଏକ ନିଆରା ଢଙ୍ଗରେ ଯୋଡିପାରିଛନ୍ତି। ଜିପିଏସ୍ ଟ୍ରାକିଂ ଆପ୍ ସାହାଯ୍ୟରେ ସେ ତାଙ୍କ ମାର୍ଗକୁ ଏପରି ଭାବରେ ଯୋଜନା କରିଥିଲେ ଯେ, ଏହା ଗ୍ଲୋବାଲ ପୋଜିଶିଓନିଂ ସିଷ୍ଟମ (ଜିପିଏସ୍) ମାନଚିତ୍ରରେ ଏକ ବିଶାଳ ଡ୍ୟାନ୍ସିଂ ଫିଗର (ନୃତ୍ୟ କରୁଥିବା ଆକୃତି) ସୃଷ୍ଟି କରିପାରିଥିଲା। ଏସମ୍ପର୍କରେ ଏକ ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ପୋଷ୍ଟ ଅନୁଯାୟୀ, କାନାଡାର ଟରଣ୍ଟୋରେ ଜଣେ ଧାବକ ବର୍ଷକ ସମୟ ମଧ୍ୟରେ ଦୌଡ଼ି ଦୌଡ଼ି ୧,୧୦୫ କି.ମି. (୬୮୭ ମାଇଲ) ଦୂରତା ଅତିକ୍ରମ କରିଥିଲେ। ଦୌଡୁଥିବା ସମୟରେ ସେ ନିଜର ମାର୍ଗକୁ ଯତ୍ନର ସହ ଜିପିଏସ୍‌ରେ ଟ୍ରାକିଂ କରୁଥିଲେ। ଏପରି କରି ସେ ଜିପିଏସ୍‌ରେ ଏକ ନିଆରା ଡ୍ୟାନ୍ସିଂ ଫିଗର ପ୍ରସ୍ତୁତ କରିଛନ୍ତି, ଯାହା ସୋସିଆଲ ମିଡିଆରେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। 'ଆଉଟ ଅଫ୍ କଣ୍ଟେଷ୍ଟ ହ୍ୟୁମାନ ରେସ୍' ନାମକ ଏକ ଆକାଉଣ୍ଟରୁ ଏନେଇ ଏକ ପୋଷ୍ଟ ଶେୟାର କରାଯାଇଛି, ଯେଉଁଥିରେ ଏହି ଦୌଡ଼ ଦ୍ୱାରା ସୃଷ୍ଟି ହୋଇଥିବା ଅନନ୍ୟ ଡ୍ୟାନ୍ସିଂ ଫିଗରର ଫଟୋକୁ ମଧ୍ୟ ପୋଷ୍ଟ କରାଯାଇଛି। ଅନେକ ୟୁଜର୍ସ ଉକ୍ତ ଧାବକଙ୍କର ସୃଜନଶୀଳତାକୁ ପ୍ରଶଂସା କରିଛନ୍ତି। ତେବେ କେତେଜଣ ୟୁଜର୍ସ ଏହି ଦାବି ଉପରେ ସନ୍ଦେହ ପ୍ରକଟ କରିବା ସହ ଏହା ଜିପିଏସ୍‌ର ଏକ ଏଡିଟେଡ୍ ଫଟୋ ହୋଇଥିବା କହିଛନ୍ତି।




### ହୋଲିକୁ ନେଇ 'ବମ୍ ବମ୍ ଭୋଲେ'

ମୁମ୍ବାଇ

ଅଭିନେତା ସଲମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ 'ସିକନ୍ଦର' ଫିଲ୍ମ ଆସନ୍ତା ୨୮ ତାରିଖରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମର ରିଲିଜ୍ ତାରିଖ ଯେତେ ପାଖେଇ ଆସୁଛି, ଏହାକୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ ଉତ୍ସାହ ସେତେ ମାତ୍ରାରେ ବଢ଼ିବାରେ ଲାଗିଛି। ଏବେ ଏହି ଫିଲ୍ମର ଗୋଟିଏ ପରେ ଗୋଟିଏ ଗୀତ ରିଲିଜ୍ ହେବାରେ ଲାଗିଛି। ସୋମବାର 'ସିକନ୍ଦର' ଫିଲ୍ମର ଏକ ଗୀତ 'ବମ୍ ବମ୍ ଭୋଲେ'ର ଟିଜରକୁ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଜାରି କରାଯାଇଛି। ଏହି ଗୀତରେ ହୋଲି ରଙ୍ଗର ଖେଳ ମଧ୍ୟରେ ସଲମାନ ଭିଜି ହେଉଥିବାର ନଜରକୁ ଆସିଛନ୍ତି। ଗୀତରେ ସଲମାନଙ୍କ ଏଣ୍ଟ୍ରି ଓ ଦବଙ୍ଗ ଅନ୍ଦାଜକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। କିଡ୍ ରାପର୍ସ ଭୀମରାଓ ଜୋଗୁ, ସର୍‌ଫରାଜ ଶେଖ୍ ଓ ଫିଜଲ ଅନ୍‌ସାରୀ ଏହି ଗୀତରେ ଉତ୍ସାହ ଯୋଡ଼ିବାକୁ ଭରପୂର ପ୍ରୟାସ କରିଛନ୍ତି। ଆସନ୍ତା ହୋଲିରେ ଏହି ଗୀତ ଧମାଲ ମଚାଇବ ବୋଲି ସିନେ ସମୀକ୍ଷକମାନେ ଆକଳନ କରିଛନ୍ତି। କିଛିଦିନ ତଳେ 'ସିକନ୍ଦର'ର ଅନ୍ୟ ଏକ ଗୀତ 'ଜୋହରା ଜବିଁ' ରିଲିଜ୍ ହୋଇଥିଲା। ଉକ୍ତ ଗୀତରେ ସଲମାନ ଓ ରଶ୍ମିକାଙ୍କ କେମେଷ୍ଟ୍ରିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ପ୍ରକାଶ ଯେ, ଫିଲ୍ମ ନିର୍ମାତା ସାଜିଦ୍ ନାଡିଆଡ୍‌ୱାଲାଙ୍କ 'ସିକନ୍ଦର' ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବରିଷ୍ଠ ସଙ୍ଗୀତଜ୍ଞ ପ୍ରୀତମ ଚକ୍ରବର୍ତ୍ତୀ।



ସଲମାନ ଖାନ୍




## ରାଉରକେଲା ମହାନଗର ନିଗମକୁ ବଦଳି ହେଲେ ବିପୁଳ ନାୟକ

ଭୁବନେଶ୍ୱର,୧୦।୩ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ଆସିଷ୍ଟାଣ୍ଟ ଟାଉନ୍ ପ୍ଲାନର ଭାବେ କାର୍ଯ୍ୟ କରୁଥିବା ବିପୁଳ ନାୟକଙ୍କୁ ରାଉରକେଲା ମହାନଗର ନିଗମକୁ ବଦଳି କରାଯାଇଛି। ବିପୁଳ ସେଠାରେ ଆସିଷ୍ଟାଣ୍ଟ ଟାଉନ୍ ପ୍ଲାନର ଭାବେ ଦାୟିତ୍ୱ ତୁଲାଇବେ। ଏନେଇ ସୋମବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।


କୋରାପୁଟରେ ଏକ ହୋଟେଲରେ ନିର୍ଦ୍ଦେଶକ ରାଜାମୌଲୀଙ୍କ ସହ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା।
(ଫଟୋ: ଅମିତାଭ ବେହେରା/କୃତିବାସ ପ୍ରଧାନ)


ପାରାଦୀପ ଫସ୍‌ଫେଟ୍ ଲିମିଟେଡ(ପିପିଏଲ୍)ର କର୍ପୋରେଟ ଆଫେୟାର୍ସ ହେଡ୍ ସୁଧି ରଞ୍ଜନ ମିଶ୍ର ସୋମବାର ଭୁବନେଶ୍ୱର ରାଜଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି।

## ଗ୍ରୀଷ୍ମପ୍ରବାହ: ୭ ଜିଲ୍ଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୯।୩ (ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ହେଲା ଅଧିକାଂଶ ସ୍ଥାନରେ ତାପମାତ୍ରା ୩୭° ଡିଗ୍ରୀ ସେଲସିୟସ୍ ଉପରେ ରହୁଛି। ସୋମବାର ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୮ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି ବଲାଙ୍ଗୀର ଓ ଝାରସୁଗୁଡ଼ାରେ ୩୭.୪, ସୋନପୁର ୩୭.୨, ଭବାନୀପାଟଣା ୩୭, ସୁନ୍ଦରଗଡ଼ ଓ ସମ୍ବଲପୁରରେ ତାପମାତ୍ରା ୩୬.୯ ଡିଗ୍ରୀ ରହିଥିଲା। ତେବେ ଆଗକୁ ପାରଦ ୪୦ ଡିଗ୍ରୀ ଟପିଯିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ଆସନ୍ତା



୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ହିଟ୍ ୱେଭ୍ ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବୌଦ୍ଧ, ସମ୍ବଲପୁର, ସୋନପୁର, ବଲାଙ୍ଗୀର, କଳାହାଣ୍ଡି ଓ ଝାରସୁଗୁଡ଼ା ଆଦି ୭ଜିଲାରେ ହିଟ୍ ୱେଭ୍ ଜାରି ରହିବାର ସମ୍ଭାବନା ଥିବାରୁ ସମ୍ପୃକ୍ତ ଜିଲାଗୁଡିକୁ ୟେଲୋ ୱାର୍ନିଂ ଦେଇଛି ପାଣିପାଗ କେନ୍ଦ୍ର।

## ଶ୍ରେଣୀଗୃହ ବାହାରେ ପାଠ ପଢ଼ିଲେ ୩ ପିଲା

**ଅଣଶୁଦ୍ଧିଆ ଥିବାରୁ ବାହାର କରାଯାଇଥିବା ଚର୍ଚ୍ଚା**

ବାଲିକୁଦା, ୧୦।୩(ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଠାକୁରପାଟଣା ପ୍ରାଥମିକ ବିଦ୍ୟାଳୟରେ ୩ ଜଣ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀଗୃହ ବାହାରେ ବସି ପାଠପଢୁଥିବା ଭିଡିଓ ଭାଇରାଲ ହୋଇଛି। ପରିବାରରେ ଅଣଶୁଦ୍ଧିଆ ଚାଲିଥିବାରୁ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ପ୍ରଧାନଶିକ୍ଷୟିତ୍ରୀ ଶ୍ରେଣୀଗୃହ ବାହାରେ ବସେଇଥିବା ଚର୍ଚ୍ଚା ହେଉଛି। ଏହି ଭିଡିଓ ଭାଇରାଲ ହେବାପରେ ପ୍ରଧାନଶିକ୍ଷୟିତ୍ରୀଙ୍କ ଛୁଆଁଅଛୁଆଁ ମନୋଭାବକୁ ନେଇ ଅଭିଭାବକମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବିଇଓ ବିଜୟ ସ୍ୱାଇଁଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ସେ ଅବଗତ ଅଛନ୍ତି। ଏହାର ତଦନ୍ତ କରାଯିବ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁଙ୍କୁ ପଚାରିବାରେ ଏହାପଛରେ ତାଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ। ପିଲାମାନେ ଦୁଷ୍ଟାମି କରୁଥିବାରୁ ବିରକ୍ତ ହୋଇ ୩ ଜଣଙ୍କୁ ଅଲଗା ବସାଇଥିବା କହିଛନ୍ତି।

## ହୋଲି ପାଇଁ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧୦।୩ (ଅନୁରାଧା ମହାରଣା)

ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଗୁରୁତ୍ୱପୂର୍ଣ୍ଣ ଟ୍ରେନ ରୁଟ୍‌ରେ ଚାଲୁଥିବା ନିୟମିତ ଟ୍ରେନ୍‌ରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ଦୂର ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ହୋଲି ଉତ୍ସବ ସମୟରେ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ୩ ଯୋଡା ହୋଲି ସ୍ୱତନ୍ତ୍ର ଟ୍ରେନ୍ ଚେରଲାପାଲ୍ଲୀ (ହାଇଦ୍ରାବାଦ), କୋଲକାତା ଏବଂ ବେଙ୍ଗାଲୁରୁକୁ ଚଳାଚଳ କରାଇବ। ସେହିଭଳି ଏହିବାଟ ଦେଇ ପୂର୍ବରୁ ଚଳାଚଳ କରୁଥିବା କିଛି ସ୍ୱତନ୍ତ୍ର ଟ୍ରେନର ସେବାକୁ ମଧ୍ୟ ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର-ଚେରଲାପାଲି (ହାଇଦ୍ରାବାଦ)-ଭୁବନେଶ୍ୱର ହୋଲି ସ୍ପେଶାଲ ମାର୍ଚ୍ଚ ୧୦ରୁ ୨୪ ତାରିଖ ମଧ୍ୟରେ ପ୍ରତି ସୋମବାର ଭୁବନେଶ୍ୱରରୁ ଛାଡ଼ିବ। ଫେରିବା ମାର୍ଗରେ, ଚେରଲାପାଲି-ଭୁବନେଶ୍ୱର ହୋଲି ସ୍ପେଶାଲ ମାର୍ଚ୍ଚ ୧୧ରୁ ୨୫ ତାରିଖ ମଧ୍ୟରେ ପ୍ରତି ମଙ୍ଗଳବାର ଚେରଲାପାଲିରୁ ଛାଡି ଭୁବନେଶ୍ୱର ଯାତ୍ରା କରିବ। କୋଲକାତା-ପୁରୀ-କୋଲକାତା ହୋଲି ସ୍ପେଶାଲ ମାର୍ଚ୍ଚ ୧୩, ୧୮ ଏବଂ ୨୦ରେ କୋଲକାତାରୁ ଛାଡ଼ିବ। ଫେରିବା ଦିଗରେ ପୁରୀରୁ ପୁରୀ-କୋଲକାତା ହୋଲି ସ୍ପେଶାଲ ମାର୍ଚ୍ଚ ୧୪, ୧୯ ଏବଂ ୨୧ ତାରିଖରେ ଛାଡି କୋଲକାତା ଯାତ୍ରା କରିବ। ବିଶାଖାପାଟଣା - ବେଙ୍ଗାଲୁରୁ - ବିଶାଖାପାଟଣା ହୋଲି ସ୍ପେଶାଲ ବିଶାଖାପାଟଣାରୁ ୨୩ ମାର୍ଚ୍ଚ ମଧ୍ୟରେ ପ୍ରତି ରବିବାର ଅପରାହ୍ନ ୩ଟା ୩୦ରେ ଛାଡି ବେଙ୍ଗାଲୁରୁ ଯାତ୍ରା କରିବ। ଫେରିବା ଦିଗରେ ଏହି ଟ୍ରେନ୍ ବେଙ୍ଗାଲୁରୁରୁ ମାର୍ଚ୍ଚ ୧୦ରୁ ୨୪ ମଧ୍ୟରେ ପ୍ରତି ସୋମବାର ଅପରାହ୍ନ ୩ଟା ୩୦ରେ ଛାଡି ବିଶାଖାପାଟଣା ଯାତ୍ରା କରିବ।

ଅନ୍ୟପକ୍ଷରେ ଉଧନା (ସୁରଟ)-ଖୋର୍ଦ୍ଧା ରୋଡ ସ୍ପେଶାଲ ଟ୍ରେନ୍ ବ୍ରହ୍ମପୁର-ବିଜିଆନଗରମ-ରାୟଗଡ଼ା-ଟିଟିଲାଗଡ଼ ଏବଂ ରାୟପୁର ମାର୍ଗ ଦେଇ ଉଧନା (ସୁରଟ)-ଖୋର୍ଦ୍ଧା ରୋଡ୍-ଉଧନା ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ ଚଳାଚଳ ଅବଧିକୁ ଏପ୍ରିଲ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସାନ୍ତ୍ରାଗାଛି-ପୁରୀ-ସାନ୍ତ୍ରାଗାଛି ସାପ୍ତାହିକ ବିଶେଷ ଟ୍ରେନ, ଶାଲିମାର-ପୁରୀ-ଶାଲିମାର ସାପ୍ତାହିକ ସ୍ପେଶାଲ ଏବଂ ଭଞ୍ଜପୁର (ବାରିପଦା)-ପୁରୀ-ଭଞ୍ଜପୁର ଦ୍ୱିସାପ୍ତାହିକ ସ୍ପେଶାଲ ଟ୍ରେନ ଚଳାଚଳ ଅବଧିକୁ ଜୁନ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଭୁବନେଶ୍ୱର-ଯଶବନ୍ତପୁର (ବାଙ୍ଗାଲୋର)-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ, ସମ୍ବଲପୁର-ଏରୋଡ (ତାମିଲନାଡୁ)-ସମ୍ବଲପୁର ସାପ୍ତାହିକ ସ୍ପେଶାଲ, ବିଶାଖାପାଟଣା-ଶାଲିମାର-ବିଶାଖାପାଟଣା ସାପ୍ତାହିକ ସ୍ପେଶାଲ ଏବଂ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଦୈନିକ ଚଳାଚଳ କରୁଥିବା ସ୍ପେଶାଲ ଟ୍ରେନ, ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସାପ୍ତାହିକ ସ୍ପେଶାଲ ଟ୍ରେନ ଚଳାଚଳ ଦିବସକୁ ଏପ୍ରିଲ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

# ସବୁଜ ଶକ୍ତିର ବ୍ୟବହାର, ଉତ୍ପାଦନ ପାଇଁ ପ୍ରତିଶ୍ରୁତିବଦ୍ଧ: ସିଂଦେଓ

**୧୦୦୦ ମେଗାୱାଟ୍‌ର ପିଏସ୍‌ପି ପ୍ରକଳ୍ପ ନେଇ ସମୀକ୍ଷା ବୈଠକ**


ସମୀକ୍ଷା ବୈଠକରେ ଉପମଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅଧିକାରୀମାନେ।

ଭୁବନେଶ୍ୱର,୧୦।୩ (ଅନୁରାଧା ମହାରଣା)

ରାଜ୍ୟରେ ହେବାକୁ ଥିବା ୧୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ପମ୍ପଡ ଷ୍ଟୋରେଜ ପ୍ରୋଜେକ୍ଟ (ପିଏସ୍‌ପି) ନେଇ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏଥିରେ ଅଧ୍ୟକ୍ଷତା କରି କହିଲେ, ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର। ଏସବୁର ସଦୁପଯୋଗ କରି ଅକ୍ଷୟ ଶକ୍ତିର ଉତ୍ସକୁ ବିକଶିତ କରାଯାଉଛି। ଅକ୍ଷୟ ଶକ୍ତିରେ ପିଏସ୍‌ପିର ଗୁରୁତ୍ୱ ରହିଛି। ବର୍ତ୍ତମାନ ଓଡ଼ିଶାର ୪୫ଟି ସ୍ଥାନକୁ ପିଏସ୍‌ପି ପ୍ରକଳ୍ପ ପାଇଁ ଚିହ୍ନଟ କରାଯାଇଛି। ସେଥିରୁ ୧୦ଟି ପ୍ରକଳ୍ପ ସରକାରୀ ସ୍ତରରେ ବିଭିନ୍ନ ପିଏସ୍‌ୟୁଙ୍କ ଦ୍ୱାରା କରାଯିବା ଯୋଜନା ରହିଛି। ଏହା ବ୍ୟତୀତ କିଛି କମ୍ପାନୀ କେତେକ ସ୍ଥାନକୁ ନିଜସ୍ୱ ଭାବେ ଚିହ୍ନଟ କରିଛନ୍ତି। ଏସବୁର ବିକାଶ କାର୍ଯ୍ୟ ପ୍ରଥମେ ଆବେଦନ କରିଥିବା କମ୍ପାନୀଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଯିବ ବୋଲି ସିଂଦେଓ କହିଛନ୍ତି। ନିକଟରେ ଅନୁଷ୍ଠିତ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ତେଲଙ୍ଗାନାର ସଙ୍ଗମମ୍ ପାୱାର୍ ପ୍ରୋଜେକ୍ଟ କମ୍ପାନୀ ଓଡ଼ିଶା ସରକାରଙ୍କ ସହ ପିଏସ୍‌ପି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ଏହି ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଆଲୋଚନା କରିଥିଲେ। ବୈଠକରେ ସ୍ୱଚ୍ଛ ଇନ୍ଧନ, ସବୁଜ ଶକ୍ତିର ବ୍ୟବହାର ନେଇ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ମଧ୍ୟ ସବୁଜ ଶକ୍ତିର ଉତ୍ପାଦନ ତଥା ବ୍ୟବହାର ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

ସୂଚନାଥାଉକି, କୋରାପୁଟ ଜିଲାର ସୁଙ୍କିଠାରେ ପିଏସ୍‌ପି କରିବା ପାଇଁ ସଙ୍ଗମମ ପାୱାର୍ ପ୍ରୋଜେକ୍ଟ କମ୍ପାନୀ କାର୍ଯ୍ୟସାରଣୀ ବା ଡିପିଆର୍ ପ୍ରସ୍ତୁତ କରିଛନ୍ତି। ୧୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପ ଦିନକୁ ୬ ଘଣ୍ଟା ବିଦ୍ୟୁତ ଉତ୍ପାଦନ କରିବ। ପ୍ରକଳ୍ପ ଆରମ୍ଭ ନିମନ୍ତେ ରାଜ୍ୟ ସରକାରଙ୍କଠାରୁ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଓ ଅନ୍ୟାନ୍ୟ ସରକାରୀ ପ୍ରୋତ୍ସାହନ ଯୋଗାଇଦେବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଏବଂ ଅନ୍ୟ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଇଡ୍‌କୋ ମ୍ୟାନେଜିଂ ଡାଇରେକ୍ଟର ଭୂପେନ୍ଦ୍ର ସିଂ ପୁନିଆ, ସଙ୍ଗମମ୍ ପାୱାରର ଡାଇରେକ୍ଟର ଦୀପକ ମାଥୁର, ଭାସ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ମାଟ୍ରିକ୍ ପରୀକ୍ଷାଖାତା ଦେଖା ପାଇଁ ପରୀକ୍ଷକ ନିଯୁକ୍ତି

କଟକ,୧୦।୩(କାର୍ତ୍ତିକ ସାହୁ)

ଆସନ୍ତା ୧୯ ତାରିଖରୁ ମାଟ୍ରିକ୍ ପରୀକ୍ଷା ଖାତା ଦେଖା ଆରମ୍ଭ ହେବ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏଥିପାଇଁ ପରୀକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ପରୀକ୍ଷକମାନଙ୍କ ନିଯୁକ୍ତିପତ୍ର ବୋର୍ଡ ୱେବ୍‌ସାଇଟ୍ (www.bseodisha.ac.in)ରେ ସୋମବାରଠାରୁ ଉପଲବ୍ଧ ହୋଇଛି। ହାଇସ୍କୁଲର ମୁଖ୍ୟମାନେ ବୋର୍ଡ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ଲିଙ୍କ୍‌ରୁ ପରୀକ୍ଷକଙ୍କ ନିଯୁକ୍ତିପତ୍ର ଡାଉନ୍‌ଲୋଡ୍ କରିପାରିବେ। ଏଥିସହ ପ୍ରତି ହାଇସ୍କୁଲରୁ ଶିକ୍ଷୟିତ୍ରୀ/ଶିକ୍ଷକମାନେ ପରୀକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି କି ନାହିଁ ତାହା ଜାଣିପାରିବେ। ପରୀକ୍ଷକ ଭାବେ ନିଯୁକ୍ତ ହୋଇଥିବା ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ସମୟାନୁସାରେ ରିଲିଭ କରିବାକୁ ବୋର୍ଡ ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ସେମାନେ ମୂଲ୍ୟାୟନ କେନ୍ଦ୍ରରେ ଆସନ୍ତା ୧୮ ତାରିଖରେ ଯୋଗଦାନ କରିପାରିବେ।




## ଛାତ୍ରୀନିବାସରେ ନିଆଁ

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ କୁଳିଅଣା (ଗୋପୀନାଥ ବେହେରା),୧୦।୩

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ୍ ଅଧୀନ ଚାନ୍ଦୁଆସ୍ଥିତ ସରକାରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀନିବାସରେ ସୋମବାର ଅପରାହ୍ନ ୧ଟା ୩୦ ସମୟରେ ଅଗ୍ନିକାଣ୍ଡ ଘଟିଛି। ଜେନେରେଟର ଥିବା କୋଠରିରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ବିଜ୍ଞାନ ଉପକରଣ ଓ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୩୮ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ସେଥିମଧ୍ୟରୁ ୧୨୭ ଜଣ ବାଳିକା ଅନ୍ତେବାସୀ ଭାବେ ଛାତ୍ରୀନିବାସରେ ରୁହନ୍ତି। ଅଗ୍ନିକାଣ୍ଡ ପରେ ସମସ୍ତ ଛାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇଥିବା ଓ କାହାର କିଛି କ୍ଷତି ଘଟି ନ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆର୍ଣ୍ଣମଣି ବାସ୍କେ କହିଛନ୍ତି।

# ଜଳୁଛି ଶାଗୁଆନ ଜଙ୍ଗଲ

- ନଷ୍ଟ ହେଉଛି ମୂଲ୍ୟବାନ୍ ଗଛ
- ନିଆଁ ରୋକିବାରେ ବିଫଳ ବନ ବିଭାଗ
- ଧୂଆଁରେ ଅଣନିଃଶ୍ୱାସୀ ଲୋକେ


ଜଳୁଥିବା ଶାଗୁଆନ ଜଙ୍ଗଲ।

କୋରୁକୋଣ୍ଡା, ୧୦।୩(ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକ ପେଟ୍ରେଲ ଛକଠାରୁ କିଛି ଦୂରରେ ଥିବା କୁପୁଲିଗୁଡା ଗ୍ରାମକୁ ଲାଗିଥିବା ଶାଗୁଆନ ଜଙ୍ଗଲରେ ସୋମବାର ନିଆଁ ଲାଗି ଜଳୁଥିବା ବେଳେ ଏହାର ଆଲୋକ ଓ ଧୂଆଁ ବହୁ ଦୂର ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଥିଲା। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଏ ସମ୍ପର୍କରେ ବନ ବିଭାଗ ପାଖରେ କୌଣସି ସୂଚନା ନ ଥିଲା। ଅପରାହ୍ନ ପ୍ରାୟ ୧ଟାରେ ବନ ବିଭାଗର ଦୁଇଜଣ କର୍ମଚାରୀ ପହଞ୍ଚି ଥିଲେ। ଏମାନେ ପହଞ୍ଚିବା ପୂର୍ବରୁ ଜଳୁଥିବା ନିଆଁ ପ୍ରଭାବରେ ସେହି ଜଙ୍ଗଲରେ ଥିବା ବହୁ ମୂଲ୍ୟବାନ ଗଛ ସମେତ ଅନ୍ୟାନ୍ୟ ଗଛମୂଳ ପୋଡି ଯାଇଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଗତ ଶନିବାର ଏହି ଅଞ୍ଚଳର ତଥା ତେନ୍ତୁଳିଗୁଡ଼ା ଗ୍ରାମ ନିକଟ ବାଲିମେଳା -ମାଲକାନଗିରି ମୁଖ୍ୟ ରାସ୍ତା ପାର୍ଶ୍ୱ ଜଙ୍ଗଲରେ ନିଆଁ ଲାଗି ବହୁ ଗଛ ପୋଡି ଯାଇଥିଲା। ସେହିପରି ଫେବୃଆରୀ ୨୮ ରେ ଏମ୍‌ଭି-୩୫ ଗ୍ରାମ ଛକ ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଶାଗୁଆନ ଜଙ୍ଗଲରେ ନିଆଁ ଲାଗି ନଷ୍ଟ ହୋଇଥିଲା। ଫେବୃଆରୀ ୧୭ ରେ ପୋଟ୍ରେଲ ପଞ୍ଚାୟତ କ୍ରସର ନିକଟରେ ଥିବା ପାହାଡ଼ରେ ନିଆଁ ଲାଗି ବହୁ ଗଛ କ୍ଷତିଗ୍ରସ୍ତ ହୋଇଥିଲା। ଏହାକୁ ରୋକିବାରେ ବନ ବିଭାଗ ବିଫଳ ହୋଇଥିବା ଲୋକେ କହିଛନ୍ତି। ପ୍ରବଳ ଧୂଆଁରେ ଅଞ୍ଚଳବାସୀ ଅଣନିଃଶ୍ୱାସୀ ହେବା ସହିତ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅଞ୍ଚବାସୀଙ୍କୁ ବନ ବିଭାଗ ପକ୍ଷରୁ ସଚେତନ କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଭଗବାନଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ ଆଶ୍ରୟ, ସାହାଯ୍ୟ ବା ନିରାପତ୍ତା ଆଶା କରିବାର ମନୋଭାବ କଦାପି ପୋଷଣ କରନାହିଁ । ...ମନ୍ଦିରର ଖୁବ୍ ଗଭୀରକୁ ଚାଲିଯାଅ । ସେଠାରେ ହିଁ ମୋତେ ଦେଖିପାରିବ । –ଶ୍ରୀମା

-ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ



# ଶିକ୍ଷାପାଣ୍ଠି

ମାର୍ଚ୍ଚ ୧୦ ତାରିଖରେ ଲୋକ ସଭାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାମିଲନାଡୁର ଡିଏମ୍‌କେ ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ଓ ପିଏମ୍‌ଶ୍ରୀ ଯୋଜନାକୁ ଅଗ୍ରାହ୍ୟ କରି ପିଲାମାନଙ୍କ ଭବିଷ୍ୟତକୁ ବିପଦରେ ପକାଉଛନ୍ତି । ତେବେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଶିକ୍ଷାମନ୍ତ୍ରୀଙ୍କ ମନ୍ତବ୍ୟକୁ ତୀବ୍ର ନିନ୍ଦା କରିବା ସହ ସେ ଅହଂକାର ପ୍ରଦର୍ଶନ କରୁଥିବା ଏବଂ ତାମିଲନାଡୁର ଲୋକେ ଜାତୀୟ ଶିକ୍ଷାନୀତିକୁ ବିରୋଧ କରୁଥିବାରୁ ସେମାନଙ୍କୁ ଅସମ୍ମାନ କରିଥିବା ଅଭିଯୋଗ କରିଛନ୍ତି । ଭାଷାରେ ବାଧା ସୃଷ୍ଟି କରିବା ଡିଏମ୍‌କେର ମୁଖ୍ୟ କାମ ଏବଂ ତାମିଲନାଡୁ ସରକାର ରାଜନୀତି କରୁଛନ୍ତି, ସେମାନେ ଅଗଣତାନ୍ତ୍ରିକ ଓ ଅସଭ୍ୟ ବୋଲି କହିଥିବା ଶିକ୍ଷାମନ୍ତ୍ରୀଙ୍କ ମନ୍ତବ୍ୟକୁ ଷ୍ଟାଲିନ୍ ବିରୋଧ କରିଛନ୍ତି । ତାମିଲନାଡୁ ଲୋକଙ୍କ ପ୍ରତି ଏଭଳି ଅପମାନକୁ ପ୍ରଧାନମନ୍ତ୍ରୀ ସମର୍ଥନ କରୁଛନ୍ତି କି ବୋଲି ଷ୍ଟାଲିନ୍ ପ୍ରଶ୍ନ ଉଠାଇଛନ୍ତି । ତେବେ ନିଜ ମନ୍ତବ୍ୟକୁ ନେଇ ବିବାଦ ଉପୁଜିବା ପରେ ଧର୍ମେନ୍ଦ୍ର ତାହାକୁ ପ୍ରତ୍ୟାହାର କରିନେଉଛନ୍ତି ବୋଲି କହିଥିଲେ । ଏହାପରେ ବାଚସ୍ପତି ଓମ୍ ବିର୍ଲା ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ମନ୍ତବ୍ୟକୁ ସଂସଦର ରେକର୍ଡରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସତ୍ତ୍ୱେ ଷ୍ଟାଲିନ୍ ଅଟକି ଯାଇନାହାନ୍ତି, ଶିକ୍ଷାମନ୍ତ୍ରୀ ମଧ୍ୟ କେନ୍ଦ୍ରର ସମଗ୍ର ଶିକ୍ଷା ଅଭିଯାନରେ ତାଙ୍କ ରାଜ୍ୟକୁ ପାଣ୍ଠି ଯୋଗାଣରେ ବିଳମ୍ବ କରୁଥିବା କହିଛନ୍ତି । ଏହା ବ୍ୟତୀତ ଷ୍ଟାଲିନ୍ ପ୍ରଶ୍ନ କରିଛନ୍ତି ଯେ, ଆମ ଉପରେ ଟିକସ ଲଦିଦେବା ପରିବର୍ତ୍ତେ ଛାତ୍ରଛାତ୍ରୀଙ୍କ ପାଇଁ ପାଣ୍ଠି ଯୋଗାଇବା ସମ୍ଭବ କି ନାହିଁ ମନ୍ତ୍ରୀ ସିଧା ଉତ୍ତର ଦେଇପାରିବେ କି । ଏଠାରେ ସୂଚିତ କରାଯାଇପାରେ ଯେ, ନିକଟରେ ତାମିଲନାଡୁ ଏନ୍‌ଇପିର ତିନି ଭାଷା ଫର୍ମୁଲାକୁ ଗ୍ରହଣ କରିବାକୁ ମନା କରିଦେଇଥିଲା ।

> ମନେରଖିବାକୁ ହେବ ଯେ ତାମିଲନାଡୁ, କର୍ନାଟକ, ମହାରାଷ୍ଟ୍ର ଭଳି ଅନ୍ୟ କେତୋଟି ରାଜ୍ୟ ଦ୍ୱାରା କେନ୍ଦ୍ର ସରକାରଙ୍କୁ ବହୁମାତ୍ରାରେ ଟିକସ ଯୋଗାଇ ଦିଆଯାଉଛି । ବିଶେଷକରି ଦକ୍ଷିଣ ରାଜ୍ୟଗୁଡ଼ିକଠାରୁ ଜିଏସ୍‌ଟି ସଂଗ୍ରହର ପରିମାଣ ବହୁତ ଅଧିକ ରହୁଛି । ସେହି ତଥ୍ୟ ଦେଖିଲେ ବୁଝାପଡ଼େ ଯେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଦିଆଯାଉଥିବା ଶିକ୍ଷା ସହିତ ଜଡ଼ିତ ଅର୍ଥ ମିଳିବା ଉପରେ ମନ୍ତବ୍ୟ କାହାରି ଦ୍ୱାରା ଗ୍ରହଣୀୟ ହେବ ନାହିଁ ।

ଦେଖିବାକୁ ଗଲେ ଭାରତ ଭଳି ବିଶାଳ ଗଣତାନ୍ତ୍ରିକ ଦେଶରେ ସଂଘୀୟ ବ୍ୟବସ୍ଥାରେ ଉଭୟ କେନ୍ଦ୍ର ଓ ରାଜ୍ୟର ଭୂମିକା ରହିଛି । କେନ୍ଦ୍ରର କେତେକ କାର୍ଯ୍ୟର ଦାୟିତ୍ୱ ଥିବାବେଳେ ରାଜ୍ୟଗୁଡ଼ିକର ମଧ୍ୟ କେତେକ ନିର୍ଦ୍ଦିଷ୍ଟ ଦାୟିତ୍ୱ ରହିଛି । ତତ୍ ସଙ୍ଗେ ସଙ୍ଗେ ଗୋଟିଏ ମିଳିତ ତାଲିକା ରହିଛି ଯେଉଁଥିପାଇଁ ଉଭୟେ ଦାୟୀ । ସେଥିମଧ୍ୟରେ ଶିକ୍ଷା ହେଉଛି ଭାରତ ସମ୍ବିଧାନର ଏକ ବିଷୟ, ଯେଉଁଥିରେ ଉଭୟ କେନ୍ଦ୍ର ଓ ରାଜ୍ୟର ଦାୟିତ୍ୱ ରହିଛି । ଉଭୟ ଏହା ଉପରେ ଆଇନ ତିଆରି କରି ଲାଗୁ କରିପାରିବେ । କିନ୍ତୁ ରାଜ୍ୟ ପାଇଁ କେନ୍ଦ୍ର କରୁଥିବା ଯୋଜନା କେତେ ଭଲ ତାହା ରାଜ୍ୟଗୁଡ଼ିକ ପାଖରେ ସମୀକ୍ଷା କରିବାର ଅଧିକାର ରହିଛି । ଶିକ୍ଷା ସମ୍ପର୍କିତ ସବୁ କେନ୍ଦ୍ରୀୟ ନିଷ୍ପତ୍ତିକୁ ରାଜ୍ୟଗୁଡ଼ିକ ଉପରେ ଲଦି ଦିଆଗଲେ ସେମାନେ ସମ୍ବିଧାନ ଅନୁଯାୟୀ ମାନିବାକୁ ବାଧ୍ୟ ନୁହନ୍ତି । ତେଣୁ ଶିକ୍ଷା ଭଳି ବିଷୟ କନ୍‌କରେଣ୍ଟ ବା ମିଳିତ ତାଲିକାରେ ଥିବା ହେତୁ ରାଜ୍ୟଗୁଡ଼ିକ ସହିତ ଆଲୋଚନା କରି ନିଷ୍ପତ୍ତି ନେବା ହେଉଛି କେନ୍ଦ୍ରର ଦାୟିତ୍ୱ । ଏହା ସ୍ୱୀକାର କରାଯାଇପାରେ ଯେ ହିନ୍ଦୀକୁ ସବୁ ରାଜ୍ୟ ଉପରେ ଲଦିଦେବା ପାଇଁ ଏକ ବଡ଼ଧରଣର ଲୁକ୍କାୟିତ ରାଜନୈତିକ ମସୁଧା କିଛିବର୍ଷ ହେଲା ଉଗ୍ରରୂପ ଧାରଣ କରିଛି । ଓଡ଼ିଶା ଭଳି ରାଜ୍ୟରେ ନିଜ ମାତୃଭାଷା ପାଇଁ ସାଧାରଣ ନାଗରିକଙ୍କର ଶ୍ରଦ୍ଧାର ବିଶେଷ ଅଭାବ ଥିବା ହେତୁ କେନ୍ଦ୍ରର ନିଷ୍ପତ୍ତି ମୁଣ୍ଡପାତି ସହିଯିବାକୁ ଉଭୟ ସରକାର ଏବଂ ଜନସାଧାରଣ ପସନ୍ଦ କରିଥାନ୍ତି । କିନ୍ତୁ ତାମିଲନାଡୁ ଭଳି ସ୍ୱାଭିମାନୀ ରାଜ୍ୟରେ ନିଜ ମାତୃଭାଷା ପାଇଁ ପ୍ରେମ ଏକ ବଡ଼ ଶକ୍ତି ଭାବେ ଦୀର୍ଘଦିନ ଧରି ଗଢ଼ିଉଠିଛି । ସେଥିପାଇଁ ଓଡ଼ିଶା ସମେତ ଉତ୍ତର ଭାରତର ଅନେକ ରାଜ୍ୟରୁ ଯୁବତୀଯୁବକ ତାମିଲନାଡୁ, କର୍ନାଟକ ଭଳି ଦକ୍ଷିଣ ରାଜ୍ୟକୁ ଯାଇ ଚାକିରି ଖୋଜୁଛନ୍ତି । ଏହା କୁହାଯାଇପାରେ ଯେ କ୍ୱଚିତ ଯୁବକ ଦକ୍ଷିଣ ରାଜ୍ୟରୁ ଆସି ଓଡ଼ିଶା କିମ୍ବା କୌଣସି ହିନ୍ଦୀଭାଷୀ ଅଞ୍ଚଳରେ ଚାକିରି ଖୋଜୁଛନ୍ତି । ଏହାର ଅର୍ଥ ହେଲା ହିନ୍ଦୀ ଶିଖୁଥିବା ଯୁବପିଢ଼ିଙ୍କର ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ । ଏହା ପରିବର୍ତ୍ତେ ଇଂଲିଶ ଶିଖିଲେ ଦେଶ ଛଡ଼ା ବିଦେଶରେ ମଧ୍ୟ କାର୍ଯ୍ୟ କରିବା ସହଜ ହୋଇଥାଏ । ଏହି ମୌଳିକ ସତ୍ୟକୁ ଅଣଦେଖା କଲେ ଭାରତର ଭବିଷ୍ୟତକୁ ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତି ମାଧ୍ୟମରେ ଅନ୍ଧକାରର ଯୁଗକୁ ଠେଲିଦେବାର ଚେଷ୍ଟା କରାଯାଉଛି ବୋଲି କୁହାଯାଇପାରିବ । ଏହାଛଡ଼ା ମନେରଖିବାକୁ ହେବ ଯେ ତାମିଲନାଡୁ, କର୍ନାଟକ, ମହାରାଷ୍ଟ୍ର ଭଳି ଅନ୍ୟ କେତୋଟି ରାଜ୍ୟ ଦ୍ୱାରା କେନ୍ଦ୍ର ସରକାରଙ୍କୁ ବହୁମାତ୍ରାରେ ଟିକସ ଯୋଗାଇ ଦିଆଯାଉଛି । ବିଶେଷକରି ଦକ୍ଷିଣ ରାଜ୍ୟଗୁଡ଼ିକଠାରୁ ଜିଏସ୍‌ଟି ସଂଗ୍ରହର ପରିମାଣ ବହୁତ ଅଧିକ ରହୁଛି । ସେହି ତଥ୍ୟ ଦେଖିଲେ ବୁଝାପଡ଼େ ଯେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଦିଆଯାଉଥିବା ଶିକ୍ଷା ସହିତ ଜଡ଼ିତ ଅର୍ଥ ମିଳିବା ଉପରେ ମନ୍ତବ୍ୟ କାହାରି ଦ୍ୱାରା ଗ୍ରହଣୀୟ ହେବ ନାହିଁ । କାରଣ ଟିକସ ଆଦାୟ କେବଳ ରାଜ୍ୟଗୁଡ଼ିକଠାରୁ ହୋଇଥାଏ, ଏହାର ଲାଭ କେନ୍ଦ୍ରକୁ ମିଳିଥାଏ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | 7 | 4 | | | | |
| | 7 | | | | | | | 4 |
| | 3 | | | | | 1 | | |
| | | 4 | | 8 | | | | |
| | | | | | | 5 | | |
| 7 | | | | | 2 | | | 6 |
| | 4 | 6 | | 7 | | | 9 | 8 |
| 3 | 5 | | | | 6 | | 2 | |
| | | | 9 | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 4 | 9 | 2 | 8 | 1 | 5 | 7 |
| 2 | 7 | 9 | 6 | 1 | 5 | 8 | 4 | 3 |
| 8 | 5 | 1 | 3 | 7 | 4 | 9 | 6 | 2 |
| 7 | 9 | 2 | 4 | 6 | 1 | 5 | 3 | 8 |
| 4 | 8 | 6 | 5 | 3 | 7 | 2 | 1 | 9 |
| 1 | 3 | 5 | 8 | 9 | 2 | 4 | 7 | 6 |
| 5 | 4 | 3 | 7 | 8 | 9 | 6 | 2 | 1 |
| 6 | 2 | 8 | 1 | 5 | 3 | 7 | 9 | 4 |
| 9 | 1 | 7 | 2 | 4 | 6 | 3 | 8 | 5 |

ଗତକାଲିର ଉତ୍ତର

# ଘରୋଇ ଶିକ୍ଷାର ଅନ୍ତରାଳେ



ଅକ୍ଷୟ କୁମାର ମିଶ୍ର

ସମ୍ପ୍ରତି ଶିକ୍ଷା ବ୍ୟବସ୍ଥାରେ ଘରୋଇକରଣର ତୀବ୍ରତା ଯେ ଅଧିକ ଏହାକୁ ସ୍ୱୀକାର କରିବାକୁ ପଡ଼ିବ । ଗାଆଁରୁ ସହର ସବୁଠି, ପ୍ରାଥମିକରୁ ଉଚ୍ଚଶିକ୍ଷା ସବୁ ସ୍ତରରେ ଶିକ୍ଷା ଏକ ପଣ୍ୟ ଦ୍ରବ୍ୟ ଭାବରେ କ୍ରୟ ବିକ୍ରୟ ହେଉଛି । ତେବେ ଶିକ୍ଷା ପଣ୍ୟଦ୍ରବ୍ୟ ରୂପେ ବିକ୍ରି ହେଲେ ଅସୁବିଧା କ'ଣ ? ଅନେକ ଲୋକ ଭାବନ୍ତି ଏହା ବରଂ ଭଲ । ସାମର୍ଥ୍ୟ ଅନୁଯାୟୀ ପିତାମାତାମାନେ ତାଙ୍କ ପୁଅଝିଅଙ୍କୁ ଉତ୍ତମ ତଥା ଉପଯୁକ୍ତ ଶିକ୍ଷା ପ୍ରଦାନ କରିପାରିବେ । ଇଚ୍ଛା ଅନୁଯାୟୀ ଶିକ୍ଷାନୁଷ୍ଠାନ ଚୟନ କରିପାରିବେ ଏବଂ ବଜାରର ଚାହିଦାକୁ ଲକ୍ଷ୍ୟକରି ମାର୍ଗ ବାଛିବେ । ସରକାରଙ୍କ ଉପରୁ ବୋଝ କମିବ , ବ୍ୟୟଭାର ହ୍ରାସ ହେବ । ଯେଉଁମାନେ ପାରୁନାହାନ୍ତି ସେମାନଙ୍କ କଥା ସରକାର ବୁଝନ୍ତୁ । ସମସ୍ତଙ୍କ ଦାୟିତ୍ୱ ନେବାକୁ ଗଲେ ଗୁଣାତ୍ମକ ଶିକ୍ଷା ଯୋଗାଇବାରେ ସରକାର ବ୍ୟର୍ଥ ହେବେ । ଫଳରେ ଆଖୁ ସାଙ୍ଗକୁ ଅନାବନା ଘାସ ପାଣି ପାଇବା ପରି ସଭିଏଁ ସମଦଶା ଭୋଗିବେ । ଏହା କେତେ ଯୁକ୍ତିସଙ୍ଗତ ଏବଂ ସୁସ୍ଥ ସମାଜ ଗଠନରେ ସହାୟକ ହେବ ତାହା ହିଁ ଆଲୋଚ୍ୟ ବିଷୟ ।

ଶିକ୍ଷା ଏମିତି ଏକ ବ୍ୟବସ୍ଥା ଯାହା ମଣିଷର ଜୀବିକା, ଜୀବନଚର୍ଯ୍ୟା, ବ୍ୟବହାର, ଚାଲିଚଳନ ସବୁକିଛି ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇଥାଏ । ଶିକ୍ଷା ମଣିଷର କେବଳ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶର ଚାବିକାଠି ନୁହେଁ ବରଂ ମଣିଷର ଚେତନାର ଅବରୁଦ୍ଧ ଦ୍ୱାରକୁ ଖୋଲିବାରେ ଏହା ଖୋରାକ ଯୋଗାଏ । ଏହା ମଣିଷକୁ ଆତ୍ମନିର୍ଭରଶୀଳ ହେବାରେ ଯେତିକି ସାହାଯ୍ୟକରେ ସେତିକି ଆତ୍ମସଂଯମୀ କରାଏ । ଏହା ଅଜ୍ଞତାରୁ ମୁକ୍ତିଦିଏ, ଅପସଂସ୍କୃତିଠାରୁ ଦୂରେଇ ନିଏ । କିନ୍ତୁ ଶିକ୍ଷା ଯେତେବେଳେ ବିକ୍ରୟ ଓ କ୍ରୟ ପରିସରଭୁକ୍ତ ହୋଇଯିବ ସେତେବେଳେ ପୁଞ୍ଜିନିବେଶର କଥା ଉଠିବ । ଯିଏ ପୁଞ୍ଜିବିନିଯୋଗକରି ଶିକ୍ଷାନୁଷ୍ଠାନ ଖୋଲିବ ସେ ସେଠାରୁ ଲାଭ କେମିତି ଆସିବ ତାହା ଚିନ୍ତା କରିବ । ଲାଭରୁ ଆସିବ ଲୋଭ । ଲୋଭ ବଢ଼ିଲେ ମୂଲ୍ୟବୋଧ କମିବ । ମୂଲ୍ୟବୋଧର ହ୍ରାସ ହେଲେ ଶୋଷଣ ଅବାଧ ଗତିରେ ଚାଲିବ । ଏମିତି ଗୋଟିଏ ବି ଘରୋଇ ଶିକ୍ଷାନୁଷ୍ଠାନ ନାହିଁ ଯେଉଁଠି ଛାତ୍ରୀଛାତ୍ରମାନେ ଶୋଷଣର ଶିକାର ହେଉ ନାହାନ୍ତି । ଏହାକୁ ଅତି ସହଜରେ ବୁଝିହେବ ଯଦି ପ୍ରତ୍ୟେକ ଘରୋଇ ଶିକ୍ଷାନୁଷ୍ଠାନର ଶୈଶବ ଓ କୈଶୋର ଅବସ୍ଥାର ଚେହେରାକୁ ବିଶ୍ଳେଷଣ କରାଯାଏ । ୧୦/୧୫ ବର୍ଷ ଭିତରେ ଅଭୂତପୂର୍ବ ପରିବର୍ତ୍ତନ ଘଟୁଛି ଏହି ଧରଣର ଶିକ୍ଷାନୁଷ୍ଠାନଗୁଡ଼ିକରେ । ବିସ୍ତୀର୍ଣ୍ଣ ପରିସର, ଆଖି ପାଏ ନାହିଁ । ଅନେକ ନଭଶ୍ଚୁମ୍ବୀ ଅଟ୍ଟାଳିକା ଛିଡ଼ା ହୋଇଯାଏ କେତୋଟି ବର୍ଷ ଭିତରେ । ସାଙ୍ଗକୁ ଅତ୍ୟାଧୁନିକ ଭିତ୍ତିଭୂମି, ଆଖି ଝଲସିଲା ଭଳି ସାଜସଜ୍ଜା ସବୁ କିଛିରେ ଯାଦୁକରୀ ପରିବର୍ତ୍ତନ । ଦେଶ ବିଦେଶରୁ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ବହୁ କୋଟି ଟଙ୍କା ବିନିମୟରେ ବହୁଳ ପ୍ରଚାର ଅଭିଯାନ ଚାଲୁଛି । ଏତେ ଅର୍ଥ ଆସୁଛି କେଉଁଠୁ ? ଗୋଟିଏ ମାତ୍ର



ଉତ୍ତର ଉତ୍ତମ ଶିକ୍ଷା ପାଇଁ ଯେଉଁ ଛାତ୍ରୀଛାତ୍ରମାନେ ଏହିସବୁ ଶିକ୍ଷାନୁଷ୍ଠାନରେ ଭର୍ତ୍ତି ହେଉଛନ୍ତି ସେମାନଙ୍କ ଅଭିଭାବକଙ୍କଠାରୁ ନିଶ୍ଚୟ । ଆମେ କହିପାରିବା ନାହିଁ ଯେଉଁ ଅଭିଭାବକମାନେ ତାଙ୍କ ପିଲାମାନଙ୍କୁ ଏହିସବୁ ବିଦ୍ୟାଳୟ, ମହାବିଦ୍ୟାଳୟ ଅଥବା ବିଶ୍ୱବିଦ୍ୟାଳୟରେ ପଢ଼ାଉଛନ୍ତି ସେମାନେ ସମସ୍ତେ ଧନୀ ଏବଂ ସମସ୍ତଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣରେ ଅର୍ଥ ମହଜୁଦ ଅଛି । ଯଦି ନିରପେକ୍ଷ ତଦନ୍ତ କରାଯାଏ ତେବେ ଜଣାପଡ଼ିବ ଯେ ଏମାନଙ୍କ ଭିତରୁ ଅନେକେ ଏହି ଅର୍ଥକୁ ଭରଣାକରିବା ପାଇଁ ଜମିବାଡ଼ି ବିକ୍ରି କରିଦେଉଛନ୍ତି, କେହି କେହି ଋଣ ଯନ୍ତା ଭିତରେ ପଡ଼ି ଛଟପଟ ହେଉଛନ୍ତି ।

ମାତ୍ର ଦିନକୁ ଦିନ ଘରୋଇ ଶିକ୍ଷାର ଚାହିଦା ବଢ଼ୁଛି । ଡିଗ୍ରୀଧାରୀ ବେକାର ଯୁବତୀଯୁବକଙ୍କର ଅଭାବ ନାହିଁ, ଯେଉଁମାନେ ପାଠ ପଢ଼ାଇବେ । ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ସରକାରୀ ନୀତି ଅତୀବ କୋହଳ । ମିଛସତ କହି ପିଲା ଗୋଟାଇବା ପାଇଁ ଦଲାଲ ଅଛନ୍ତି । ବାସ୍, ଘରଟିଏ ଭଡ଼ା ନେଇ ଶିକ୍ଷା ଶିଳ୍ପଟିଏ ଖୋଲି ଦେଲେ କେଇଟା ଦିନରେ ମାଲାମାଲ୍ । ମାଛତେଲରେ ମାଛ ଭଜାହେବ । ନିଜସ୍ୱ କ୍ୟାମ୍ପସ୍ ତିଆରି କରିବାକୁ ବେଶିଦିନ ଲାଗିବନାହିଁ । ଆଉ ଯିଏ ନେଇଆଣି ଥୋଇ ପାରିଲା, ପ୍ରଶାସନ ଏବଂ ସରକାରଙ୍କ ସହ ଭିତିରେ ସମ୍ପର୍କ ରଖିପାରିଲା ତା'ର କଟେପୁଅ ବାର । ଏହାକୁ ଦେଖାଦେଖି ଏହି ପ୍ରକାର ଶିଳ୍ପ ଗାଆଁଠାରୁ ସହର ଯାଏ ସବୁଠି ଛତୁଫୁଟିବା ପରି ଗଢ଼ି ଉଠିଛି, ଉଠୁଛି । ଆଜି ଦେଶରେ କେତୋଟି ଘରୋଇ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ବିଦ୍ୟାଳୟ ଅଛି ତା'ର ହିସାବ କେହି କହିପାରିବେ ନାହିଁ ।

ଘରୋଇ ଶିକ୍ଷା ବ୍ୟବସ୍ଥାରେ କେବଳ ଶିକ୍ଷା ଗ୍ରହୀତାମାନେ ଶୋଷଣର ଶିକାର ହେଉଛନ୍ତି ତାହା ନୁହେଁ, ଯେଉଁମାନେ ଶିକ୍ଷା ଦେଉଛନ୍ତି ସେମାନେ ମଧ୍ୟ ଶୋଷିତ ହେଉଛନ୍ତି । ସରକାରୀ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ, ଅଧ୍ୟାପକ, ପ୍ରାଧ୍ୟାପକମାନଙ୍କ ପାଇଁ ମାସିକ ବେତନର ବ୍ୟବସ୍ଥା ଥିବାବେଳେ ଘରୋଇ ଶିକ୍ଷାନୁଷ୍ଠାନରେ ବାର୍ଷିକ ପ୍ୟାକେଜ୍ ତାହା ପୁଣି ମାଲିକଙ୍କ ମର୍ଜି ଉପରେ ନିର୍ଭରକରେ । ବାର୍ଷିକ ଦରମା ବୃଦ୍ଧି ବ୍ୟବସ୍ଥା ରହିବା ସହ ୬ମାସ ଅନ୍ତରରେ ବର୍ଦ୍ଧିତ ମହଙ୍ଗା ଭତ୍ତା ମୂଲ୍ୟ ସୂଚକାଙ୍କକୁ ଦୃଷ୍ଟିରେ ରଖି ପ୍ରଦାନ କରାଯାଏ ସରକାରୀ ସ୍ତରରେ । ସୁନିର୍ଦ୍ଦିଷ୍ଟ ଚାକିରି ସର୍ତ୍ତାବଳୀ ସାଙ୍ଗକୁ ଅବସରକାଳୀନ ସୁବିଧା ସୁଯୋଗ ମଧ୍ୟ ରହିଛି । ମାତ୍ର ଘରୋଇ ଶିକ୍ଷାନୁଷ୍ଠାନରେ ଯେଉଁମାନେ ଶିକ୍ଷକତା କରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଏସବୁର ବ୍ୟବସ୍ଥା ନ ଥିବା ବେଳେ ଯାହା ବି ଅଛି ତା'ର କୌଣସି ସ୍ଥାୟିତ୍ୱ ନାହିଁ । ଘଡ଼ିକେ ଘୋଡ଼ା ଛୁଟିଲା ଭଳି ନିୟମ ପରିବର୍ତ୍ତନ ହୁଏ । ସରକାରୀ ଭାବେ ନିଯୁକ୍ତ ବେତନ ଆୟୋଗ ଯେଉଁ ବେତନ ନିର୍ଦ୍ଧାରଣ କରନ୍ତି ତାହା କୌଣସି ଘରୋଇ ଶିକ୍ଷାନୁଷ୍ଠାନରେ ଲାଗୁ ହୁଏନାହିଁ । ଏମାନେ ବର୍ଦ୍ଧିତ ବେକାରି ହାରର ସୁଯୋଗ ନେଇ ଉଚ୍ଚଶିକ୍ଷିତ ଯୁବତୀଯୁବକଙ୍କୁ କମ୍ ପାରିଶ୍ରମିକ ଦେଇ ବେଶି କାମ ଆଦାୟ କରନ୍ତି । ତଥାପି ଏମାନେ ପ୍ରତିବାଦ କରିପାରନ୍ତି ନାହିଁ । ପାଟି ଖୋଲିଲେ ବହିଷ୍କାରର ଭୟ । ସବୁ ଅନ୍ୟାୟ ଅନୀତିକୁ ମଥାପାତି ମାନି ନିଅନ୍ତି ଏହି ଶିକ୍ଷିତ ଯୁବତୀଯୁବକମାନେ । ଏମିତିକି ସରକାର ନିର୍ଦ୍ଧାରଣ କରିଥିବା କୁଶଳୀ କାରିଗରଠାରୁ ମଧ୍ୟ କମ୍‌ପାରିଶ୍ରମିକରେ ଏମାନେ ଶିକ୍ଷାଦାନ କରୁଛନ୍ତି ।

କେବଳ ଶୋଷଣ ନୁହେଁ , ବହୁ ଲକ୍ଷ ଟଙ୍କା ବିନିମୟରେ ଯେଉଁମାନେ ଶିକ୍ଷାକୁ କ୍ରୟ କରୁଛନ୍ତି ସେମାନଙ୍କ ଭିତରେ ଏକ ବ୍ୟବସାୟିକ ମନୋବୃତ୍ତି ସୃଷ୍ଟି ହୋଇଯାଉଛି । ମାନବୀୟ ମୂଲ୍ୟବୋଧ କମି କମି ଆସୁଛି । ଉଦାହରଣ ସ୍ୱରୂପ କୋଟିଏ ଟଙ୍କା ଖର୍ଚ୍ଚକରି ଡାକ୍ତର ହେବା ପରେ ସେ ରୋଗୀ ସେବା କରିବ ନା ଯେକୌଣସି ପ୍ରକାରେ ବହୁ କୋଟି ଟଙ୍କା ଉପାର୍ଜନ କରିବାକୁ ମନ ବଳାଇବ ତାହା ହିଁ ବିଚାର ସାପେକ୍ଷ । ଦ୍ୱିତୀୟରେ ଡାକ୍ତରୀ ପାଠ ପଢ଼ିବା ପାଇଁ ଯେଉଁ ଯୋଗ୍ୟତା ହାସଲ କରିବାକୁ ପଡ଼େ ତାହା ନ କରି ମଧ୍ୟ ପ୍ରଚୁର ଟଙ୍କା ଖର୍ଚ୍ଚକରି ଏହା ଅଧ୍ୟୟନ କରୁଛନ୍ତି । ଏହା କେବଳ ଘରୋଇ ଶିକ୍ଷାନୁଷ୍ଠାନରେ ସମ୍ଭବ ହୋଇପାରେ । ଏହା ଫଳରେ ଦକ୍ଷତା ଆଜି ସନ୍ଦେହର କାଠଗଡ଼ାରେ ।

କୌଣସି ଘରୋଇ ଶିକ୍ଷାନୁଷ୍ଠାନ ସାମୂହିକ ଦକ୍ଷତା ଉପରେ ଗୁରୁତ୍ୱ ଦିଏନାହିଁ । ସେଇଥିପାଇଁ ସଂଘୀୟ କାର୍ଯ୍ୟକ୍ରମର ଏମାନେ ପରିପନ୍ଥୀ । ବିଦ୍ୟାର୍ଥୀ କେବଳ ନିଜେ ନିଜର ଅଭାବ ଅସୁବିଧା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇପାରିବେ । କିନ୍ତୁ ଅନ୍ୟର ଅସୁବିଧା ସମ୍ପର୍କରେ ଜଣାଇବାର ସ୍ୱାଧୀନତା କାହାକୁ ଦିଆଯାଏ ନାହିଁ । ସଂଘ, ସଙ୍ଗଠନ, ସଂସଦ ଗଢ଼ିବାର ଅଧିକାର ଏଠାରେ ନାହିଁ । ଫଳରେ ଏହିସବୁ ଶିକ୍ଷାନୁଷ୍ଠାନରେ ଯେତେ ଅନ୍ୟାୟ, ଅନୀତି, ଦୁର୍ନୀତି, ଶୋଷଣ, କଷଣ, କେଲେଙ୍କାରୀ ହେଲେ ମଧ୍ୟ ଛାତ୍ରୀଛାତ୍ରଙ୍କ ଅସନ୍ତୋଷ ଦେଖିବାକୁ ମିଳେ ନାହିଁ । ଭବିଷ୍ୟତକୁ ଦୃଷ୍ଟିରେ ରଖି ସହିଯିବାକୁ ଏମାନେ ବାଧ୍ୟ ହୁଅନ୍ତି । ଭିତରର ଗୁମର ପଦାକୁ ଆସେ ନାହିଁ । ମନଲୋଭା ବାହ୍ୟ ପରିବେଶ, ନିଯୁକ୍ତିର ମିଛ ଗ୍ୟାରେଣ୍ଟି ତଥା ମିଛ ମାନ୍ୟତାକୁ ଲକ୍ଷ୍ୟକରି ଧନ, ମନ, ଯୌବନ ଅଜାଡ଼ି ଦିଅନ୍ତି ଛାତ୍ରୀଛାତ୍ରମାନେ ।

ଉପସଂହାରରେ ଏତିକି କହିବି, ଶିକ୍ଷାରେ ଘରୋଇକରଣ ଅଥବା ବ୍ୟବସାୟୀକରଣ ଦ୍ୱାରା ମଣିଷର ବୌଦ୍ଧିକ ବିକାଶ ହୁଏତ କେତେକାଂଶରେ ସମ୍ଭବ ହୁଏ, କିନ୍ତୁ ତା'ର ସର୍ବାଙ୍ଗୀନ ବିକାଶ ଘଟେ ନାହିଁ । ସମାଜର ସମତୁଲ ବିକାଶ ହେବା ପରିବର୍ତ୍ତେ ବୈଷମ୍ୟ ତୀବ୍ରତର ହୁଏ । ଏହା କଦାପି ସାର୍ବଜନୀନ ଶିକ୍ଷାର ବିକଳ୍ପ ହୋଇପାରିବ ନାହିଁ । ପ୍ରତ୍ୟେକଟି ଶିଶୁ, କିଶୋର ଓ ଯୁବକଙ୍କୁ ଶିକ୍ଷା ଅଧିକାର ଆଇନର ପରିସରଭୁକ୍ତ କରିବାକୁ ହେଲେ ଶିକ୍ଷାର ବଜାରୀକରଣକୁ ନିରୁତ୍ସାହିତ କରିବା ସଙ୍ଗେ ସଙ୍ଗେ ସରକାରୀ ସାର୍ବଜନୀନ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବା ବାଞ୍ଛନୀୟ ।

**ସଭାପତି, ଓଷ୍ଟା**
**ମୋ:୯୯୩୮୭୬୩୨୩୭**

# ସଫଳତାର ପ୍ରଥମ ପାହାଚ ଜିଜ୍ଞାସା



ଡ. ମନୋରଞ୍ଜନ ପ୍ରଧାନ

ସମସ୍ତେ ସଫଳତାର ପଛରେ ଧାବମାନ । କିନ୍ତୁ ସଫଳତା ବିଶୁଦ୍ଧ ଯୋଜନା ଓ ଉପଯୁକ୍ତ କ୍ରିୟାନ୍ୱୟନର ଫଳ ଶ୍ରୁତି । ସେଥିପାଇଁ ପ୍ରଥମ ପାହାଚ ହେଉଛି ଜିଜ୍ଞାସା । ଯେଉଁ ବିଷୟରେ ବି କିଛି କରିବାକୁ ଯାଉଛନ୍ତି ତାହା ସମ୍ବନ୍ଧରେ ବିଶେଷ ଜ୍ଞାନ, ଦକ୍ଷତା ଓ ଅନୁଭବ ବିନା କାର୍ଯ୍ୟସିଦ୍ଧି ଅସମ୍ଭବ ଓ ଅସମ୍ପୂର୍ଣ୍ଣ । ସେଥିପାଇଁ ଉଦ୍ୟୋକ୍ତାଙ୍କୁ ଉଦ୍ୟମ କରିବାକୁ ପଡ଼ିବ ନିଜର ଅସୀମ ଜିଜ୍ଞାସା ମାଧ୍ୟମରେ । ଭାରତୀୟ ଜ୍ଞାନ ପରମ୍ପରାରେ ଜିଜ୍ଞାସା ଓ ପ୍ରଶ୍ନୋତ୍ତରୀର ସ୍ଥାନ ଶୀର୍ଷରେ । ସେଥିପାଇଁ ପ୍ରାଚୀନ ଭାରତର ଜ୍ଞାନ ଓ ବିଜ୍ଞାନ ପରମ୍ପରା ବିଶ୍ୱ ବନ୍ଦନୀୟ ଥିଲା । ଋଷି, ତପସ୍ୱୀମାନଙ୍କ ଜିଜ୍ଞାସାର ଫଳ ଆମେ ସମସ୍ତେ ଜାଣନ୍ତି । ପୁତ୍ର ନଚିକେତାର ଜିଜ୍ଞାସା ହିଁ କଠୋପନିଷଦରେ ଜନ୍ମ ଓ ମୃତ୍ୟୁ ଭେଦର ମର୍ମକଥା ଆଜି ଆମ ସମ୍ମୁଖରେ ଉପଲବ୍ଧ । ଧନୁର୍ଦ୍ଧର ତୃତୀୟ ପାଣ୍ଡବ ଅର୍ଜୁନଙ୍କ ଜିଜ୍ଞାସା ଓ ଜଗଦ୍‌ଗୁରୁ ଶ୍ରୀକୃଷ୍ଣଙ୍କର ସମୟୋପଯୋଗୀ ପ୍ରତ୍ୟୁତ୍ତର ହିଁ ଆଜି ବିଶ୍ୱକୁ ଭଗବତ୍ ଗୀତା ଭଳି ଅମୃତ ଆମେ ପାଇଛୁ, ଯାହାକୁ ସାରା ବିଶ୍ୱ ଆଜି ସର୍ବୋଚ୍ଚ ମାର୍ଗଦର୍ଶନ ଓ ଉପଦେଶନ ମାର୍ଗଦର୍ଶିକା ଭାବରେ ଗ୍ରହଣ କରିଛି । କବିଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ଜିଜ୍ଞାସା ଓ ଶିଖିବାର ମାନସିକତା ହିଁ ବୟସର ସାନ୍ଧ୍ୟ କାଳରେ ମାଟିରେ କୁଟିର ନିର୍ମାଣର କଳା ଶିକ୍ଷା ପାଇଁ ପ୍ରେରିତ କରିଥିଲା । କେବଳ ସେତିକି ନୁହେଁ, ଭାରତୀୟମାନଙ୍କ ଜିଜ୍ଞାସା ହେତୁ ଆମେ ସବୁ କ୍ଷେତ୍ରରେ ସମୃଦ୍ଧ ଥିଲେ । ଆଜି ମଧ୍ୟ ଜିଜ୍ଞାସୁ ଭାରତୀୟମାନଙ୍କ କୃତି ଓ କୀର୍ତ୍ତି ହେତୁ ସାରା ବିଶ୍ୱରେ ଭାରତୀୟମାନେ ସବୁ କ୍ଷେତ୍ରରେ ନେତୃତ୍ୱ ନେଉଛନ୍ତି ।

ସମସ୍ତେ ଜାଣନ୍ତି ସେଓ ଗଛରୁ ପଡ଼ିଲେ ତଳେ ପଡେ । କିନ୍ତୁ ସେଦିନ ନିଉଟନଙ୍କ ଜିଜ୍ଞାସା ହିଁ ଆଜି ବିଜ୍ଞାନ କ୍ଷେତ୍ରରେ ନୂତନ ଦିଶା ଦେଖେଇପାରିଛି । ସାମନ୍ତ ଚନ୍ଦ୍ରଶେଖରଙ୍କ ଅହେତୁକ ଜିଜ୍ଞାସା ହିଁ ବାଉଁଶ ନଳୀ ଉପଯୋଗ କରି ଆକାଶରେ ଗ୍ରହ, ଉପଗ୍ରହ ଗଣିବାକୁ ପ୍ରେରଣା ଦେଇଥିଲା । ତେଣୁ ଜିଜ୍ଞାସା ପ୍ରତ୍ୟେକ ଜ୍ଞାନ, ବିଜ୍ଞାନ ଓ ପ୍ରଜ୍ଞାନର ମୂଳାଧାର । କେବଳ ଜିଜ୍ଞାସାରେ କାମ ସରିଯିବ ନାହିଁ । ତାକୁ ବଳ ଦେବା ପାଇଁ ସୁନ୍ଦର ପରିବେଶ, ସକାରାତ୍ମକ ସହଯୋଗ ଓ ମାର୍ଗଦର୍ଶନ ଦରକାର । ବିଶେଷକରି ବୌଦ୍ଧିକ ସ୍ୱତନ୍ତ୍ରତା ହିଁ ଜିଜ୍ଞାସୁ ମଣିଷର ଜ୍ଞାନ ତୃଷ୍ଣାକୁ ମେଣ୍ଟେଇପାରିବ । ଉଦାହରଣ ସ୍ୱରୂପ ଗୋଟିଏ ଛାତ୍ରୀ ବା ଛାତ୍ର ଶ୍ରେଣୀ ପ୍ରକୋଷ୍ଠରେ ପୁସ୍ତକାଶ୍ରିତ ପ୍ରସଙ୍ଗଠାରୁ କିଛି ଭିନ୍ନ ଚିନ୍ତନ ବା ପ୍ରୟୋଗ ପାଇଁ ଜାଣିବାକୁ ଚାହୁଁଛନ୍ତି । ଯଦି ଶିକ୍ଷକ ତା'ର ମନୋବଳ, ଜିଜ୍ଞାସା ଓ ନୂତନ ସମ୍ଭାବନାକୁ ସମ୍ମାନ ନ ଦେଇ ତା'ର ପାଟି ବନ୍ଦ କରି ଅପମାନ କରନ୍ତି, ତେବେ ଭ୍ରୂଣ ହତ୍ୟା ଭଳି ଦଶା ହେବ । ତେଣୁ ଶିକ୍ଷକମାନଙ୍କର ପ୍ରଥମ କାର୍ଯ୍ୟ ଶିକ୍ଷାର୍ଥୀମାନଙ୍କୁ ଶୁଣିବା, ସେମାନଙ୍କ ଭାବନାକୁ ବୁଝିବା, ସ୍ୱୀକୃତି ଦେବା ଓ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହନ ଦେବା ।

ଜିଜ୍ଞାସା ଶିଶୁ ଓ ବ୍ୟକ୍ତି ଭିତରେ ଅନେକ ପ୍ରଶ୍ନ ସୃଷ୍ଟି କରେ ଏବଂ ସେସବୁ ପ୍ରଶ୍ନର ଠିକ ଉତ୍ତର ପାଇବା ପାଇଁ ନିଜର ଚିନ୍ତା ଓ ଚେତନାକୁ ଉଜାଗର କରେ । ଆତ୍ମ-



ବିଶ୍ଳେଷଣ ଓ ସମୀକ୍ଷା ମାଧ୍ୟମରେ ସମୁଚିତ ଉତ୍ତର ଖୋଜେ । ନୂତନ ଜ୍ଞାନ ସଂରଚନା ପାଇଁ ସ୍ୱାଧ୍ୟାୟ କରେ । ଆବଶ୍ୟକ ପଡ଼ିଲେ ଗୁରୁଜନମାନଙ୍କ ସହ ବିମର୍ଶ କରି ଉପଦେଶନ ଓ ପରାମର୍ଶ ଜରିଆରେ ପ୍ରଶ୍ନଗୁଡ଼ିକର ଉତ୍ତର ପାଇବାକୁ ଚେଷ୍ଟା । ଏହି ଜିଜ୍ଞାସା ଓ ନିରନ୍ତର ପ୍ରଚେଷ୍ଟା ହିଁ ତାଙ୍କୁ ବିଶେଷ ଜ୍ଞାନର ଅଧିକାରୀ । ଫଳତଃ ବିଜ୍ଞାନୀ ମଣିଷ ଭାବରେ ପରିଚିତ ହୁଏ ।

ଆମର ଯେକୌଣସି ଶାସ୍ତ୍ର ପୁରାଣକୁ ଜାଣିବାକୁ ବା ପଢ଼ିବାକୁ ଇଚ୍ଛା କରନ୍ତୁ, ପ୍ରାୟତଃ ଦୁଇଟି କଥା ଅନୁମାନ କରାଯାଇପାରେ । ପ୍ରଥମରେ ଦୁଇ ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ମଧ୍ୟରେ ବିମର୍ଶ ଓ ଆଲୋଚନା ହୁଏ କୌଣସି ଜିଜ୍ଞାସାକୁ ନେଇ । ସେହି ଜିଜ୍ଞାସା ଓ ଆତୁରତା ହିଁ ସୃଷ୍ଟି କରେ ଜ୍ଞାନ ସଂରଚନାର ମହାଦ୍ରୁମ । ଦିତୀୟରେ, ବିମର୍ଶ ସମୟରେ କିଏ କାହାଠାରୁ ଅଧିକ ବିଜ୍ଞ ଓ ପ୍ରାଜ୍ଞଙ୍କ କଥା ଚିନ୍ତାକରି ନ ଥାନ୍ତି । ବରଂ ପରସ୍ପରଠାରୁ ଶୁଣିବା ଓ ଶିଖିବାର ମାନସିକତା ରଖିଥାନ୍ତି । ମହାଭାରତ ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣ ପ୍ରଥମେ ଅର୍ଜୁନଙ୍କୁ ଶୁଣିଛନ୍ତି, ତାଙ୍କ ଜ୍ଞାନର ପରିଧିକୁ ମାପିଛନ୍ତି ଏବଂ ତା'ପରେ ମାର୍ଗଦର୍ଶନ କରିଛନ୍ତି । ଅର୍ଜୁନଙ୍କ ଅତ୍ୟଧିକ ପ୍ରଶ୍ନ ଶୁଣି ବିରକ୍ତ ହୋଇ ନାହାନ୍ତି କି କୌଣସି ପ୍ରଶ୍ନର ଉତ୍ତର ନ ଦେଇ ଭଣ୍ଡେଇବାକୁ ସାମାନ୍ୟ ପ୍ରୟାସ ମଧ୍ୟ କରିନାହାନ୍ତି । ବରଂ ଅନୁଭବ ଓ ଅନୁଭୂତି ଆଧାରରେ ସବୁ ପ୍ରଶ୍ନର ଉତ୍ତର ଜିଜ୍ଞାସୁ ଅର୍ଜୁନଙ୍କୁ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ଓ ପ୍ରତ୍ୟକ୍ଷ କ୍ରିୟାଶୀଳ ହୋଇ ସମାଧାନ ଖୋଜିବାକୁ ପ୍ରୋତ୍ସାହନ ଦେଇଛନ୍ତି । ଯେତେବେଳେ ଋଷି ଯଉମିନି ଗୁରୁ ମହର୍ଷି ବ୍ୟାସଦେବଙ୍କ ଗୋଟିଏ ଶ୍ଳୋକ ସହ ସହମତି ନ ହୋଇ କହିଲେ କି ଇନ୍ଦ୍ରିୟମାନେ ଜ୍ଞାନୀ ଲୋକମାନଙ୍କୁ ଆକର୍ଷଣ ଓ ଆକ୍ରମଣ କରିପାରିବେ ନାହିଁ, ସେତେବେଳେ ବ୍ୟାସଦେବ ଶିଷ୍ୟଙ୍କ ଜିଜ୍ଞାସା ଓ ଆହ୍ୱାନକୁ ସମ୍ମାନ ଜଣାଇ ଏକ ପରୀକ୍ଷା ମାଧ୍ୟମରେ ସନ୍ଦେହ ମୋଚନ କରିଥିଲେ । କିନ୍ତୁ ଶିଷ୍ୟକୁ ନାଲି ଆଖି ଦେଖେଇ ବା ନିଜକୁ ପଣ୍ଡିତମନ୍ୟ ଭାବି ତା'ର ଜିଜ୍ଞାସାକୁ ଅନାଦର ଓ ଅଣଦେଖା କରି ନ ଥିଲେ । ତେଣୁ ଜିଜ୍ଞାସା, ବିମର୍ଶ ଓ ପ୍ରଶ୍ନୋତ୍ତରୀ ହେଉଛି ଜ୍ଞାନ ସଂରଚନା ଓ ସଫଳତା ପ୍ରାପ୍ତିର ପ୍ରଥମ ପାହାଚ ଓ ବିଧିବଦ୍ଧ ସଫଳତାର ରଣନୀତି । ସେଥିପାଇଁ ପରିବାରଠାରୁ ଶିକ୍ଷାନୁଷ୍ଠାନ ଯାଏ ସମସ୍ତେ ଶିଶୁମାନଙ୍କ ଜିଜ୍ଞାସା ବୃଦ୍ଧି ପାଇଁ ପ୍ରୋତ୍ସାହନ ଦେବା ଉଚିତ । ସେମାନଙ୍କ ସବୁ ପ୍ରଶ୍ନର ଉତ୍ତର ଯଥାର୍ଥ ଭାବରେ ଦେବାପାଇଁ ପ୍ରଯତ୍ନ କରିବା ଉଚିତ୍ । ସେମାନଙ୍କୁ ଶାସନ ଦଣ୍ଡରେ ତଳିତଳାନ୍ତ ନ କରି ଅନୁଶାସନ ରୂପକ ଗଣତାନ୍ତ୍ରିକ ମର୍ଯ୍ୟାଦାକୁ ପାଳନ କରି ସେମାନଙ୍କୁ ପ୍ରଶ୍ନ ମାଧ୍ୟମରେ ଯେକୌଣସି ଜିଜ୍ଞାସା ବ୍ୟକ୍ତ କରିବା ପାଇଁ ସୁଯୋଗ ସୃଷ୍ଟି କରିପାରିଲେ ଭାରତବର୍ଷ ଜ୍ଞାନ ପରମ୍ପରାର ଅନନ୍ୟ ସ୍ୱାଧିକାରୀ ଭାବରେ ପୁନଃ ବିଶ୍ୱ ବନ୍ଦନୀୟ ହୋଇପାରିବ । ବିଶେଷକରି ଗୁରୁ ଶିଷ୍ୟ କଥନର ପ୍ରଖ୍ୟାତ ସଦ୍‌ଗ୍ରନ୍ଥ ଭଗବତ୍ ଗୀତାର ପ୍ରଶ୍ନୋତ୍ତରୀ ଓ ବିମର୍ଶ ପଦ୍ଧତିକୁ ଆଗ୍ରହର ସହ ସଦୁପଯୋଗ କରିପାରିଲେ ଏକ ଜ୍ଞାନୀ ସମାଜ ସୃଷ୍ଟି ହୋଇପାରିବ । କେବଳ ଅହଂକାର ଛାଡ଼ିଲେ ହେଲା ।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ: ୭୦୦୮୨୮୩୦୫୫**

## ଏଇ ଭାରତରେ

ପରିବେଶକୁ ଭଲପାଉଥିବା ମଣିଷ ସବୁବେଳେ ତାହାକୁ ସୁରକ୍ଷିତ ରଖିବା ପାଇଁ କାର୍ଯ୍ୟ କରନ୍ତି, ଯାହା କରୁଛନ୍ତି ପ୍ରଫେସର ଡ. ଶଙ୍କରଲାଲ ଗର୍ଗ । ସେ ୨୨ ଏକର ଜମିରେ ନିଜ ଖର୍ଚ୍ଚରେ ଏକ ଜଙ୍ଗଲ କରିଛନ୍ତି । ଗର୍ଗଙ୍କ ଘର ମଧ୍ୟପ୍ରଦେଶ ଇନ୍ଦୋରରେ । ୨୦୧୫ରେ ଇନ୍ଦୋରର ଏକ ସରକାରୀ ସ୍କୁଲର ପ୍ରିନ୍ସିପାଲ ଭାବେ କାର୍ଯ୍ୟକରି ଅବସର ନେବା ପରେ ସେ ଏକ କଲେଜ କରିବା ପାଇଁ ଜମି କିଣିଥିଲେ । କିନ୍ତୁ ତା' ବଦଳରେ ସେ ପରିବେଶ ସୁରକ୍ଷା ପାଇଁ କାମ କରିବାକୁ ନିଷ୍ପତ୍ତି ନେଇ କେସ୍‌ର ପାହାଡ଼ରେ ଗଛ ଲଗାଇବା ଆରମ୍ଭ କରିଥିଲେ । ଗଛ ବଢ଼ୁଥିବା ସମୟରେ ୨୦୧୯ରେ ବନାଗ୍ନିରେ ଜଙ୍ଗଲ ପୋଡ଼ି ନଷ୍ଟ ହୋଇଯାଇଥିଲା । ସେ ପଛକୁ ନ ହଟି ପୁନର୍ବାର ଜଙ୍ଗଲ ସୃଷ୍ଟି କରିବାରେ ଲାଗି ଯାଇଥିଲେ । ଗର୍ଗ ଏବେ ସୁଦ୍ଧା ୪୦,୦୦୦ ଗଛ ଲଗାଇଛନ୍ତି । ପ୍ରଥମେ ବର, ଅଶ୍ୱତ୍ଥ, ନିମ୍ବ, ପିଜୁଳି, ଆମ୍ବ ଗଛ ଲଗାଇବା ଆରମ୍ଭ କରିଥିଲେ । ଏଗୁଡ଼ିକ ସହ ସେଠାରେ ଏବେ ଇଟାଲୀ ଓ ସ୍ପେନର ଅଲିଭ, ଅଷ୍ଟ୍ରେଲିଆର ଆଭାକୋଡ଼ା, ମେକ୍ସିକୋର ଖଜୁରିଗଛ ଲଗାଇଛନ୍ତି । ଏହାବ୍ୟତୀତ ବିଭିନ୍ନ ପ୍ରକାର ଫୁଲ ଓ ଔଷଧୀୟ ଗଛ ମଧ୍ୟ ରୋପଣ କରିଛନ୍ତି । ସେଥିମଧ୍ୟରୁ ପାଖାପାଖି ୧୫,୦୦୦ ଗଛ ୧୨ ଫୁଟ ଉଚ୍ଚଯାଏ ବଢ଼ିଗଲାଣି । ଗର୍ଗ ସେଠାରେ ଆଉ ୧୦,୦୦୦ ଗଛ ଲଗାଇବା ଲାଗି ଯୋଜନା କରିଛନ୍ତି । ଏହି ଜଙ୍ଗଲରେ ଏବେ ୩୫ ପ୍ରକାର ପକ୍ଷୀ ଓ ଅନ୍ୟ ଛୋଟ ପ୍ରଜାତିର ପ୍ରାଣୀ ରହିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୧୧ ମାର୍ଚ୍ଚ ୧୯୭୬**

- ଭାରତୀୟ ଡାକତାର ବିଭାଗ ୮ଟି ସବ୍‌ସ୍କ୍ରାଇବର ଟ୍ରଙ୍କ୍ ଡାଏଲିଙ୍ଗ୍ ରୁଟ ଓ ୧୩ଟି ଅବିଳମ୍ବେ ଟେଲିଫୋନ ବ୍ୟବସ୍ଥା ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ କରିଛନ୍ତି ।
- ଦେଶର ଦୈନିକ ବିଦ୍ୟୁତ୍ ଉତ୍ପାଦନ ୨୫୧.୬୧ ନିୟୁତ ୟୁନିଟ୍‌କୁ ବୃଦ୍ଧି ପାଇ ଏକ ନୂତନ ରେକର୍ଡ ସୃଷ୍ଟି କରିଛି ।

## ପାଠକ ଶ୍ରେଷ୍ଠ ବିଚାରକ

### ଖରାପ ଧାନ ନେଉନାହାନ୍ତି ମିଲର୍ସ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ବ୍ଲକ୍‌ରେ ଗୋଟିଏ ଦୁଇଟି ମଣ୍ଡି ଉଦ୍‌ଘାଟନ, ନଡ଼ିଆ ଭଙ୍ଗା ଓ ଫିତାକଟା ମଧ୍ୟରେ ଧାନକିଣା ସୀମିତ ରହିଛି । ରାଜ୍ୟ ସରକାର ଏଫ୍‌ଏକ୍ୟୁ ମାନର ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବେ ବୋଲି ଘୋଷଣା କରିଥିଲେ । ଏହି ଆଶାରେ ଅନେକ ଚାଷୀ ନିଜ ଜମି ସହ ଭାଗରେ ଜମି ଆଣି ଚାଷ କରିଥିଲେ । ଅଦିନିଆ ବର୍ଷାରେ ଫସଲ ନଷ୍ଟ ହେଲା । ଯେଉଁମାନେ ଋଣ ଆଣି ଚାଷ କରିଛନ୍ତି ସେମାନେ ଚାପରେ ରହୁଛନ୍ତି । ସତ୍ୟବାଦୀ ବ୍ଲକ୍‌ର ୨୪ ଗୋଟି ପଞ୍ଚାୟତରେ ଚାଷୀ ସମୁଦାୟ ଧାନବସ୍ତାକୁ ପାଲ ଘୋଡ଼ାଇ ଘରବାରଣ୍ଡା ଆଗରେ, ଖଳାରେ ଓ ରାସ୍ତା ପାର୍ଶ୍ୱରେ ଥାକମାରି ରଖିଛନ୍ତି । କାଁ ଭାଁ ମଣ୍ଡି ତ ଖୋଲାଗଲା, କିନ୍ତୁ ଧାନ କିଣାଯାଉନାହିଁ । ଫଳରେ ଚାଷୀମାନେ ଦଲାଲଙ୍କ ଜରିଆରେ ମିଲ୍‌ରେ ଧାନ ବିକ୍ରୟ କରିବାକୁ ଏକ ପ୍ରକାର ବାଧ୍ୟ ହେଉଛନ୍ତି । ତେବେ ମିଲରଙ୍କ ଚକ୍ରବ୍ୟୂହରେ ଜିଲାରେ ଧାନମଣ୍ଡି ଖୋଲୁ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି ।

–ଦେବବ୍ରତ ମିଶ୍ର, ସାକ୍ଷୀଗୋପାଳ, ପୁରୀ

## ଚିରନ୍ତନୀ

ଚଳ ଗୋ ତୁମେ କାହାର ଲାଗି
ଆଜି ନିଶୀଥେ କିଏ ଅଭାଗୀ
ରହିଛି ଜାଗି ଢାଳି ତପତ ଶ୍ୱାସ ଗୋ
ପରାଣେ ବହି ତୀବ୍ରତମ ପ୍ରାସ ଗୋ ।
–(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ମୋଟରସାଇକେଲରେ ଗଞ୍ଜେଇ ଚାଲାଣ ବେଳେ ନୟାପଲ୍ଲୀ ପୋଲିସ ଏକାମ୍ର ପାର୍କ ନିକଟରେ ଚଢ଼ାଉକରି ୨ ନିଶା ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଗଞ୍ଜାମ କୋଦଳା ଥାନା ଅଞ୍ଚଳର ତୋଫାନ ବେହେରା ଓ ଟୁକୁନା ପଣ୍ଡା। ତାଙ୍କଠାରୁ ୯ କେଜି ଗଞ୍ଜେଇ ଓ ୩୦୦ ଟଙ୍କା ଓ ଅପରାଧରେ ବ୍ୟବହୃତ ବାଇକ୍ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଗୋଚାଲାଣ, ଜଣେ ଗିରଫ

ଭୁବନେଶ୍ୱର,୧୦।୩ (ସୂର୍ଯ୍ୟକାନ୍ତ ବେହେରା): ପିକ୍‌ଅପ୍ ଭ୍ୟାନ୍‌ରେ ଗୋଚାଲାଣ ହେଉଥିବାବେଳେ ଭରତପୁର ପୋଲିସ ଜାତୀୟ ରାଜପଥ ୧୬ରେ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହାସହ ତାଙ୍କଠାରୁ ୧୪ ଗୋଟି ଗୋରୁ ଓ ଅପରାଧରେ ବ୍ୟବହୃତ ଗାଡ଼ିକୁ ଜବତ କରିଛି। ଅଭିଯୁକ୍ତ ହେଲେ ପୁରୀ ପିପିଲି ଥାନା ଅଞ୍ଚଳର ମହମ୍ମଦ ତୌଫିକ। ଯଦୁପୁରରେ ରହୁଥିବା ଜଣେ ବ୍ୟକ୍ତିଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ତୌଫିକ ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ଗୋରୁଙ୍କୁ ହତ୍ୟା ଉଦ୍ଦେଶ୍ୟରେ ନେଉଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।

## ପଞ୍ଚୁପାଳ ଦୋଳ ଉତ୍ସବ

ତ୍ରିଶୂଳିଆ,୧୦।୩(ତୁଷାର କାନ୍ତ ବେହେରା) ପରମ୍ପରା ଅନୁଯାୟୀ ଫାଲଗୁନ ଶୁକ୍ଳପକ୍ଷ ଏକାଦଶୀରୁ ପଞ୍ଚୁପାଳ ରାଧା ଗୋବିନ୍ଦଙ୍କ ଦୋଳ ଉତ୍ସବ ଆରମ୍ଭ ହୋଇଯାଇଛି। ସୋମବାର ରାଧା ଓ ଗୋବିନ୍ଦଙ୍କ ପ୍ରତିମା ବିମାନରେ ବିଜେ ହୋଇ ଗାଁ ଦାଣ୍ଡରେ ପୂଜା ପାଇ ଅଭିର ଖେଳିଛନ୍ତି। ପରେ ପାରମ୍ପରିକ ବାଦ୍ୟ ଓ ରୋଷଣିରେ ଗ୍ରାମ ପରିକ୍ରମା କରି ଘର ଘର ବୁଲି ଭୋଗ ଖାଇଥିଲେ। ପୂର୍ଣ୍ଣମୀ ପର୍ଯ୍ୟନ୍ତ ୫ ମୌଜାର ପ୍ରତି ଗାଁ ବୁଲି ଠାକୁର ଭୋଗ ଖାଇବେ। ପୂର୍ଣ୍ଣମୀରେ ପଞ୍ଚୁପାଳ ଦୋଳ ମଣ୍ଡପରେ ବିଜେ ହୋଇ ପୂଜା ପାଇବେ। ନୂଆ ପାଞ୍ଜି ପଢ଼ା ଯିବା ପରେ ସମାପନ ହେବ।

# ୧୯୯୯ ପରେ ଓଡ଼ିଶା ଫାର୍ମାସୀ କାଉନ୍‌ସିଲ ନିର୍ବାଚନ ହୋଇନାହିଁ

### ଭେଷଜ ନିର୍ଦ୍ଦେଶାଳୟ ଅଧୀନରେ ୧୪୫ ପଦବୀ ଖାଲି

ଭୁବନେଶ୍ୱର, ୧୦।୩(ବନ୍ଦନା ସେଠୀ)

ଦି ଓଡ଼ିଶା ଫାର୍ମାସୀ କାଉନ୍‌ସିଲ ରୁଲ୍ସ ୧୯୭୦ ଅନୁଯାୟୀ ଓଡ଼ିଶା ଫାର୍ମାସୀ କାଉନ୍‌ସିଲ ଗଠନ କରାଯାଇଛି। ଦି ଫାର୍ମାସୀ ଆକ୍ଟ ଅନୁଯାୟୀ ପ୍ରତି ୫ବର୍ଷରେ ଥରେ କାଉନ୍‌ସିଲର ନିର୍ବାଚନ କରାଯାଇଥାଏ। ମାତ୍ର ୧୯୯୯ ପରଠାରୁ କାଉନ୍‌ସିଲ୍‌ର କୌଣସି ନିର୍ବାଚନ ହୋଇନାହିଁ। ତେବେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍)ର ପରାମର୍ଶ ଅନୁଯାୟୀ ନୂତନ ସିଏମ୍‌ଏସ୍ ୱେବ୍‌ସାଇଟ୍ ସମ୍ପୂର୍ଣ୍ଣ ହେବା ପରେ ଓଡ଼ିଶା ଫାର୍ମାସୀ କାଉନ୍‌ସିଲ୍‌ର ପୁନର୍ଗଠନ ପାଇଁ ଇ-ଭୋଟିଂ ସଫ୍ଟୱେର ପ୍ରସ୍ତୁତ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୋମବାର ବିଧାନସଭାରେ ସୂଚନା ଦେଇଛନ୍ତି। ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ଏହି ଉତ୍ତର ରଖି କହିଛନ୍ତି, ଓଡ଼ିଶା ଫାର୍ମାସୀ କାଉନ୍‌ସିଲ (ଓପିସି)ର ପୂର୍ବତନ ରେଜିଷ୍ଟ୍ରାର ତଥା ସଚିବ ଶୁଭକାନ୍ତ ମହାପାତ୍ର ୨୦୨୨ ଜୁଲାଇ ୩୧ରେ ଅବସର ନେଇଥିଲେ ସୁଦ୍ଧା ସେ କାଉନ୍‌ସିଲରେ କାର୍ଯ୍ୟରତ ଥିଲେ। ଏଥିସହ ବର୍ତ୍ତମାନ ସଦସ୍ୟଙ୍କର ବୈଧତା ଅବଧି ସମାପ୍ତି ହୋଇଥିବାରୁ ଡ୍ରଗ୍ସ ଇନ୍ସପେକ୍ଟର ସୁନୀତା ରାଣୀ ପାତ୍ରଙ୍କୁ ରେଜିଷ୍ଟ୍ରାର ତଥା ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଓଡ଼ିଶା ଫାର୍ମାସୀ କାଉନ୍‌ସିଲ ଅଧୀନରେ କୌଣସି ଫାର୍ମାସୀ କଲେଜକୁ ଅନୁମୋଦନ ଦିଆଯାଇ ନ ଥାଏ। ତାହା ଫାର୍ମାସୀ କାଉନ୍‌ସିଲ ଅଫ୍ ଇଣ୍ଡିଆ (ପିସିଆଇ) ନୂଆଦିଲ୍ଲୀ ଦ୍ୱାରା ଅନୁମୋଦନ ଦିଆଯାଇଥାଏ। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ଫାର୍ମାସୀ କାଉନ୍‌ସିଲ ଅଧୀନରେ ୫୨ହଜାର ୧୦୯ ଫାର୍ମାସିଷ୍ଟଙ୍କୁ ପଞ୍ଜୀକୃତ କରାଯାଇଛି। ସେହିପରି ନକଲି ଯୁକ୍ତ୨ ପ୍ରମାଣପତ୍ର ଆଧାରରେ ପଢ଼ିଥିବା ୬ଜଣ ଛାତ୍ରୀଛାତ୍ରଙ୍କ ଫାର୍ମାସୀ ପ୍ରମାଣପତ୍ରକୁ ଖାରଜ କରିବା ପାଇଁ ଓଡ଼ିଶା ଷ୍ଟେଟ୍ ବୋର୍ଡ ଅଫ୍ ଫାର୍ମାସୀ ଓ ସେଞ୍ଚୁରିଅନ୍ ୟୁନିଭର୍ସିଟିକୁ ଲିଖିତ ଆଧାରରେ ଜଣାଯାଇଛି। ଏହାବାଦ୍ ୪ଜଣ ନକଲି ଫାର୍ମାସିଷ୍ଟଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରାଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ତଥ୍ୟ ରଖିଛନ୍ତି। ଅପରପକ୍ଷେ ରାଜ୍ୟରେ ଭେଷଜ ନିର୍ଦ୍ଦେଶାଳୟ ଅଧୀନରେ ମଞ୍ଜୁରପ୍ରାପ୍ତ ବିଭିନ୍ନ ବର୍ଗରେ ୧୪୫ ପଦବୀ ଖାଲିପଡ଼ିଛି। ବର୍ଗ 'କ'ରେ ୩୮ଟି ମଞ୍ଜୁରିପ୍ରାପ୍ତ ପଦବୀ ରହିଥିବାବେଳେ ସେଥିରୁ ୮ଟି ପଦବୀ ଖାଲିପଡ଼ିଛି। ସେହିପରି ବର୍ଗ 'ଖ'ରେ ମୋଟ୍ ୧୩୫ଟି ପଦବୀ ମଧ୍ୟରୁ ୮୬ଟି, ବର୍ଗ 'ଗ'ରେ ୮୭ଟି ପଦବୀ ମଧ୍ୟରୁ ୩୪ଟି ଏବଂ ବର୍ଗ 'ଘ'ରେ ୩୫ଟି ପଦବୀ ମଧ୍ୟରୁ ୧୭ଟି ପଦବୀ ଖାଲି ପଡ଼ିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

### ୮ମାସରେ ବିଏସ୍‌କେୱାଇରେ ୧୩,୨୧,୫୨୦ଜଣ ଉପକୃତ ହୋଇଛନ୍ତି

ଭୁବନେଶ୍ୱର, ୧୦।୩ (ବନ୍ଦନା ସେଠୀ) – ୨୦୨୪ ଜୁନ୍ ପହିଲାରୁ ୨୦୨୫ ଫେବୃଆରୀ ପର୍ଯ୍ୟନ୍ତ ବିଏସ୍‌କେୱାଇ ଦ୍ୱାରା ୨୮ ଜିଲାରେ ୧୩ଲକ୍ଷ ୨୧ହଜାର ୫୨୦ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ୨୦୨୪ ଏପ୍ରିଲରୁ ୨୦୨୫ ଫେବୃୟାରୀ ମଧ୍ୟରେ ରାଜ୍ୟ ସରକାର ଏଥିପାଇଁ ୨୮୮୧ କୋଟି ୩୩ ଲକ୍ଷ ୯୭ହଜାର ୬୨୯ ଟଙ୍କା ବ୍ୟୟ କରିଛନ୍ତି। ବିଜେଡି ବିଧାୟକ ଅରୁଣ କୁମାର ସାହୁଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୋମବାର ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି। ବିଏସ୍‌କେୱାଇ କାର୍ଡ ଦ୍ୱାରା ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪ଲକ୍ଷ ୮୮ହଜାର ୨୮୫ଜଣ ହିତାଧିକାରୀ ଉପକୃତ ହୋଇଥିବାବେଳେ କଟକ ଜିଲାରେ ୩ଲକ୍ଷ ୨୪ହଜାର ୫୦୫ଜଣ, ଗଞ୍ଜାମ ଜିଲାରେ ୭୭ହଜାର ୩୩୭ଜଣ, ସୁନ୍ଦରଗଡ଼ ଜିଲାରେ ୭୧ହଜାର ୫୧୫ଜଣ, ଯାଜପୁର ଜିଲାରେ ୫୦ହଜାର ୩୩୨ଜଣ, ଅନୁଗୋଳ ଜିଲାରେ ୩୫ହଜାର ୫୬୧ଜଣ ହିତାଧିକାରୀ ବିଏସ୍‌କେୱାଇରେ ଉପକୃତ ହୋଇଛନ୍ତି। ସେହିପରି ଓଡ଼ିଶାରେ ବର୍ତ୍ତମାନ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେଉଥିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି।

## ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପରେ ଜାମିନ



ଗିରଫ ଦୁଇ ଅଭିଯୁକ୍ତ ସର୍ବେଶ୍ୱର ସ୍ୱାଇଁ ଓ ଶୁଭକାନ୍ତ ସୁଆର ।

### ଧରିତ୍ରୀ ଲାଇଭ୍ ଖବରଦାତାଙ୍କୁ ଆକ୍ରମଣ

ଭୁବନେଶ୍ୱର,୧୦।୩(ସତ୍ୟଜିତ୍ ରାଉତ)

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡା ରୋଡ୍‌ରେ 'ଧରିତ୍ରୀ ଲାଇଭ୍' ଖବରଦାତା ଦେବୀପ୍ରସାଦ ସାହୁଙ୍କୁ ଆକ୍ରମଣ ସହ ଗାଡ଼ି କ୍ଷତିଗ୍ରସ୍ତ କରି କ୍ୟାମେରା ଭାଙ୍ଗିବା ମାମଲାରେ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିଯୁକ୍ତଦ୍ୱୟ ହେଲେ ଝାରପଡା ମହାଦେବନଗରରେ ରହୁଥିବା ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ବାଲିକୁଦ ଗ୍ରାମର ସର୍ବେଶ୍ୱର ସ୍ୱାଇଁ (୪୧) ଓ କେନ୍ଦୁଝର ଜିଲା ଜଗନ୍ନାଥପୁର ଅଞ୍ଚଳର ଶୁଭକାନ୍ତ ସୁଆର (୩୭)। ରବିବାର ପୋଲିସ ସେମାନଙ୍କୁ ଗିରଫ କରିଥିଲା। ସୋମବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୪ କୋର୍ଟକୁ ସେମାନଙ୍କୁ ଚାଲାଣ କରାଯାଇଥିବାବେଳେ ଜାମିନ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ମାମଲା ଅନୁଯାୟୀ, ଶନିବାର ଖବର ସଂଗ୍ରହ କରି ଦେବୀ ତାଙ୍କ ଟିମ୍ ସହ ମଧ୍ୟାହ୍ନ ୧୨ଟାରେ କଟକ-ପୁରୀ ବାଇପାସ୍ ରୋଡ୍ ଟଙ୍କପାଣିରୁ ଝାରପଡା ରୋଡ୍ ଦେଇ ଆସୁଥିଲେ। ଏହି ସମୟରେ ରାସ୍ତା ମଝିରେ ଅଭିଯୁକ୍ତଦ୍ୱୟ ସ୍କୁଟି ଠିଆ କରି ଜାମ୍ ସୃଷ୍ଟି କରିଥିଲେ। ରାସ୍ତା ଖାଲି କରିବାକୁ କହିବାରୁ ଚାଳକ ଶୁଣି ନ ଥିଲେ। ଫଳରେ ପୋଲିସକୁ ଜଣାଇବା ପାଇଁ ଦେବୀ ଉକ୍ତ ସ୍କୁଟିର ଫଟୋ ଉଠାଇଥିଲେ। ଏହାପରେ ସେଠାରୁ ଆସିବାକୁ ଚେଷ୍ଟା କରୁଥିବାବେଳେ ଅଭିଯୁକ୍ତଦ୍ୱୟ ଗାଡ଼ିକୁ ପିଛା କରି ଅଟକାଇଥିଲେ। ସେମାନେ ଭ୍ୟାନ୍‌କୁ ବିଧାମାରି ଚେପା କରିବା ସହ ଦେବୀଙ୍କୁ ଧକ୍କା ମାରିଥିଲେ। କ୍ୟାମେରାମ୍ୟାନ୍ ପଙ୍କଜ ମହାପାତ୍ରଙ୍କୁ ମଧ୍ୟ ଆକ୍ରମଣ ଉଦ୍ୟମ କରିଥିଲେ। ଏଥିସହ ପଥର ପକାଇ ମାରିବାକୁ ଧମକ ଦେଇଥିଲେ। ଦେବୀଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୮୪/୨୦୨୫) ରୁଜୁ କରି ଉଭୟଙ୍କୁ ଗିରଫ କରିଥିଲା।

## ଅଚିହ୍ନା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୧୦।୩(ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅନ୍ତର୍ଗତ ଘାଟିକିଆ ଦୁର୍ଗାମଣ୍ଡପ ନିକଟରେ ସୋମବାର ଜଣେ ଅଚିହ୍ନା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତା ମହିଳାଙ୍କ ବୟସ ୪୦ରୁ ୪୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ସକାଳେ ମହିଳାଙ୍କ ମୃତଦେହ ଜବତ କରି ପୋଲିସ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ତେବେ ସେଠାରେ ବ୍ୟବଚ୍ଛେଦ ପରେ ଶବ ସଂରକ୍ଷଣ ଗୃହରେ ମୃତଦେହକୁ ରଖାଯାଇଛି। ଏନେଇ ମେଡିକୋ ଲିଗାଲ୍ କେସ୍ (ଏମ୍‌ଏଲ୍‌ସି) ଆଧାରରେ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ହେଉଛି। ମୃତ ମହିଳାଙ୍କ ପରିଚୟ ପାଇବାକୁ ପୋଲିସ ଆଖପାଖ ଥାନାକୁ ଯୋଗାଯୋଗ କରାଯିବା ସହ ସ୍ଥାନୀୟ ଅଞ୍ଚଳରେ ପଚରାଉଚରା କରୁଛି। ୯୬ ଘଣ୍ଟା ଭିତରେ ପରିଚୟ ନ ମିଳିଲେ ନିୟମ ଅନୁଯାୟୀ ମୃତଦେହକୁ ସତ୍କାର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ସିଆଇଏସ୍‌ଏଫ୍ ପାଳିଲା ୫୬ତମ ପ୍ରତିଷ୍ଠା ଦିବସ

ବାରଙ୍ଗ,୧୦।୩(ଲିଙ୍ଗରାଜ ରାଉତ)

ସିଆଇଏସ୍‌ଏଫ୍ ତାହାର ୫୬ତମ ପ୍ରତିଷ୍ଠା ଦିବସ ସାରା ଦେଶରେ ପାଳନ କରିଛି। ଏହି ଅବସରରେ ସୋମବାର ମୁଣ୍ଡଳିସ୍ଥିତ ସିଆଇଏସ୍‌ଏଫ୍ ଖାରବେଳ ଟ୍ରେନିଂ ସେଣ୍ଟର ପରିସରରେ ଏହାର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ସିଆଇଏସ୍‌ଏଫ୍ ଡିଆଇଜି ଶ୍ରୀଗଙ୍ଗା ଶଙ୍କର, କମାଣ୍ଡାଣ୍ଟ, ଶ୍ରୀଶଙ୍କର ରାଓ ବାଇରେଡ୍ଡୀଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀ ଅତିଥି ଭାବେ ଯୋଗଦେଇଥିଲେ। ସିଆଇଏସ୍‌ଏଫ୍‌ର ପ୍ରତିଷ୍ଠା ଓ ଯବାନଙ୍କ ସାଧାରଣ ଲୋକ ଓ ଦେଶ ପାଇଁ ଥିବା ଦାୟିତ୍ୱବୋଧ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମାରୋହରେ ସିଆଇଏସ୍‌ଏଫ୍ ଯବାନଙ୍କ ଦ୍ୱାରା ଉତ୍ସବଗତ ପରେଡ ଏବଂ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା।




ଭଞ୍ଜ କଳା ମଣ୍ଡପଠାରେ ସୋମବାର ମଞ୍ଚସ୍ଥ ନାଟକ 'ବିଦ୍ରୋହ ନିଜ ବିରୋଧରେ'ର ଏକ ଦୃଶ୍ୟ। (ଫଟୋ- ମନୋରଞ୍ଜନ ମିଶ୍ର)




'ନୃତ୍ୟଜା' ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ୩ୟ 'ନବାନୁରାଗ' ନୃତ୍ୟ ସଙ୍ଗୀତ ମହୋତ୍ସବରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁଙ୍କ ସହ ଅନ୍ୟ ଅତିଥି । (ଫଟୋ- ବିକାଶ ନାୟକ)

## ନୃତ୍ୟ ସଙ୍ଗୀତ ମହୋତ୍ସବ 'ନବାନୁରାଗ' ଉଦ୍‌ଘାଟିତ



ଓଡ଼ିଶୀ ନୃତ୍ୟଶିଳ୍ପୀ ଐଶ୍ୱରୀୟା ସିଂହଦେଓ ଓ ପ୍ରତିଶା ମହାପାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୧୦।୩ (ସୌମ୍ୟରଞ୍ଜନ ରାଉତ)

ସାଂସ୍କୃତିକ ଅନୁଷ୍ଠାନ 'ନୃତ୍ୟଜା' ପକ୍ଷରୁ ୩ୟ 'ନବାନୁରାଗ' ନୃତ୍ୟ ସଙ୍ଗୀତ ମହୋତ୍ସବ ସୋମବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଜେଏସ୍‌ଡବ୍ଲ୍ୟୁ ଅଧ୍ୟକ୍ଷ ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅନିଲ ସିଂ, ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଡ. ଅରୁଣା ମହାନ୍ତି ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଅର୍ଥନୀତି ଅଧ୍ୟାପିକା ତଥା କଣ୍ଠଶିଳ୍ପୀ ଡ. ମିତାଲି ଚିନାରା ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟଶିଳ୍ପୀ ମଧୁସ୍ମିତା ମହାନ୍ତି ଶୂନ୍ୟସ୍ୱରୂପ ପରିବେଷଣ କରିଥିଲେ। ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଅରୁଣା ମହାନ୍ତି। ପରବର୍ତ୍ତୀ ପ୍ରସ୍ତୁତିରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶନାରେ 'ସୃଜନ' ଅନୁଷ୍ଠାନର ଓଡ଼ିଶୀ ନୃତ୍ୟଶିଳ୍ପୀ ଐଶ୍ୱରୀୟା ସିଂହଦେଓ ଓ ପ୍ରତିଶା ମହାପାତ୍ର 'ଶାନ୍ତାକାରଂ ଭୁଜଗ ଶୟନଂ' ଓ ରାଗ ଶୁଦ୍ଧ 'ଧୈବତ୍ ବିଭାସ ପଲ୍ଲବୀ' ପରିବେଷଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଗୁରୁ ଶର୍ମିଳା ବିଶ୍ୱାସଙ୍କ ନୃତ୍ୟ ନିର୍ଦ୍ଦେଶନାରେ କୋଲକାତାର ଓଡ଼ିଶୀ ନୃତ୍ୟଶିଳ୍ପୀ ରୋହିନୀ ବାନାର୍ଜୀ ଓ କ୍ରିଷ୍ଣେନ୍ଦୁ ସାହା ଶିବ ପାର୍ବତୀ ଶବ୍ଦ ଓ ଗତି ବିଳାସ ପଲ୍ଲବୀ ନୃତ୍ୟ ପରିବେଷଣ କରିଥିଲେ। ଅନ୍ତିମ ପ୍ରସ୍ତୁତିରେ ନୃତ୍ୟାନୁଷ୍ଠାନ ନୃତ୍ୟ ନୈବେଦ୍ୟର ନୃତ୍ୟଶିଳ୍ପୀମାନେ ଗୁରୁ ପ୍ରଭାତ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶନା ଏବଂ ତତ୍ତ୍ୱାବଧାନରେ ନବରସ ପ୍ରସ୍ତୁତ କରିଥିଲେ। ନୃତ୍ୟଜା ଅନୁଷ୍ଠାନର ସମ୍ପାଦିକା ଓଡ଼ିଶୀ ନୃତ୍ୟଶିଳ୍ପୀ ପୂଜା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ନୃତ୍ୟ ଗବେଷକ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

## ପାରଦର୍ଶୀ ପୋର୍ଟାଲ ତୁରନ୍ତ ଖୋଲିବା ଦାବିରେ ଆମରଣ ଅନଶନ

ଭୁବନେଶ୍ୱର,୧୦।୩(ସୁଚିସ୍ମିତା ସାହୁ)

ଘରୋଇ ସ୍କୁଲରେ ଆର୍ଥିକ ଦୁର୍ବଳ ବା ଗରିବ ପିଲାଙ୍କ ମାଗଣା ନାମଲେଖା ପାଇଁ ପାରଦର୍ଶୀ ପୋର୍ଟାଲରେ ଆବେଦନ ପ୍ରକ୍ରିୟାକୁ ଏକ ମାସ ପର୍ଯ୍ୟନ୍ତ ଘୁଞ୍ଚାଯାଇଛି। ଏହାକୁ ବିରୋଧ କରି ଓଡ଼ିଶା ଅଭିଭାବକ ମହାସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଏଥିରେ ମହାଘୋଟାଲା ହୋଇଥିବା ଅଭିଯୋଗ ଆଣିବା ସହ ତୁରନ୍ତ ପୋର୍ଟାଲ ଖୋଲି ପିଲାଙ୍କ ପଞ୍ଜୀକରଣ କରିବାକୁ ଦାବି କରି ସୋମବାର ମହାସଂଘ ପକ୍ଷରୁ ମହାତ୍ମାଗାନ୍ଧୀ ମାର୍ଗରେ ଆମରଣ ଅନଶନ ଆରମ୍ଭ। ଏ ସମ୍ପର୍କରେ ସୂଚନା ଦେଇ ମହାସଂଘ ସଭାପତି ବାସୁଦେବ ଭଟ୍ଟ କହିଛନ୍ତି, ଏହି ଆବେଦନ ପ୍ରକ୍ରିୟା ଯେତିକି ବିଳମ୍ବ ହେବ, ପ୍ରାଇଭେଟ ସ୍କୁଲ ସେତିକି ଲାଭ ପାଇବେ। ଅଭିଭାବକମାନେ ଅପେକ୍ଷା ନ କରି ବାଧ୍ୟ ହୋଇ ଅନ୍ୟ ସ୍କୁଲରେ ନାମ ଲେଖେଇବେ। ଅଭିଭାବକ ମଧ୍ୟ ଗତବର୍ଷ ବିଭାଗର ତ୍ରୁଟି ଯୋଗୁ ନିଜ ପିଲାଙ୍କ ଆଡ଼ମିଶନ କରି ନ ପାରି ହଇରାଣ ହୋଇଥିଲେ। ଅସାଧୁ ବା ମୁନଫା ମନୋଭାବ ଥିବା ଅଫିସରଙ୍କ ଯୋଗୁ ଏହି ଯୋଜନା ବାଟବଣା ହେବାକୁ ଯାଉଛି। ଗରିବ ପିଲାମାନେ ଠିକ ସ୍କୁଲ ଓ ଠିକ ସମୟରେ ଆଡ଼ମିଶନ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଯୋଜନାରେ ଆବେଦନ କରୁଥିବା ଅଭିଭାବକମାନଙ୍କର ସାଧାରଣତଃ କମ୍ ଶିକ୍ଷାଗତ ଯୋଗ୍ୟତା, ଅନ୍‌ଲାଇନ୍‌ରେ ଆବେଦନ ପ୍ରକ୍ରିୟା ଜ୍ଞାନର ଅଭାବ ରହିଛି। ତେଣୁ ଏନେଇ ମହାସଂଘ ପ୍ରସ୍ତାବରେ ବିଭାଗର ସକାରାତ୍ମକ ପ୍ରତିକ୍ରିୟା ନ ମିଳିବାରୁ ଆମରଣ ଅନଶନ ଜାରି ରହିବ ବୋଲି ଭଟ୍ଟ କହିଛନ୍ତି। ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ମହାଶଚିବ ଅଶୋକ ପାଇକରାୟ, ସତ୍ୟବ୍ରତ ପରିଜା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।




ଅଭିଭାବକ ମହାସଂଘ ପକ୍ଷରୁ ଧାରଣା ଦିଆଯାଇଛି।

## ଛାତ୍ରୀଛାତ୍ରଙ୍କ ବୃନ୍ଦ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ମନମୋହିଲା

### ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ'ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୩ (ସୌମ୍ୟରଞ୍ଜନ ରାଉତ)

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ' ଉତ୍କଳ ମଣ୍ଡପଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ତଥା ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷକ ଡ. ଶାନ୍ତନୁ କୁମାର ରଥ, ସମ୍ମାନିତ ଅତିଥି ଭାବେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଗୁରୁ କେଳୁ ଚରଣ ମହାପାତ୍ର ଅନୁଷ୍ଠାନର ପ୍ରଶାନିକ ଅଧିକାରୀ ଅନୁଜା ତରଣୀ ମିଶ୍ର, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ବିଜୟ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଦେଶ ପାଇଁ ଗୌରବ ଆଣିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ପରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବୃନ୍ଦ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଶ୍ରୋତାଙ୍କୁ ବିମୋହିତ କରିଥିଲା। ଶବ୍ଦ ଓ ସ୍ୱର ସଂଯୋଜନା ଗୁରୁ ଚନ୍ଦନ କୁମାର ଜେନା ଓ ଗୁରୁ ଧୃତିମୟ ବେହେରା, ତାଳ ବାଦ୍ୟ କଚେରୀ ଗୁରୁ ବିଭୁତିଭୂଷଣ ବଳବନ୍ତରାୟ, ଛଉ ନୃତ୍ୟ ଗୁରୁ ଗୌରମୋହନ ମହାନ୍ତ ଓ ଗୁରୁ ପ୍ରଦ୍ୟୁମ୍ନ କୁମାର ମହାନ୍ତଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।



ଜୟଦେବ ସମାରୋହରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଉଛି।

## ସାହିତ୍ୟ ଚଳଚ୍ଚିତ୍ରର ପ୍ରାଣବିନ୍ଦୁ

### ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ 'ସାହିତ୍ୟ ଓ ସିନେମା' ସିମ୍ପୋସିଅମ

ଭୁବନେଶ୍ୱର,୧୦।୩
(ଅନୁରାଧା ମହାରଣା)




ସମ୍ମିଳନୀରେ ବିପିୟୁଟିର ପୂର୍ବତନ ଡିନ୍ ତଥା ଫିଲ୍ମ ନିର୍ଦ୍ଦେଶକ ପ୍ରଫେସର ସୂର୍ଯ୍ୟ କୁମାର ମିଶ୍ରଙ୍କ ସହ ଅନ୍ୟ ଅତିଥିମାନେ।

ଏଏସ୍‌ବିଏମ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଥିଏଟର ଆଣ୍ଡ ଫିଲ୍ମ ଇନ୍ ଏଜୁକେଶନ ଓ ସ୍କୁଲ ଅଫ୍ ଲିବରାଲ ଆର୍ଟ ପକ୍ଷରୁ 'ସାହିତ୍ୟ ଓ ସିନେମା' ଶୀର୍ଷକ ଏକ ଜାତୀୟ ସିମ୍ପୋସିଅମ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଅତିଥି ଭାବେ ବିପିୟୁଟିର ପୂର୍ବତନ ଡିନ୍ ତଥା ଫିଲ୍ମ ନିର୍ଦ୍ଦେଶକ ପ୍ରଫେସର ସୂର୍ଯ୍ୟ କୁମାର ମିଶ୍ର, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାସ କମ୍ୟୁନିକେଶନର ନିର୍ଦ୍ଦେଶକ ପ୍ରଫେସର ମୃଣାଳ ଚାଟାର୍ଜୀ ଓ ଜାତୀୟ ପୁରସ୍କାରପ୍ରାପ୍ତ ଫିଲ୍ମ ନିର୍ଦ୍ଦେଶକ ତଥା ଅଭିନେତା ସୁଶାନ୍ତ କୁମାର ମିଶ୍ର ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା କୁଳାଧ୍ୟକ୍ଷ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ସୂର୍ଯ୍ୟ ମିଶ୍ର କହିଲେ, ସାହିତ୍ୟ ଚଳଚ୍ଚିତ୍ରର ପ୍ରାଣବିନ୍ଦୁ। ଏହାସହ ଭାରତୀୟ ଚଳଚ୍ଚିତ୍ର ଉପରେ ତାହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ଦ୍ଦେଶକ ସୁଶାନ୍ତ ମିଶ୍ର ତାଙ୍କ ଅଭିଭାଷଣରେ ପ୍ରସିଦ୍ଧ ସାହିତ୍ୟ ସୃଜନଗୁଡିକୁ ସିନେମାରେ ରୂପାନ୍ତରିତ କଲାବେଳେ ଫିଲ୍ମ ନିର୍ମାତା ଯେଉଁ ସମସ୍ୟା ସମୂହର ସମ୍ମୁଖୀନ ହୋଇଥାନ୍ତି, ତାହାର ଆଲୋଚନା କରିଥିଲେ। ପ୍ରଫେସର ମୃଣାଳ ଚାଟାର୍ଜୀ ତାଙ୍କ ବକ୍ତବ୍ୟରେ ସିନେମା କାହାଣୀରେ ସାମ୍ବାଦିକତା ସହ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସେ ସିନେମାକୁ ସାହିତ୍ୟର ସନ୍ତାନ ଭାବେ ଅଭିହିତ କରିଥିଲେ। ପ୍ରାରମ୍ଭରେ କୁଳପତି ପ୍ରଫେସର ଡ. ରଞ୍ଜନ କୁମାର ବଳ ସ୍ୱାଗତ ଭାଷଣ ଦେଇଥିଲାବେଳେ ଉପ-କୁଳାଧ୍ୟକ୍ଷ ପ୍ରଫେସର ଡ. କଲ୍ୟାଣ ଶଙ୍କର ରାୟ ଓ ପ୍ରଫେସର ସ୍ୱାଗତ ପଟେଲ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଦୁଇଟି ବୈଷୟିକ ସମ୍ମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶେଷଜ୍ଞ ଭାବେ ପ୍ରଫେସର ସୂର୍ଯ୍ୟ କୁମାର ମିଶ୍ର, ପ୍ରଫେସର ମୃଣାଳ ଚାଟାର୍ଜୀ, ପ୍ରଫେସର ଭି. ବିଜୟ କୁମାର ଓ ପ୍ରଫେସର ମନ୍ମଥନାଥ ସାମନ୍ତରାୟ ଉପସ୍ଥିତ ଥିଲେ। ଏକାଡେମୀ ଓ ସିନେମା ଜଗତର ଶତାଧିକ ଗବେଷକ ଓ ଗବେଷିକା ୬୮ଟି ଲେଖା ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଉପ କୁଳପତି ପ୍ରଫେସର ଡ. ଫଲଗୁ ନିରଞ୍ଜନା ଓ ପ୍ରମୁଖ ନିର୍ଦ୍ଦେଶିକା ପ୍ରଫେସର ଡ. ସ୍ମାରକୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

**ବେଆଇନ ବାଲି ଚାଲାଣ, ୨ ଗିରଫ**

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ବିରୂପା ନଦୀର ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ଓ ଗୋବିନ୍ଦପୁର ଅଞ୍ଚଳରେ ବେଆଇନ ବାଲି ଚାଲାଣବେଳେ ପୋଲିସ ଚଢ଼ାଉ କରି ଦୁଇଟି ବାଲିବୋଝେଇ ଟ୍ରାକ୍ଟର ଜବତ କରିଛି। ଏଥିସହ ୨ଟି ଗାଡ଼ିର ଚାଳକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରସିକନଗର ଗ୍ରାମର ଦେବେନ୍ଦ୍ର ଜେନା ଓ କାହ୍ନୁଚରଣ ଦାସ। ଆଗାମୀ ଦିନରେ ଚଢ଼ାଉ ଜାରିରହିବ ବୋଲି ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରାସାଦ ଭଦ୍ର କହିଛନ୍ତି।

## ସଂକ୍ଷେପରେ

### ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚର ସଭାପତି ହେଲେ ସାମସନ

ଚୌଦ୍ୱାର,୧୦।୩(ଆଶୁତୋଷ ଦାସ)

ଚୌଦ୍ୱାର ଚାର୍‌ବାଟିଆସ୍ଥିତ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚର କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ଚର୍ଚ୍ଚ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଇଂ. ସାମସନ ରାଉତ ମନୋନୀତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ କମଲ କୁମାର ବେହେରା, ସମ୍ପାଦକ ବି. ସୁରଞ୍ଜନ ଦାସ, କୋଷାଧ୍ୟକ୍ଷ ଆଲୋକ କୁମାର ସାହୁଙ୍କୁ ମନୋନୀତ କରାଯାଇ ଆସନ୍ତା ୨ବର୍ଷ ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି ଅବସରରେ ଚର୍ଚ୍ଚ ସମ୍ପର୍କରେ ଆଲୋଚନା ହୋଇ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ମନୋନୟନ କାର୍ଯ୍ୟକ୍ରମ ପାଇଁ ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ସମେତ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଭଉଣୀଭାଇଙ୍କୁ ସଭାପତି ରାଉତ କୃତଜ୍ଞତା ଜଣାଇଛନ୍ତି।

### ଭଙ୍ଗାଗଲା ସମବାୟ ସମିତି ପରିଚାଳନା କମିଟି

**ପ୍ରମୋଦ କୁମାର ପ୍ରଧାନଙ୍କୁ ଓସ୍ତିଆ ସମିତିର ଦାୟିତ୍ୱ**

ବାଙ୍କୀ,୧୦।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଉପନିବନ୍ଧକ ସମବା ସମିତି ସମୂହ କଟକ ପକ୍ଷରୁ ବାଙ୍କୀ ବ୍ଲକ ଓସ୍ତିଆ ସେବାସମବାୟ ସମିତିର ପରିଚାଳନା କମିଟିକୁ ଭାଙ୍ଗି ଦିଆଯାଇଛି। ଏଥିସହ ବାଙ୍କୀ ସହକାରୀ ନିବନ୍ଧକ କାର୍ଯ୍ୟାଳୟର ପ୍ରମୋଦ କୁମାର ପ୍ରଧାନଙ୍କୁ ଓସ୍ତିଆ ସମିତିର ପ୍ରଶାସକ ଭାବେ ଦାୟିତ୍ୱ ଦିଆଯାଇଛି। ଏହି ସମିତିରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ପୂର୍ବରୁ ସମିତି ସମ୍ପାଦକ ଶ୍ରୀନିବାସ ମନ୍ତ୍ରୀଙ୍କୁ କଟକ ଭିଜିଲାନ୍ସ ବିଭାଗ ଗିରଫ କରିଥିଲା। ପୁନର୍ବାର ଚାଷୀମାନଙ୍କ ଫସଲ ବୀମା ଯୋଜନାରେ ଅନିୟମିତତା ହୋଇଥିବା ନେଇ ରାଜ୍ୟ ସମବାୟ ବିଭାଗର ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବିଭାଗର ୬ ଜଣିଆ କମିଟି ଏହାର ତଦନ୍ତ କରି ରିପୋର୍ଟ ଦେଲାପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

### ସହ ସମ୍ପାଦକଙ୍କୁ ନିଲମ୍ବନ ପାଇଁ ନିର୍ଦ୍ଦେଶ

**ବେଆଇନ ନିଯୁକ୍ତି ପ୍ରସଙ୍ଗ**

ବାଙ୍କୀ,୧୦।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ସରଣ୍ଡା ଜୋନ ସହଙ୍ଗା ଗୋପାଳପୁର ସେବାସମବାୟ ସମିତିର ସହ ସମ୍ପାଦକ ପଦରୁ ଈଶ୍ୱର ଚନ୍ଦ୍ର ଜେନାଙ୍କୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ କଟକ ଡିଭିଜନ ଡେପୁଟି ରେଜିଷ୍ଟ୍ରାର ବାଙ୍କୀ ସମବାୟ ସର୍କଲ ନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ କଟକ ଡିଭିଜନ ଉପନିବନ୍ଧକ ସମବାୟ ସମିତି ସମୂହ ଚିଠି ନଂ.୬୪୮ରେ ସହଙ୍ଗା ଗୋପାଳପୁର ସମିତିର ସଭାପତି ଏବଂ ନଂ.୬୪୯ରେ ସହକାରୀ ନିବନ୍ଧକ ବାଙ୍କୀଙ୍କୁ ଅବଗତ କରାଯାଇଛି। ଈଶ୍ୱରଚନ୍ଦ୍ରଙ୍କ ନିଯୁକ୍ତି ବେଆଇନ ଭାବେ ହୋଇଥିବା ନେଇ ସହଙ୍ଗା ଗୋଳପୁରର ଶ୍ରୀରାମଚନ୍ଦ୍ର ରାଉତ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ଗାତଖୋଳାରୁ ଗୋଷ୍ଠୀ ସଂଘର୍ଷ

**କଟୁରି ଚୋଟରେ ଜଣେ ଗୁରୁତର, ୪ ଆହତ**

ଖୁଣ୍ଟୁଣୀ, ୧୦।୩(ସଚ୍ଚିଦାନନ୍ଦ ପଣ୍ଡା)

ସ୍କୁଲ ନିକଟରେ ଦୋକାନ କରିବା ପାଇଁ ଗାତ ଖୋଳାକୁ ନେଇ ସୋମବାର ରାତିରେ ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ଓରନ୍ଦା ଗ୍ରାମରେ ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଜଣେ ଗୁରୁତର ହୋଇଥିବାବେଳେ ଆଉ ୪ ଜଣ ଆହତ ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ ଗୁରୁଡିଝାଟିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଗୁରୁତର ଯୁବକଙ୍କୁ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଦୁଇଟି ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଓରନ୍ଦା ଗ୍ରାମର ଟିକନ ନାୟକ ଗ୍ରାମ ସ୍କୁଲ ନିକଟରେ ଏକ ଦୋକାନ କରିଥିଲେ। ଗ୍ରାମର ଅନ୍ୟଜଣେ ଯୁବକ ତୀର୍ଥସାରଥୀ ପରିଡ଼ା ଦୋକାନ କରିବାକୁ ସୋମବାର ସନ୍ଧ୍ୟାରେ ଟିକନଙ୍କ ଦୋକାନ କଡ଼ରେ ଗାତ ଖୋଳିଥିଲେ। ଏହି ଗାତକୁ ଟିକନ ବନ୍ଦ କରି ଦେବାରୁ ଉଭୟଙ୍କ ମଧ୍ୟରେ ମାର୍‌ପିଟ ହୋଇଥିଲା। ପରେ ଟିକନ ଏକ କଟୁରିରେ ତୀର୍ଥଙ୍କୁ ହାଣି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତୀର୍ଥ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ଫଳରେ ତୀର୍ଥଙ୍କ ଭାଇ ପାର୍ଥ ସେଠାରେ ପହଞ୍ଚିଥିଲେ। ପାର୍ଥଙ୍କୁ ମଧ୍ୟ ଟିକନ ହାଣିବାକୁ ଗୋଡ଼ାଇବାରୁ ସେ ପଳାଇଯାଇ ଗ୍ରାମର କେତେଜଣ ଯୁବକଙ୍କୁ ଆଣି ଘଟଣା ସ୍ଥଳରେ ପହଞ୍ଚିଥିଲେ। ଟିକନ ମଧ୍ୟ ତାଙ୍କ ଘରର ସଦସ୍ୟ ଓ ସାହିର କେତେଜଣ ଲୋକଙ୍କୁ ଡାକିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ପରସ୍ପର ମଧ୍ୟରେ ମାର୍‌ପିଟ ଯୋଗୁ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପରେ ଛାଡି ଦିଆଯାଇଛି। ଅପରପକ୍ଷରେ ଟିକନ ଦୋକାନକୁ ବିଦ୍ୟୁତ୍ ସଂଯୋଗ ନେଇଥିବା ତାର ତଳେ ପଡିଥିଲା। ବନବିଭାଗ କର୍ମଚାରୀ ଅନି ସାମଲ ଏହା ଦେଖି ଦନ୍ତାହାତୀ ବୁଲୁଛି ଯଦି ତାର ଲାଗି ମରିବ କେସ୍ ନେବୁ କହି ତାରକୁ ନେଇଯିବାକୁ ଉଦ୍ୟମ କରିବାରୁ ଟିକନ ତାଙ୍କୁ ମଧ୍ୟ ହାଣିବାକୁ ଗୋଡ଼ାଇଥିଲା। ଫଳରେ ସେ ଭୟରେ ତଳେ ପଡି ଖଣ୍ଡିଆଖାବରା ହୋଇଥିଲେ। ଖବରପାଇ ଥାନା ଅଧିକାରୀ ପରେଶ ମହାନ୍ତି ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତ ଶାନ୍ତ ହୋଇଥିଲା। ଏନେଇ ଥାନାରେ ତୀର୍ଥ ଏକ ଏତଲା ଦେଇଥିବାବେଳେ ଅନି ସାମଲ ମଧ୍ୟ ଆଉ ଏକ ଏତଲା ଦେଇଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ପରିସ୍ଥିତି ଶାନ୍ତ ଥିବାବେଳେ ସେଠାରେ ପୋଲିସ ମୁତୟନ ଅଛନ୍ତି ।



କଟକ ଜିଲାପାଳଙ୍କ କାର୍ଯ୍ୟାଳୟ କନ୍‌ଫରେନ୍ସ ହଲ୍‌ରେ ସୁବ୍ରତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୂଆ ଆପରାଧିକ ଆଇନ ସମ୍ପର୍କିତ କର୍ମଶାଳାରେ ଆଇନଜୀବୀ ଦେବସ୍ମାନ ଦାସ, ଅକ୍ଷୟ କୁମାର ନାୟକ ଓ ଅନ୍ୟ ଅତିଥିବୃନ୍ଦ।

## ହାତୀ ଉପଦ୍ରବ: ଲୋକେ ଭୟଭୀତ

**ଗୁହାଳରେ ଗାଈକୁ ମାରିଲା**

ଖୁଣ୍ଟୁଣୀ, ୧୦।୩(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଗୁରୁଡିଝାଟିଆ ପଞ୍ଚାୟତର ଡେରା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଦନ୍ତାହାତୀ ଆକ୍ରମଣରେ ଗୋଟିଏ ଗାଈର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଡେରା ଗ୍ରାମର ଅନାଦି ସ୍ୱାଇଁଙ୍କ ଗୁହାଳରେ କେତେକ ଗାଈ ବନ୍ଧା ହୋଇଥିଲେ। ଡାଳିଯୋଡା ଜଙ୍ଗଲ ପଟୁ ୩ ଦିନ ତଳେ ପଳାଇ ଆସିଥିବା ଦନ୍ତା ହାତୀଟି ଡେରା ଗ୍ରାମ ନିକଟ ଜଙ୍ଗଲରେ ରହିଥିଲା। ରବିବାର ରାତିରେ ସେଠାରୁ ବାହାରି ଗ୍ରାମରେ ପଶିଥିଲା। ଫଳରେ ଲୋକମାନେ ଭୟଭୀତ ହେବା ସହ କବାଟ ଦେଇ ଘର ଭିତରେ ରହିଥିଲେ। ହାତୀଟି ଅନାଦିଙ୍କ ଗୁହାଳରେ ପଶି ଗୋଟିଏ ଗାଈକୁ ମାରିବା ପରେ ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ଅନାଦିଙ୍କ ପରିବାର ଲୋକେ ଏହା ଦେଖି ବନବିଭାଗକୁ ଜଣାଇଥିଲେ। ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ତୁରନ୍ତ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଅପରପକ୍ଷରେ ଅନାଦି ଆବେଦନ କଲେ କ୍ଷତିପୂରଣ ମିଳିବ ବୋଲି ବନାଞ୍ଚଳ ଅଧିକାରୀ ସାହୁ ପ୍ରତିଶ୍ରୁତି ଦେଇଛନ୍ତି।

## 'ମାତୃଭାଷାର ପ୍ରୟୋଗ ହେଲେ ଭାଷାର ବିକାଶ ହେବ'



କଟକ ଲେଖକ ସହଯୋଗ ସମିତିର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ ଲେଖକ ସହଯୋଗ ସମିତିର ବାର୍ଷିକ ଉତ୍ସବ**

କଟକ,୧୦।୩(କାର୍ତ୍ତିକ ସାହୁ)

କଟକ ଲେଖକ ସହଯୋଗ ସମିତିର ୪୬ତମ ବାର୍ଷିକ ଉତ୍ସବ ଶ୍ରୀରାମଚନ୍ଦ୍ର ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ଶିକ୍ଷାବିତ୍ ଡ. ସତ୍ୟକାମ ମିଶ୍ର ଉଦ୍‌ଘାଟନ କରି କହିଛନ୍ତି, ସବୁ କ୍ଷେତ୍ରରେ ମାତୃଭାଷାର ପ୍ରୟୋଗ ହେଲେ ଭାଷାର ବିକାଶ ହେବ। ମୁଖ୍ୟ ଅତିଥି ପ୍ରଫେସର ବାବାଜୀ ପଟ୍ଟନାୟକ କହିଛନ୍ତି, ସନ୍ତାନମାନଙ୍କୁ ମାତୃଭାଷାରେ ଶିକ୍ଷା ଦେବା ମା'ମାନଙ୍କର ଗୁରୁ ଦାୟିତ୍ୱ। ମୁଖ୍ୟବକ୍ତା ଜ୍ଞାନୀ ଦେବାଶିଷ ମିଶ୍ର କହିଛନ୍ତି, ଭାଷା ହିଁ ଜାତିର ପରିଚୟ। ଭାଷାକୁ ଭୁଲିଲେ ଆମେ ନିଜ ପରିଚୟ ହରାଇବା ବୋଲି ସେ କହିଛନ୍ତି। ପ୍ରାଥମିକ ସ୍ତରରେ ମାତୃଭାଷା ଶିକ୍ଷାଦାନ କେତେ ସଫଳ ଶୀର୍ଷକରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବକ୍ତାମାନେ ନିଜର ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧୮ଜଣ ସାହିତ୍ୟ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଦିତ୍ୟ ପ୍ରତାପ ଧଳ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ରଘୁନାଥ ମହାପାତ୍ର ବିବରଣୀ ପାଠ କରିଥିଲେ। ଅରୁଣା ସାମନ୍ତରାୟ, ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର, ରୀତାଞ୍ଜଳି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟୁତ୍ ଲାଲା ଧନ୍ୟବାଦ ଦେଇଥିଲେ।

### ମେଧାବୃତ୍ତି ପାଇଁ ୫ ଲକ୍ଷ ଦାନ କଲେ ଶିକ୍ଷାପ୍ରେମୀ

କଟକ,୧୦।୩(କାର୍ତ୍ତିକ ସାହୁ)

ଶିକ୍ଷା ହେଉଛି ମଣିଷର ସର୍ବୋତ୍ତମ ବନ୍ଧୁ। ଜଣେ ଶିକ୍ଷିତ ବ୍ୟକ୍ତି ସର୍ବତ୍ର ସମ୍ମାନ ପାଆନ୍ତି। ଏହାକୁ ଦୃଷ୍ଟିରେ ରଖି କୃତୀ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ଦେବା ଉଦ୍ଦେଶ୍ୟରେ ୫ ଲକ୍ଷ ଟଙ୍କା ଦାନ କରି ଜଣେ ଶିକ୍ଷାପ୍ରେମୀ ନିଜର ମହନୀୟତା ପ୍ରଦର୍ଶନ କରିଛନ୍ତି। ସମାଜସେବା ତଥା ଶିକ୍ଷାକୁ ଅଗ୍ରାଧିକାର ଦେଉଥିବା ଦରଦୀ ମଣିଷ ହେଉଛନ୍ତି ଘନଶ୍ୟାମ ଶତପଥୀ। ସେ ରେଭେନ୍‌ଶା କଲିଜିଏଟ୍ ସ୍କୁଲକୁ ୫ ଲକ୍ଷ ଟଙ୍କା ଫିକ୍ସଡ ଡିପୋଜିଟ ଆକାରରେ ଦାନ ସ୍ୱରୂପ ପ୍ରଦାନ କରିଛନ୍ତି। ସେହି ଟଙ୍କାରୁ ବାର୍ଷିକ ମିଳୁଥିବା ସୁଧ ବାବଦ ଅର୍ଥକୁ ସେ ବିଦ୍ୟାଳୟରେ ପଢୁଥିବା ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ କୃତୀ ଛାତ୍ରମାନଙ୍କୁ ମେଧାବୃତ୍ତି ପ୍ରଦାନ କରିବା ପାଇଁ ଇଚ୍ଛାବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଶିକ୍ଷାପ୍ରେମୀ ଶତପଥୀ ଏହି ବିଦ୍ୟାଳୟରୁ ୧୯୫୭ରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ।

## ଉତ୍ତମ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ଶ୍ରଦ୍ଧାଞ୍ଜଳି ସଭାରେ ନିର୍ଦ୍ଦେଶକ, ଅଭିନେତା ଓ ଅନ୍ୟମାନେ।

କଟକ,୧୦।୩(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶା ମୋଶନ ପିକ୍‌ଚର ଟେକ୍ନିସିଆନ୍ସ ଆଣ୍ଡ୍ ୱାର୍କସ ଆସୋସିଏଶନ ପକ୍ଷରୁ ଆସୋସିଏଶନ ପରିସରରେ ବର୍ଷିଆନ ଅଭିନେତା ଉତ୍ତମ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସୋସିଏଶନର କର୍ମକର୍ତ୍ତାମାନେ ଯୋଗଦେଇ ଉତ୍ତମଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ପ୍ରଡକ୍ସନ ବୟ ସୁଶୀଲ କୁମାର ଭୋଇ ଅସୁସ୍ଥ ଥିବାରୁ ଆସୋସିଏଶନ ପକ୍ଷରୁ ୫୦୦୦ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା କୁନା ତ୍ରିପାଠୀ, ହରିହର ମହାପାତ୍ର, ଆସୋସିଏଶନ ସଭାପତି ତଥା ନିର୍ଦ୍ଦେଶକ ଦେବୀପ୍ରସାଦ ପଟ୍ଟନାୟକ, ଆବାହକ ଶ୍ରୀକାନ୍ତ ଦାସ, ସମ୍ପାଦକ ନିରଞ୍ଜନ ଦାଶ ଉପସ୍ଥିତ ଥିଲେ।

### ଓଡ଼ିଶା ହୋମିଓପାଥିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ତିଗିରିଆ,୧୦।୩(ଜାଫର ଖାଁ)

ତିଗିରିଆ ବ୍ଲକ ନିଜିଗଡ ପଞ୍ଚାୟତର ବରିଷ୍ଠ ଆଇନଜୀବୀ ଶଙ୍କର୍ଷଣ ମହାନ୍ତିଙ୍କ କନ୍ୟା ଡ. ତେଜସ୍ୱିନୀ ମହାନ୍ତି ହୋମିଓପାଥିକ ଶେଷ ବର୍ଷ ପରୀକ୍ଷାରେ ରାଜ୍ୟରେ ସର୍ବୋଚ୍ଚ ନମ୍ବର ରଖିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏନେଇ ସୋମବାର ତେଜସ୍ୱିନୀଙ୍କୁ ଆଠଗଡ ବିକାଶ ପରିଷଦର ସଭାପତି ତଥା ବିଜେଡି ପ୍ରବକ୍ତା ମାନସ ବସ୍ତିଆ ଉତ୍ତରୀୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁଶୀଳ କୁମାର ନନ୍ଦ, ଲୁଟୁ ଗୁରୁ, ହରେକୃଷ୍ଣ ପଟ୍ଟନାୟକ, ମନୋଜ କୁମାର ସିଂ ସାମନ୍ତ, ପ୍ରଦୀପ ଜେନା, ପ୍ରଶାନ୍ତ କୁମାର ପଟ୍ଟନାୟକ, ଡମ୍ବରୁଧର ସେଠ, ରମେଶ କୁମାର ଶତପଥୀ, ଅଶୋକ କୁମାର ମହାପାତ୍ର, ମନମୋହନ ସେଠ, ଦିବାକର ବେହେରା ପ୍ରମୁଖ ଉପସ୍ଥିତ ରହି ତେଜସ୍ୱିନୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ମଙ୍ଗୁଳି ଛକରୁ ବ୍ୟବସାୟ ପ୍ରତିଷ୍ଠାନ ଉଚ୍ଛେଦ

ମଙ୍ଗୁଳି-ଜଗତପୁର,୧୦।୩(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ମଙ୍ଗୁଳି ଛକର ଦୁଇପାର୍ଶ୍ୱରେ ବେଆଇନ ଭାବେ ଗଢ଼ି ଉଠିଥିବା ବ୍ୟବସାୟ ପ୍ରତିଷ୍ଠାନକୁ ସୋମବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଦୋକାନଗୁଡ଼ିକ ରାସ୍ତାପାର୍ଶ୍ୱରେ ରହିବା ଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିଲା। ଫଳରେ କିଛିଦିନ ତଳେ ଜାତୀୟ ରାଜପଥ ପ୍ରାଧୀକରଣର ପ୍ରକଳ୍ପ ନିର୍ଦ୍ଦେଶକ ସୂରଜ ସିଂ ଏହାକୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନ ପକ୍ଷରୁ ପୂର୍ବରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ବ୍ୟବସାୟୀଙ୍କୁ ଏନେଇ ସୂଚନା ଦିଆଯାଇଥିଲା। ହେଲେ ବ୍ୟବସାୟୀ ଏହାକୁ କର୍ଣ୍ଣପାତ ନ କରିବାରୁ ପ୍ରଶାସନ ପକ୍ଷରୁ ଜେସିବି ସାହାଯ୍ୟରେ ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ଏହି ଉଚ୍ଛେଦ ସମୟରେ ଟାଙ୍ଗୀ-ଚୌଦ୍ୱାରର ଅତିରିକ୍ତ ତହସିଲଦାର



ଜେସିବି ସାହାଯ୍ୟରେ ଦୋକାନ ଭଙ୍ଗାଯାଉଛି।

ପର୍ଶୁରାମ ମଲ୍ଲିକ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଟାଙ୍ଗୀ ଥାନା ଅଧିକାରୀ ଶିବପ୍ରସାଦ ଭଦ୍ର ଓ ଜାତୀୟ ରାଜପଥ ପ୍ରାଧୀକରଣର ସଦସ୍ୟ ଉପସ୍ଥିତ ରହିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ୪୫ଟି ଦୋକାନଗୃହକୁ ଭଙ୍ଗା ଯାଇଥିବାବେଳେ ଆଗାମୀ ଦିନରେ ମଙ୍ଗୁଳିଠାରୁ ଧୂମାବତୀ ପର୍ଯ୍ୟନ୍ତ ହୋଇଥିବା ଅନ୍ୟ ବେଆଇନ ଦୋକାନକୁ ଭଙ୍ଗାଯିବ ବୋଲି ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ସୂଚନା ଦେଇଛନ୍ତି।

## ଜନଶୁଣାଣି ଶିବିରରେ ୭୬ ଅଭିଯୋଗର ଶୁଣାଣି କଲେ ଜିଲାପାଳ

କଟକ ସଦର,୧୦।୩(ସୁଶାନ୍ତ କୁମାର ଜେନା)

କିଶନ ନଗର ତହସିଲ କାର୍ଯ୍ୟାଳୟରେ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଯୋଗଦେଇ ୭୬ଟି ଅଭିଯୋଗର ଶୁଣାଣି କରିଥିଲେ। ଭାରତମାଳା ଯୋଜନାରେ କମରପଦା ବଜାରରୁ ଦୋକାନ ଓ ବାସଗୃହ ଉଚ୍ଛେଦକୁ ପ୍ରଶାନ୍ତ ପ୍ରଧାନ, ତ୍ରିନାଥ ଦାଶଙ୍କ ନେତୃତ୍ୱରେ ପ୍ରାୟ ୨୫ ଜଣ ଚାଷୀ ବିରୋଧ କରି ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଲୋକଙ୍କ ଜୀବନଜୀବିକା ଉପରେ ଏହାର ପ୍ରଭାବ ପଡୁଥିବାରୁ ଜାତୀୟ ରାଜପଥ ପ୍ରାଧିକରଣ, ରାଜସ୍ୱ ଓ ପୂର୍ତ୍ତ ବିଭାଗର ପ୍ରତିନିଧିଙ୍କୁ ଡାକି ଆଲୋଚନା କରିବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ତହସିଲଦାର ସମୀକ୍ଷା ପାଣି, ବିଡିଓ ପ୍ରତୀକ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## କଟକଚଣ୍ଡୀ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ସାର୍ବଜନୀନ ହେଉ



ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

କଟକ,୧୦।୩(କାର୍ତ୍ତିକ ସାହୁ)

ମା' କଟକଚଣ୍ଡୀ ମନ୍ଦିର ସୁରକ୍ଷା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଟକ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତଙ୍କୁ ଏକ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। କଟକଚଣ୍ଡୀ ମନ୍ଦିର ବାସ୍ତୁଶାସ୍ତ୍ର ଅନୁଯାୟୀ ନିର୍ମିତ ହେଉଛି କି ନାହିଁ ସେ ସମ୍ପର୍କିତ ତଥ୍ୟ ସାର୍ବଜନୀନ କରାଯାଉ, ମନ୍ଦିରର ପୁନରୁଦ୍ଧାର ପରିକଳ୍ପନା ନକ୍ସା ସର୍ବସାଧାରଣରେ ପ୍ରକାଶ କରାଯାଉ, ପଥର ଓ ଅଠାରେ ମନ୍ଦିର ତିଆରି କରିବା ବଦଳରେ କଂକ୍ରିଟ ସିମେଣ୍ଟ କାର୍ଯ୍ୟ ବନ୍ଦ ହେଉ। କାରଣ ମନ୍ଦିରର ସ୍ଥାୟିତ୍ୱ ଆଗାମୀ ୫୦୦ ବର୍ଷକୁ ଆଖିଆଗରେ ରଖି କରାଯାଇଥାଏ। ନବୀକରଣ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟ ଅଟକଳ ରାଶିର ଫଳକ ନିର୍ମାଣ ସ୍ଥାନରେ ପ୍ରଦର୍ଶିତ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କଟକଚଣ୍ଡୀ ମନ୍ଦିରର ପୁନରୁଦ୍ଧାର ପାଇଁ ପୂର୍ବ ସରକାର ୮୦ କୋଟି ଟଙ୍କା ମଞ୍ଜୁର କରିଥିଲେ। ସେହି ସମୟରେ ମନ୍ଦିର ନବୀକରଣ ପରିକଳ୍ପନା ନକ୍ସାକୁ ତତ୍କାଳୀନ ସରକାର ସାର୍ବଜନୀନ କରିଥିଲେ। ହେଲେ ଦୁଃଖ ଓ ପରିତାପର ବିଷୟ ପରବର୍ତ୍ତୀ ସମୟରେ ସେହି ନକ୍ସାକୁ ପରିବର୍ତ୍ତନ କରାଯାଇ ନିର୍ମାଣ କାର୍ଯ୍ୟ ଚାଲୁଅଛି। ଏହା ଭକ୍ତଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଉଛି। ଏଣୁ କଟକ ସହରର ପରିଚୟ ମା' କଟକଚଣ୍ଡୀଙ୍କ ମନ୍ଦିର କାର୍ଯ୍ୟକୁ ସ୍ୱଚ୍ଛ ଓ ସାର୍ବଜନୀନ କରିବା ପାଇଁ ନୂତନ ସରକାରଙ୍କୁ କଟକ ସହରବାସୀଙ୍କ ତରଫରୁ ନିବେଦନ କରିଛନ୍ତି।

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

**ରାଜ୍ୟରେ ଶିଶୁଙ୍କ ପ୍ରତି ହିଂସା, ନାରୀ ନିର୍ଯାତନା ବଢୁଛି**

କଟକ,୧୦।୩(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟରେ ନାରୀ ନିର୍ଯାତନା ଓ ଶିଶୁଙ୍କ ପ୍ରତି ଘଟୁଥିବା ହିଂସା ଦିନକୁ ଦିନ ବଢିଚାଲିଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ କଂଗ୍ରେସ ଦାୟୀ କରିଛି। ଏହି ପରିପ୍ରେକ୍ଷୀରେ କଟକ ନଗର(ଜିଲା) କଂଗ୍ରେସ ସଭାପତି ସୁରେଶ ମହାପାତ୍ର ଓ ଜିଲା କଂଗ୍ରେସ ସଭାପତି ରବୀନ୍ଦ୍ର ମଲ୍ଲିକଙ୍କ ମିଳିତ ନେତୃତ୍ୱରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଟକ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରୁ ଏକ ପଦଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ପରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଦିବ୍ୟଲୋଚନ ମହାନ୍ତଙ୍କୁ ଭେଟି ରାଜ୍ୟପାଳ ହରି ବାବୁ କମ୍ଭମ୍‌ପାଟିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲା। ଏନେଇ ନଗର ସଭାପତି ମହାପାତ୍ର କହିଛନ୍ତି, ପ୍ରାୟ ୯ ମାସ ହେବ ରାଜ୍ୟରେ ନାରୀମାନଙ୍କ ଉପରେ ଅତ୍ୟାଚାର ବଢିଚାଲିଛି। ରାଜ୍ୟ ସରକାର ଏ ଦିଗରେ ଧ୍ୟାନ ଦେଇ ତୁରନ୍ତ କଡ଼ା ପଦକ୍ଷେପ ନିଅନ୍ତୁ। ନଚେତ୍ ଆଗାମୀ ଦିନରେ ବିଧାନସଭା ଘେରାଉ କରାଯିବ। ଅପରପକ୍ଷରେ କଟକ ନଗର କଂଗ୍ରେସ ପର୍ଯ୍ୟବେକ୍ଷକ କିଶୋର ଜେନା, କଟକ ଜିଲା କଂଗ୍ରେସ ପର୍ଯ୍ୟବେକ୍ଷକ ମନୋଜ ଜେନା, ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ ଯୋଗଦେଇ ମହିଳାଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ ଉକ୍ତ ଦାବିପତ୍ର ଗ୍ରହଣ କରିବା ସହ ଏ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଅନୁସୂଚିତ ଜାତି ସେଲ୍ ଅଧ୍ୟକ୍ଷ ବାଙ୍କନିଧି ବେହେରା, କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, ରାମଚନ୍ଦ୍ର ଗୋଚ୍ଛାୟତ, ସୁଦର୍ଶନ ସାହୁ, ସଞ୍ଜୟ ସାହୁ, ନଗର କଂଗ୍ରେସ ଉପସଭାପତି ରାଜେନ୍ଦ୍ର ପଟ୍ଟନାୟକ, ବିଶ୍ୱନାଥ ଶତପଥୀ, ଜିଲା କଂଗ୍ରେସ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଚୋରି କରି ଯୁବକ ଗିରଫ

ଜଟଣୀ,(ରବୀନ୍ଦ୍ରନାଥ ମହାକୁଡ଼): ଏକ ଚୋରି ଘଟଣାରେ ଜଟଣୀ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଟଣୀ ଥାନା ଅଧୀନ ଲୋକ କଲୋନି ଅଞ୍ଚଳର ଶରତ ରାଉତ (୩୪)। ତାଙ୍କ ନିକଟରୁ ଏକ ମୋବାଇଲ ଫୋନ, ଏଟିଏମ୍ କାର୍ଡ ଏବଂ ନଗଦ ଅର୍ଥରାଶି ଜବତ କରିବା ସହ ୯୧/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଜଟଣୀ ଥାନା ଅଧୀନ ଟ୍ରାଫିକ କଲୋନିରେ ରହୁଥିବା ବି. ଆରତୀ କୁମାରୀଙ୍କ ଘରେ ଗତ ୧ ତାରିଖ ସନ୍ଧ୍ୟାରେ କେହି ନ ଥିବାବେଳେ ଶରତ ତାଙ୍କ ଘରେ ପଶି ଉପରୋକ୍ତ ସାମଗ୍ରୀ ଚୋରି କରିଥିଲେ। ଏନେଇ ବି.ଆରତୀ କୁମାରୀ ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ବାଲି, ପଥର ବୋଝେଇ ଟ୍ରକ୍ ଜବତ, ୩ ଗିରଫ

ବେଗୁନିଆ,୧୦।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅଧୀନ ମୁଗମଣ୍ଡା ଛକଠାରେ ପୋଲିସ ପଥର ବୋଝେଇ ଟ୍ରକ ଜବତ କରିବା ସହ ଚାଳକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗୋଡ଼ିପାଟଣା ଗ୍ରାମର ମାଗି ବେହେରା। ସେହିପରି ବାଘମାରୀ ଥାନା ଅଧୀନ ପୋଡ଼ାଡିହ ଗ୍ରାମଠାରେ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ପୋଲିସ ୨ଟି ବାଲି ବୋଝେଇ ହାଇୱା ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖଣ୍ଡପଡ଼ା ଥାନା ଅଧୀନ ଯୋଗିଆପଲି ଗ୍ରାମର ନାରାୟଣ ବେହେରା ଓ ଡେଲାଙ୍ଗ ଥାନା ଅଧୀନ ତରାବୋଇ ଗ୍ରାମର ସୁଶାନ୍ତ ଜେନା।

### ତ୍ରିନାଥ ମନ୍ଦିରର ବାର୍ଷିକୋତ୍ସବ

ବେଗୁନିଆ,୧୦।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅଧୀନ କୋଲୁହାପାଟଣା ଗ୍ରାମର ତ୍ରିନାଥ ମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୈଦିକ ରୀତି ଅନୁସାରେ କଳସ ସ୍ଥାପନ ସହ ହୋମଯଜ୍ଞ କାର୍ଯ୍ୟରେ ଏକ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ପରେ ମା' ଚେମେଟେଇଶୁଣୀ ଭଜନ ଓ କୁରାଡିଲୋ ମା' ବାଉତି ଭଜନ ମଣ୍ଡଳୀ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମର ବାଉରୀ ବନ୍ଧୁ ପରିଡ଼ା, ମାଗୁଣି ନାୟକ, ରାମଚନ୍ଦ୍ର ନାୟକ, ଦେବରାଜ ନାୟକ, ଶିକ୍ଷକ ପବିଧର ପରିଡ଼ା ଚିନ୍ତାମଣି ପରିଡ଼ା, ତ୍ରିନାଥ ପରିଡ଼ା ଓ ନିରଞ୍ଜନ ଛାଟୋଇ ପ୍ରମୁଖଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

### ତମାଣ୍ଡୋ କପ୍ କ୍ରିକେଟ: ଫାଇନାଲରେ ଟିସିସି ଭୁବନେଶ୍ୱର



ଯାଁଳା,୧୦।୩(ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୭ମ ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ମ୍ୟାଚ୍‌ରେ ଆଇକନିକ-୧୧କୁ ହରାଇ ଟିସିସି ଭୁବନେଶ୍ୱର ଫାଇନାଲରେ ପ୍ରବେଶ କରିଛି। ଟିସିସି ଭୁବନେଶ୍ୱର ଟସ୍ ଜିତି ପ୍ରଥମେ ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ଆଇକନିକ-୧୧, ୨୦ ଓଭରରେ ୭ ଉଇକେଟ ହରାଇ ୧୭୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଟିସିସି ଭୁବନେଶ୍ୱର ଦଳ ୧୭ ଓଭରରେ ୫ ଉଇକେଟ ହରାଇ ୧୭୯ ରନ୍ ସଂଗ୍ରହ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ କଶ୍ୟାମ ସାଗର ବଳ ୧୭ ବଲ୍‌ରେ ୫ଟି ଚଉକା ଏବଂ ୪ଟି ଛକା ମାରି ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ ଭାବେ ବିବେଚିତ ହେବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ। ରାଜେଶ କୁମାର ପ୍ରଧାନ ମ୍ୟାଚ୍‌ର ଉପସ୍ଥାପକ ଥିଲେ।

# ୧୯, ୨୦ରେ ବାଣପୁର ପଞ୍ଚଦୋଳ ଯାତ୍ରା

ଖୋର୍ଦ୍ଧା,୧୦।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବାଣପୁର ଐତିହାସିକ ପଞ୍ଚଦୋଳ ଯାତ୍ରା ଆସନ୍ତା ୧୯ ଓ ୨୦ ତାରିଖରେ ପଲଟଣ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ଚିଲିକା ବିଧାୟକ ତଥା ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ପ୍ରସ୍ତୁତି ବୈଠକ ହୋଇଥିଲା। ଶୃଙ୍ଖଳିତ ମେଳଣ, ଆଇନଶୃଙ୍ଖଳା, ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଠାକୁର ଓ ଠାକୁରାଣୀମାନଙ୍କ ଆଗମନ, ନିରବଚ୍ଛିନ୍ନ ବିଦ୍ୟୁତ ସେବା, ପାନୀୟଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଶ୍ରଦ୍ଧାଳୁଙ୍କ ସୁରକ୍ଷା, ସ୍ୱଚ୍ଛତା ଉପରେ ଆଲୋଚନା ହୋଇଥିଲା। ଚଳିତବର୍ଷ ପଞ୍ଚଦୋଳ ଯାତ୍ରା ମହାଆଡମ୍ବରରେ ପାଳନ କରାଯିବ। ଏଥିଲାଗି ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଜିଲା ଓ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଉକ୍ତ ବୈଠକରେ ଜିଲାପାଳ ଚଞ୍ଚଳ ରାଣା, ଉପଜିଲାପାଳ କିଶୋର କୁମାର ପଣ୍ଡା, ପଞ୍ଚଦୋଳ କମିଟି ସଭାପତି ତଥା ବାଣପୁର ତହସିଲଦାର ଟି. ପଦ୍ମନାଭ ଦୋରା, ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବିଡିଓ ଶୀତଲ ଅଗ୍ରୱାଲ, ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ, ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସଞ୍ଜୟ କୁମାର ପଟ୍ଟନାୟକ, ବାଣପୁର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିଗମାନନ୍ଦ ନନ୍ଦ, ବାଲୁଗାଁ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍, ବାଣପୁର ଥାନାଧିକାରୀ ରମେଶ କୁମାର ବେବର୍ତ୍ତା, ବାଲୁଗାଁ ଥାନାଧିକାରୀ ଜୟପ୍ରକାଶ ପରିଡ଼ା, ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରମାକାନ୍ତ ନାୟକ, ବିଦ୍ୟୁତ ବିଭାଗ ଏସ୍‌ଡିଓ ଟୁକୁନା ଦଳାଇ, ପଞ୍ଚଦୋଳ କମିଟି ସମ୍ପାଦକ ମାଧବ ବାରିକ, ଉପସଭାପତି ବୀରଭଦ୍ର କାଣ୍ଡିଙ୍କ ସମେତ ପଞ୍ଚଦୋଳ କମିଟିର କର୍ମକର୍ତ୍ତା ଓ ସ୍ଥାନୀୟ ବ୍ୟକ୍ତିବିଶେଷମାନେ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଜିଲାପାଳ ଚଞ୍ଚଳ ରାଣା।

**ସମୀକ୍ଷା କଲେ ଆଇନମନ୍ତ୍ରୀ**

- ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ
- ଟ୍ରାଫିକ, ଶୃଙ୍ଖଳିତ ବ୍ୟବସ୍ଥା, ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଗୁରୁତ୍ୱ

# ପାରିକୁଦ ଗଡ଼ରେ ଠାକୁରଙ୍କ ଭୋଗଖିଆ ଆରମ୍ଭ



ଠାକୁରଙ୍କୁ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଉଛି।

କୃଷ୍ଣପ୍ରସାଦ,୧୦।୩(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଆ ସଂସ୍କୃତିରେ ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଦୋଳପର୍ବ ଅନ୍ୟତମ। ଫଗୁ ଦଶମୀ ପରଠାରୁ ଆରମ୍ଭ ହୋଇଛି ଠାକୁରଙ୍କ ଚାଚେରି ଭୋଗଖିଆ ପର୍ବ। ପରମ୍ପରା ମୁତାବକ, ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ବାସଭବନରେ ମୁଖ୍ୟ ପୀଠାଧୀଶ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବ ଏବଂ ଦଧିବାମନ ଦେବଙ୍କୁ ପ୍ରଥମ ଚାଚେରି ଭୋଗ ଲାଗି କରାଯାଇଥିଲା। ମଙ୍ଗଳବାରଠାରୁ ସୁସଜ୍ଜିତ ବିମାନରେ ଠାକୁର ଗ୍ରାମ ପରିକ୍ରମା କରି ଦୁଆର ଭୋଗ ଖିଆ ଆରମ୍ଭ ହେବ। ପାରିକୁଦ ରାଜା ସାହେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶତାୟୁ ଚାଚେରି ଭୋଗଖିଆ ପର୍ବ ଆରମ୍ଭ ହୋଇଥିଲା। ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଉତ୍ସବ ପାଳନରେ ସହଯୋଗ କରିଥିଲେ। ପାଞ୍ଚ ମୌଜା ପରିଚାଳନା କମିଟି ଅଧୀନସ୍ଥ ୧୧ଟି ଗ୍ରାମରେ ଠାକୁରଙ୍କୁ ଭୋଗ ଲାଗି ହେବା ପରେ ଆସନ୍ତା ୧୪ ତାରିଖରେ ପାରମ୍ପରିକ ଦୋଳଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଥାନା ଆଇଆଇସି ଭାବଗ୍ରାହୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

# 'ସବୁ କ୍ଷେତ୍ରରେ ମହିଳାଙ୍କ ପାରଦର୍ଶିତା ରହିଛି'



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ମହିଳାମାନେ।

ଖୋର୍ଦ୍ଧା,୧୦।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଇକରା ପବ୍ଲିକ୍ ସ୍କୁଲ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସ୍ୱର୍ଣ୍ଣଲତା ସାମନ୍ତରାୟ ମୁଖ୍ୟ ଅତିଥି, ଖୋର୍ଦ୍ଧା ଓ ନୟାଗଡ଼ ଜିଲା ଅହମଦୀୟା ମୁସଲିମ ମହିଳା ସଂଗଠନର ସଭାନେତ୍ରୀ ଅମତୁଲ ହଫିଜ, କେରଙ୍ଗ ଅହମଦୀୟା ମୁସଲିମ ମହିଳା ସଂଗଠନର ସଭାନେତ୍ରୀ ଶାହେଦା ବେଗମ, ଇକରା ପବ୍ଲିକ୍ ସ୍କୁଲ କମିଟିର ସଦସ୍ୟା ରୋକିଆ ବାନୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ମହିଳାଙ୍କ ସାମାଜିକ, ଆର୍ଥିକ, ସାଂସ୍କୃତିକ, ରାଜନୈତିକ ଏବଂ ସମାଜର ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ସଫଳତା ଓ ପାରଦର୍ଶିତା ବିଷୟରେ ଆଲୋକପାତ କରିଥିଲେ। ମହିଳାଙ୍କ ପାଇଁ ଅଧିକାର ଓ ସୁଯୋଗର ସମାନତା ସକାଶେ ଅଧିକରୁ ଅଧିକ ସଚେତନତା ସୃଷ୍ଟି ନିମନ୍ତେ ଆହ୍ୱାନ ଦେଇଥିଲେ। ମହିଳାମାନେ ଆଜିର ଯୁଗରେ ସବୁ କ୍ଷେତ୍ରରେ ଆଗକୁ କିପରି ବଢିପାରିବେ, ସ୍ୱାବଲମ୍ବୀ ହୋଇପାରିବେ, ସମାଜରେ କିପରି ଉଚିତ ନ୍ୟାୟ ପାଇପାରିବେ ସେ ବିଷୟରେ ନିଜ ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଇକରା ପବ୍ଲିକ୍ ସ୍କୁଲର ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

## ବେଲପଡ଼ା ଗ୍ରାମରେ ହାତୀ

ଜଟଣୀ,୧୦।୩(ରବୀନ୍ଦ୍ରନାଥ ମହାକୁଡ଼)

ଖାଦ୍ୟ ସନ୍ଧାନରେ ବରୁଣେଇ ଜଙ୍ଗଲରୁ ଏକ ଦନ୍ତା ହାତୀ ଜଟଣୀ ବ୍ଲକ ଅଧୀନ ବେଲପଡ଼ା ଗ୍ରାମରେ ପଶିଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଭୟରେ ଅଛନ୍ତି। ଖୋର୍ଦ୍ଧା ବନ ବିଭାଗ ଗ୍ରାମରେ ପହଞ୍ଚି ହାତୀକୁ ପୁଣି ଜଙ୍ଗଲ ମୁହାଁ କରାଇବାକୁ ଚେଷ୍ଟା ଜାରି ରଖିଛି।ସୂଚନା ମୁତାବକ, ଉକ୍ତ ହାତୀଟି ଗତ ଶନିବାର ବିଳମ୍ବିତ ରାତିରେ ଜଟଣୀ ବ୍ଲକର ପୋଡପଡ଼ା ଗ୍ରାମ ପାଖ ଦେଇ ଆଇଆଇଟି କ୍ୟାମ୍ପସ ପାଚେରୀ ଭାଙ୍ଗି ଭିତରକୁ ପଶିଥିଲା। ସ୍ଥାନୀୟ ଲୋକେ ହାତୀକୁ ଘଉଡ଼େଇବାକୁ ଚେଷ୍ଟା କରିଥିଲେ। ଖୋର୍ଦ୍ଧା ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଥିଲା। ପରେ ସ୍ଥାନୀୟ ଗ୍ରାମବାସୀ ଓ ବନ ବିଭାଗର ମିଳିତ ଉଦ୍ୟମରେ ହାତୀ କ୍ୟାମ୍ପସରୁ ବାହାରି ବରୁଣେଇ ଜଙ୍ଗଲ ଆଡ଼େ ଯାଇଥିଲା। ପରେ ସେହି ଦନ୍ତାଟି ବେଲପଡ଼ା ଗ୍ରାମ ଜଙ୍ଗଲରେ ବୁଲୁଛି।

## ୧୦ ନଂ. ଜୋନ୍‌ରେ କଂଗ୍ରେସ କର୍ମୀ ସମାବେଶ

ଟାଙ୍ଗୀ,୧୦।୩(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୧୦ ନମ୍ବର ଜୋନ୍‌ରେ କଂଗ୍ରେସ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ ନମ୍ବର ଜୋନ ଅନ୍ତର୍ଗତ ୬ଟି ପଞ୍ଚାୟତର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ବିଶ୍ୱଭୂଷଣ ଛୋଟରାୟ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧୀ କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରିବା ସହ କଂଗ୍ରେସ ହିଁ ଆଗାମୀ ଦିନରେ ଏକମାତ୍ର ବିକଳ୍ପ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପିସିସି ମୁଖପାତ୍ର ତଥା ଖୋରଧା ଜିଲା କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ଅମିତ ମହାନ୍ତି କଂଗ୍ରେସର ଅବଦାନ ଓ ବିଚାରଧାରା ଉପରେ ମତବ୍ୟକ୍ତ କରିବା ସହ ଡବଲ ଇଞ୍ଜିନ ସରକାର ସମୟରେ ଦରଦାମ ବୃଦ୍ଧି, ବେରୋଜଗାର, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ଭାଜପା ଦ୍ୱାରା ଗଣତନ୍ତ୍ର ଓ ସମ୍ବିଧାନର ହତ୍ୟା ଭଳି ପ୍ରମୁଖ ଘଟଣାବଳୀ ଉପରେ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ କଂଗ୍ରେସ ଦଳରେ ଅନେକ ଯୁବକ ସାମିଲ ହୋଇଥିଲେ। କଂଗ୍ରେସର ଅବଦାନକୁ ଘରେ ଘରେ ପହଞ୍ଚାଇବା ସହ ତୃଣମୂଳ ସ୍ତରରୁ କଂଗ୍ରେସକୁ ସୁଦୃଢ଼ କରିବା ନିମନ୍ତେ ସଂକଳ୍ପ ନେଇଥିଲେ। ଶେଷରେ ଟାଙ୍ଗୀ ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଂଶୀଧର ପ୍ରଧାନ, ବିକାଶ ନାୟକ, ବାପି ପଟ୍ଟନାୟକ, ସଞ୍ଜୟ ସ୍ୱାଇଁ, ବିଭୂତି ମହାପାତ୍ର, ବୁଲୁ ରାଉତ, ପ୍ରଦୀପ ବେହେରା ଓ ପାଣ୍ଡବ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

# ଛୟାନବେ ସାହି ସାଧବ ସମାଜର ବାର୍ଷିକ ସାଧାରଣ ଅଧିବେଶନ

ବେଗୁନିଆ,୧୦।୩
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦରମହକୁମାସ୍ଥିତ କଲ୍ୟାଣ ମଣ୍ଡପ ସଭାଗୃହ ପରିସରରେ ଛୟାନବେ ସାହି ସାଧବ ସମାଜ ପକ୍ଷରୁ ରବିବାର ୫୩ତମ ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଉପେନ୍ଦ୍ର ନାଥ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧିବେଶନରେ ଆଠ ଗୋଟି ପେଣ୍ଠର ସାଧବମାନେ ଯୋଗଦେଇ ଆଗକୁ ସାଧବ ସମାଜର ଅଭିମୁଖ୍ୟକୁ କିପରି ସାଧିତ କରାଯାଇପାରିବ, ସେନେଇ ଆଲୋଚନା କରିଥିଲେ। ବାର୍ଷିକ ଆୟ ଓ ବ୍ୟୟର ହିସାବ କରାଯିବା ସହ ଜାତି କଲ୍ୟାଣ ପାଣ୍ଠିକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ନିଖିଳ ଉତ୍କଳ ତୈଳିକ ବୈଶ୍ୟ ମହାସଭା ସଭାପତି ତଥା ଚିଲିକା ପୂର୍ବତନ ବିଧାୟକ ରଘୁନାଥ ସାହୁ ଯୋଗଦେଇ ସାଧବ ସମାଜ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବା ସହ କଲ୍ୟାଣ ପାଣ୍ଠିକୁ ସଶକ୍ତ କରିବାକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି ଆର୍ଥିକ ଅନଟନ ମଧ୍ୟରେ ଗତି କରୁଥିବା ପରିବାରର ରୋଜଗାର ସକ୍ଷମ ପାଇଁ ପ୍ରୟାସ ଜାରି ରହିବ। ଆତ୍ମ ନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ମହିଳାଙ୍କୁ ସିଲାଇ ମେଶିନ ପ୍ରଦାନ କରାଯାଇଛି। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲଭିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବ୍ୟାଧି ପ୍ରପୀଡ଼ିତ ବ୍ୟକ୍ତି, ବିଧବା ଓ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ କରାଯାଇ ମହାସଭାର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ଅବସରରେ କଳାକାରମାନେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ସାଧାରଣ ଅଧିବେଶନରେ ମଞ୍ଚାସୀନ ଅତିଥି।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଜଟଣୀ,୧୦।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ପଧାନସାହି ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିବା ସହ କେତୋଟିର ତ୍ୱରିତ ସମାଧାନ କରିଥିଲେ। ଏହି ଅବସରରେ ଏକ ଶୌଚାଳୟ ଓ ପାଠାଗାରକୁ ଜିଲାପାଳ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମାତ୍ର ୪୪ଟି ଲିଖିତ ଅଭିଯୋଗ ହୋଇଛି। ତନ୍ମଧ୍ୟରେ ୧୬ଟି ବ୍ୟକ୍ତିଗତ ଓ ୨୮ଟି ସାମୂହିକ ଅଭିଯୋଗ ରହିଛି। ତେବେ ପୂର୍ବାପେକ୍ଷା ଅଭିଯୋଗ ସଂଖ୍ୟା କମିଯାଉଛି। ଜନସାଧାରଣ ବାରମ୍ବାର ସମସ୍ୟା ଜଣାଇ ଆସୁଥିବାବେଳେ ତା'ର ସମାଧାନ ହେଉନାହିଁ। ଫଳରେ ସେମାନେ ଅସନ୍ତୋଷ ପ୍ରକାଶ କରି ଏହି କାର୍ଯ୍ୟକ୍ରମରୁ ମୁହଁ ଫେରାଇ ନେଉଥିବା ସାଧାରଣରେ ଅଭିଯୋଗ ହେଉଛି। ସୂଚନା ଅଧିକାର କର୍ମୀ ବୀରକିଶୋର ବାରିକ କହିଛନ୍ତି, ଅନେକ ସମୟରେ ଜିଲାପାଳଙ୍କୁ ଲୋକେ ଅଭିଯୋଗ କରିବା ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ, ତେଣୁ ଲୋକେ ଏଠାକୁ ଆସି କାହିଁକି ସମୟ ନଷ୍ଟ କରିବେ। କେବଳ କାଗଜ କଲମରେ ଅଭିଯୋଗ ଶୁଣାଣି ହେଉଛି। ତେଣୁ ଏଥିପ୍ରତି ଲୋକଙ୍କର ଆଉ ଭରସା ପାଉନି ।

# ଶାକାହାରୀ ରଙ୍ଗଣୀ ସମାଜର ବାର୍ଷିକ ଅଧିବେଶନ

ବୋଲଗଡ,୧୦।୩(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ଅଧୀନ ରାସୋଳ ଗ୍ରାମ ବଡ଼ସାହିଠାରେ ଶାକାହାରୀ ରଙ୍ଗଣୀ ସମାଜ ବାର୍ଷିକ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶାକାହାରୀ ରଙ୍ଗଣୀ ସମାଜର ଶାଖା ପାତପଇତା ୩ଶହ ଘର ରଙ୍ଗଣୀ ସମାଜ ସଭାପତି ସୁରେନ୍ଦ୍ର କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଗ୍ରାମର ଭୋଳେଶ୍ୱର ଦେବଙ୍କ ପୀଠଠାରୁ ସମସ୍ତ ରଙ୍ଗଣୀ ସମାଜର ସଦସ୍ୟ ଏକ ପଟୁଆରରେ ଅଧିବେଶନ ସ୍ଥଳକୁ ଆସିଥିଲେ। ବିଶିଷ୍ଟ ଅତିଥି ଶତ୍ରୁଘ୍ନ ସେନାପତି, ଜଗବନ୍ଧୁ ସେନାପତି, ବୃନ୍ଦାବନ ସାହୁ ଓ କୃଷ୍ଣଚନ୍ଦ୍ର ସାହୁଙ୍କୁ ସଭା ସ୍ଥଳକୁ ପାଛୋଟି ନିଆଯାଇଥିଲା। ବୈଠକରେ ବନ୍ଧୁ ସମାବେଶ, ଶୁଭ ଉଦ୍‌ଘାଟନ, ଅତିଥିଙ୍କୁ ମାଲ୍ୟାର୍ପଣ, ପ୍ରାର୍ଥନା, ସାଇ ସଂଖୋଳା, ଛ ଦେଶ ବଞ୍ଚାଣ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ସାନପଦର ପଞ୍ଚାୟତ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତି ସଭ୍ୟ ଦିଲୀପ ମହାପାତ୍ର ଏବଂ ପ୍ରଦୀପ ପାଲଟାସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଧାଂଶୁ ଶେଖର ସାହୁ ଅତିଥି ପରିଚୟ ଦେଇଥିଲେ। ବୈଠକରେ ଶାକାହାରୀ ରଙ୍ଗଣୀ ସମାଜ ଶାଖା ପାତପଇତା ୩ଶହ ଘର ସଭାପତି ଅଶେଷାନନ୍ଦ ମହଲା, ସମ୍ପାଦକ ବ୍ରହ୍ମାନନ୍ଦ ସାହୁ, ବୁଦ୍ଧିନାଥ ବେହେରା, ଆରତବନ୍ଧୁ ମହଲା, ରାଜକିଶୋର ଦାସ, ସୁବ୍ରତ ସାହୁ, ପବିତ୍ର ସାହୁ, କିଶୋର ଦାସ, ରାଜକିଶୋର ମହଲାଙ୍କ ସମେତ ରାସୋଳ ଗ୍ରାମର ରଙ୍ଗଣୀ ସମାଜ ସହଯୋଗ କରି ପରିଚାଳନା କରିଥିଲେ। ଶାକାହାରୀ ରଙ୍ଗଣୀ ସମାଜ ପକ୍ଷରୁ ଶିକ୍ଷାର ବିକାଶ ପାଇଁ ସଦସ୍ୟ ପରିବାରର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ରାଜ୍ୟ ନିଖିଳ ଉତ୍କଳ ରଙ୍ଗଣୀ ସମାଜ ଶାଖାର ବିଭିନ୍ନ ଜିଲା ରଙ୍ଗାଣୀ ସମାଜର ଶତାଧିକ ଜାତି ଭାଇମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଦେଇଥିଲେ।



ବଡ଼ସାହିଠାରେ ଆୟୋଜିତ ଅଧିବେଶନରେ ଅତିଥିଙ୍କ ସହ ଶାକାହାରୀ ରଙ୍ଗଣୀ ସମାଜର ସଦସ୍ୟମାନେ।

# ମହିଳା ଅତ୍ୟାଚାର ବଢ଼ିଚାଲିଛି: କଂଗ୍ରେସ

ଖୋର୍ଦ୍ଧା,୧୦।୩(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟରେ ମହିଳାଙ୍କ ବିରୋଧରେ ଅତ୍ୟାଚାର ବଢ଼ିଚାଲିଥିବା ଅଭିଯୋଗ ଆଣି ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ କଂଗ୍ରେସ କର୍ମୀମାନେ ହୋହଲ୍ଲା କରିଥିଲେ।

ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଲେ ଯେ, ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ମହିଳା ଉପେକ୍ଷିତ ଓ ନିର୍ଯାତିତ। ଭାଜପା ମହିଳା ସଶକ୍ତୀକରଣ ଓ ସୁରକ୍ଷା ପ୍ରସଙ୍ଗ ଉଠାଇ ନିର୍ବାଚନ ଜିତିବା ପରେ ମହିଳାଙ୍କୁ ଉପେକ୍ଷା କରୁଛି। ପୂର୍ବରୁ ମହିଳା ନିର୍ଯାତନା ବିରୋଧରେ ଚିତ୍କାର କରୁଥିବା ଭାଜପା ଏବେ ନୀରବ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଦୈନିକ ମହିଳାଙ୍କ ଉପରେ ନିର୍ଯାତନା ବଢିଚାଲିଛି। ଗତ ୮ମାସ ଭିତରେ ୧୬ଶହ ମହିଳା ଅତ୍ୟାଚାରିତ ହୋଇଥିବା ନେଇ ମାମଲା ଦାଏର ହୋଇଛି। ରାଜ୍ୟରେ ମହିଳା ଅସୁରକ୍ଷିତ। ଆଦିବାସୀ ଛାତ୍ରାବାସରେ ଛାତ୍ରୀ ଗର୍ଭବତୀ ହେବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ମୁଖ୍ୟମନ୍ତ୍ରୀ ଏ ଦିଗରେ ନୀରବ କାହିଁକି ବୋଲି କଂଗ୍ରେସ ନେତାମାନେ ପ୍ରଶ୍ନ କରିଛନ୍ତି।

ପୂର୍ବାହ୍ନରେ ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ନୂଆ ବସ୍‌ଷ୍ଟାଣ୍ଡଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ଓ ପଦଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ କରିଥିଲେ। ବରିଷ୍ଠ ନେତା ସୁରେଶ ରାଉତରାୟ, ଡ. ବିଶ୍ୱରଞ୍ଜନ ମହାନ୍ତି, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସ୍ୱାଗତିକା ପଟ୍ଟନାୟକ, ସିଦ୍ଧାର୍ଥ ରାଉତରାୟ, ସଦାଶିବ ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକ, ବିଶ୍ୱଭୂଷଣ ଛୋଟରାୟ, ତପନ ଚକ୍ରବର୍ତ୍ତୀ, ପ୍ରଦୀପ ସ୍ୱାଇଁ, ସୌମ୍ୟରଞ୍ଜନ ବରାଳ, ଅମିତ ମହାନ୍ତି, ଶିଳାଦିତ୍ୟ ପଟ୍ଟନାୟକ, ଶିଶିର ପରିଡା, ପ୍ଲାବନ ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ ଏବଂ ଜୟଶ୍ରୀ ପାତ୍ର ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ କଂଗ୍ରେସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

- ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶୋଭାଯାତ୍ରା
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

### କାଶିଆଶାସନରେ ଅଷ୍ଟପ୍ରହର ନାମଯଜ୍ଞ

ବଳଙ୍ଗା,(କେଦାରେଶ୍ୱର ନନ୍ଦ)- ବଳଙ୍ଗା ଥାନା କୋଠକୁସାଙ୍ଗ ପଞ୍ଚାୟତ ଅଧୀନ କାଶିଆଶାସନ ଗ୍ରାମରେ ପ୍ରତିବର୍ଷ ପରି ଚଳିତବର୍ଷ ଅଷ୍ଟପ୍ରହର ଏବଂ ନାମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଶିଆଶାସନ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଅଷ୍ଟପ୍ରହର ନାମଯଜ୍ଞରେ ୭ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନମଣ୍ଡଳୀ ସାମିଲ୍ ହୋଇଥିଲେ। ଏହି ଅବସରରେ ନିମାପଡ଼ାର ସାମାଜିକ କର୍ମୀ ରୋଜାଲିନ ନାୟକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ପରମ୍ପରା କେଉଁ ଆବହମାନ କାଳରୁ ହୋଇଆସୁଥିବା ଗ୍ରାମର ରାମଚନ୍ଦ୍ର ସ୍ୱାଇଁ, ଶଙ୍କର୍ଷଣ ଓଝା, ପ୍ରଶାନ୍ତ କୁମାର ଖଟୁଆ, ମହେନ୍ଦ୍ର ସ୍ୱାଇଁ ପ୍ରମୁଖ କହିଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୩।୨୦୨୫

| | |
|---|---|
| ୬,୭୧,୨୬୪ ଟଙ୍କା | |
| ସୁନା | ୨୦ ଗ୍ରାମ୍ |
| ରୁପା | ୭୪.୩୦୦ ଗ୍ରାମ୍ |

# ୨ ୱାର୍ଡବାସୀ ପାଣି ପାଇଁ ହଇରାଣ

### ବିଡିଓଙ୍କୁ ଦାବିପତ୍ର

ନିମାପଡ଼ା,୧୦।୩(ବିଚିତ୍ରାନନ୍ଦ ସାହୁ)

ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେଉଥିବାବେଳେ ନିମାପଡ଼ା ବ୍ଲକରେ ଏବେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ବ୍ଲକର ଅନ୍ଧୁଆର ଗ୍ରାମ ପଞ୍ଚାୟତର ୧୨ନଂ., ୧୩ନଂ. ୱାର୍ଡର ତରଡ଼ାପଡ଼ା ଗ୍ରାମରେ ଏହି ପାନୀୟ ଜଳ ସଙ୍କଟ ତୀବ୍ରତର ହୋଇପଡ଼ିଛି। ୨ଟି ୱାର୍ଡର ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ପିଇବା ପାଣି ପାଇଁ ଘୋର ହଇରାଣ ହେଉଛନ୍ତି। ପିଇବା ପାଣି ପାଇଁ ଗ୍ରାମବାସୀ ଓ ମହିଳାମାନେ ଗ୍ରାମଠାରୁ ପ୍ରାୟ ୨କି.ମି. ବ୍ୟବଧାନ କିଆକଣ୍ଟା ଗ୍ରାମକୁ ପାଇପ ଲାଇନ ପାଣି ଆଣିବାକୁ ଯାଉଥିବା ଗ୍ରାମବାସୀ ଅଭିନାଶ ମିଶ୍ର, ରମେଶ ଚନ୍ଦ୍ର ମିଶ୍ର, ଶୋଭାରାଣୀ ବେହେରା, ସଞ୍ଜୟ କୁମାର ବିଶ୍ୱାଳ ପ୍ରମୁଖ କହିଛନ୍ତି। ୨ଟି ୱାର୍ଡରେ ଥିବା ୭/୮ଟି ସରକାରୀ ନଳକୂପ ଅଚଳ ହୋଇପଡ଼ିଥିବାରୁ ନଳକୂପରୁ ଠିକ୍ ଭାବେ ପାଣି ବାହାରୁ ନାହିଁ। ଅଚଳ ନଳକୂପଗୁଡ଼ିକୁ ମରାମତି ଓ ସଚଳ କରିବା ଦିଗରେ ଆଦୌ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଉପରୋକ୍ତ ୨ଟି ୱାର୍ଡକୁ ବର୍ଷେ



ତରଡ଼ାପଡ଼ା ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ହେବ ବସୁଧା ଯୋଜନାରେ ବୋରିଂ କାର୍ଯ୍ୟ ସରିଥିବାବେଳେ ଅଦ୍ୟାବଧି ମଧ୍ୟ ଏହି ୨ଟି ୱାର୍ଡକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ହୋଇପାରି ନ ଥିବାରୁ ଏବେ ଏହି ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଆଗକୁ ଏହି ପାନୀୟ ଜଳ ସଙ୍କଟ ଆହୁରି ତୀବ୍ରତର ହେବାର ଆଶଙ୍କା ଦେଖାଦେଇଛି। ତୁରନ୍ତ ଅଚଳ ନଳକୂପଗୁଡ଼ିକ ମରାମତି କରାଯାଇ ସଚଳ କରାଯିବା, ଯୁଦ୍ଧକାଳୀନ ଭିତ୍ତିରେ ଗ୍ରାମବାସୀଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବା ସମ୍ପର୍କରେ ଗ୍ରାମବାସୀ ଦାମୋଦର ମିଶ୍ର, ମଞ୍ଜୁଲତା ମିଶ୍ର, ମନୋରଞ୍ଜନ ବିଶ୍ୱାଳ, ଅବିନାଶ ମିଶ୍ର, କନକଲତା ମିଶ୍ର, ପଞ୍ଚାନନ ବେହେରା ପ୍ରମୁଖ ବିଡିଓ ଓ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଗ୍ରାମବାସୀ ସୋମବାର ଏହି ଜଳ ସଙ୍କଟ ସମ୍ପର୍କରେ ବିଡିଓ ଓ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏସମ୍ପର୍କରେ ବିଡିଓ ଅଭିଜିତ୍ ଷଡ଼ଙ୍ଗୀଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର ଅଚଳ ନଳକୂପଗୁଡ଼ିକୁ ମରାମତି କରାଯାଇ ସଚଳ କରାଯିବ ଓ ଗ୍ରାମବାସୀଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏନେଇ ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ପ୍ରବୀର କୁମାର ବଳଙ୍କୁ ପଚାରିବାରେ, ମଙ୍ଗଳବାରଠାରୁ ଗ୍ରାମବାସୀଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ଯୁଦ୍ଧକାଳୀନ ଭିତ୍ତିରେ ଅଚଳ ନଳକୂପଗୁଡ଼ିକୁ ମରାମତି କରାଯାଇ ସଚଳ କରାଯିବ ଓ ଆସନ୍ତା ମାସେ ମଧ୍ୟରେ ଗ୍ରାମର ପ୍ରତ୍ୟେକ ଘରକୁ ଓ ପରିବାରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସହକାରୀ ଯନ୍ତ୍ରୀ ବଳ କହିଛନ୍ତି।

## ପ୍ଲାଷ୍ଟିକ ଆବର୍ଜନାଜନିତ କୁପ୍ରଭାବ ହ୍ରାସ ସଂକ୍ରାନ୍ତ କର୍ମଶାଳା

ପୁରୀ,୧୦।୩(ଅଜିତ୍ କୁମାର ମହାନ୍ତି)

ସ୍ୱନ୍ଦନ ଅନୁଷ୍ଠାନ ଏବଂ ଏଚ୍‌ସିଏଲ୍ ଫାଉଣ୍ଡେସନର ମିଳିତ ପ୍ରୟାସରେ ପ୍ଲାଷ୍ଟିକ ଆବର୍ଜନାଜନିତ କୁପ୍ରଭାବ ହ୍ରାସ ସମ୍ପର୍କିତ କର୍ମଶାଳା ରବିବାର ଏକ ହୋଟେଲରେ ଆୟୋଜିତ ହୋଇଯାଇଛି। ପୁରୀ ସମୁଦ୍ରକୂଳରେ ବହୁ ପରିମାଣରେ ପ୍ଲାଷ୍ଟିକ ଆବର୍ଜନା ପଡ଼ିରହୁଛି। ପୁରୀ ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ହୋଇଥିବାବେଳେ ଅଧିକ ପରିମାଣର ଏହି ସବୁ ଆବର୍ଜନା ପରିବେଶ ପ୍ରଦୂଷଣ କରୁଛି। ପୁରୀ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ତାହା ଯଥେଷ୍ଟ ହେଉନାହିଁ। ପ୍ରଦୂଷଣ କମାଇବା ନିମନ୍ତେ ସ୍ୱନ୍ଦନ ଅନୁଷ୍ଠାନ ସ୍ଥାନୀୟ ପେଣ୍ଟକଟା ବସ୍ତିରେ ଇକୋ- ଚାମ୍ପିୟନମାନଙ୍କୁ କାମ କରିବାକୁ ପ୍ରେରଣା ଦେଇଆସୁଛି। ସିପେଟ୍‌ର ଡ. ଦେବୀ ପ୍ରସାଦ ଦୀକ୍ଷିତ, ସେଞ୍ଚୁରିଆନ ୟୁନିଭର୍ସିଟିର ଡ. କମଳ କୁମାର ବାରିକ୍, ସରକାରୀ ଆଇଟିଆଇର ସନାତନ ସାହୁ, ପୁରୀ ପୌରସଂସ୍ଥାର ସୌଭାଗ୍ୟଲକ୍ଷ୍ମୀ ଜେନା ଏବଂ କେଶବ ଚନ୍ଦ୍ର ସାହୁ ପ୍ରମୁଖ କର୍ମଶାଳାରେ ଯୋଗଦେଇ ମତ ରଖିଥିଲେ। ପ୍ଲାଷ୍ଟିକର ପ୍ରକାର ଭେଦ ଓ ତାହାର ପ୍ରଭାବ ଉପରେ ସମସ୍ତେ ଆଲୋକପାତ କରିଥିଲେ। ସ୍ୱନ୍ଦନ ଅନୁଷ୍ଠାନ ତରଫରୁ ଆଗାମୀ ଦିନରେ ବର୍ଜ୍ୟବସ୍ତୁକୁ ପୁନଃ ଉପଯୋଗ କରିବା ଦିଗରେ ଅଧିକ କାର୍ଯ୍ୟ କରାଯିବ ଏବଂ ଏଥିରୁ ସ୍ଥାନୀୟ ସମୁଦାୟ ଓ ମହିଳାମାନେ ଅର୍ଥ ପାଇପାରିବେ ବୋଲି ସୂଚନା ଦିଆଯାଇଥିଲା। ଡ. ଶିବ ପ୍ରସାଦ ଏବଂ ଅଧକ୍ଷା ବର୍ଷାରାଣୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କର୍ମଶାଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

### ସଂକ୍ଷେପରେ

## ହିତାଧିକାରୀଙ୍କୁ ୩୫୦୦ ଟଙ୍କା ପ୍ରଦାନ ଦାବି

ପୁରୀ,୧୦।୩(ଅଜିତ୍ କୁମାର ମହାନ୍ତି)

୬୦ବର୍ଷରୁ ୮୦ ବର୍ଷ ବୟସର ହିତାଧିକାରୀଙ୍କୁ ୩୫୦୦ ଟଙ୍କା ପ୍ରଦାନ ଦାବିରେ ନୀଳାଚଳ ଭତ୍ତା ମହାସଂଘ ପକ୍ଷରୁ ଶାସନଦାମୋଦରପୁର ପଞ୍ଚାୟତ ଅଧୀନ ବସନ୍ତପୁର ଗ୍ରାମର ଭଗବତୀ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘର ଆବାହକ ମାନସ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ୨୦୧୮ ମସିହାଠାରୁ ଆଜି ପର୍ଯ୍ୟନ୍ତ ଭତ୍ତା ବୃଦ୍ଧି ନେଇ ମହାସଂଘ ପକ୍ଷରୁ ଦାବି କରାଯାଇଆସୁଛି। ହେଲେ ଏପର୍ଯ୍ୟନ୍ତ ଦାବି ପୂରଣ କରାଯାଇନାହିଁ। ଗତ ଜାନୁଆରୀରୁ ୮୦ ବର୍ଷରୁ ଅଧିକ ହିତାଧିକାରୀ ଏବଂ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କୁ ୩୫୦୦ ଟଙ୍କା ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ୬୦ରୁ ୮୦ ବର୍ଷ ମଧ୍ୟରେ ଥିବା ହିତାଧିକାରୀ ୧୦୦୦ ଟଙ୍କା ପାଉଛନ୍ତି, ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ। ସରକାର ୬୦ରୁ ୮୦ ବର୍ଷ ବୟସ ମଧ୍ୟରେ ଥିବା ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କଲେ ରାଜ୍ୟର ୫୩ ଲକ୍ଷରୁ ଅଧିକ ହିତାଧିକାରୀ ଉପକୃତ ହୋଇପାରିବେ। ଯଦି ଚଳିତ ବଜେଟରେ ସରକାର ଏନେଇ କୌଣସି ପଦକ୍ଷେପ ଗ୍ରହଣ ନ କରିବେ ତେବେ ଆସନ୍ତା ବୁଧବାର ଜିଲାର ହିତାଧିକାରୀମାନେ ଲୋୟର ପିଏମ୍‌ଜି ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଆବାହକ ପ୍ରଧାନ ସୂଚନା ଦେଇଛନ୍ତି।

## ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

ନିମାପଡ଼ା,୧୦।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ପୋଲିସ ସୋମବାର ସକାଳେ ଦୋଳବେଦି ଛକଠାରେ ଚଢ଼ାଉ କରି ବେଆଇନ ବାଲିଚାଲାଣ ଅଭିଯୋଗରେ ଗୋଟିଏ ବାଲିବୋଝେଇ ହାଇୱା(ଓଡି ୦୨ ବିଏ ୮୧୬୬) ଜବତ କରିଛି। ପୋଲିସ ଗାଡ଼ି ଚାଳକ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅଧୀନ ରତନପୁର ଗ୍ରାମର ପ୍ରଶାନ୍ତ କୁମାର ସ୍ୱାଇଁଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଏନେଇ ଥାନା ଏସ୍‌ଆଇ ଦିଲୀପ କୁମାର ପଣ୍ଡାଙ୍କ ଅଭିଯୋଗକ୍ରମେ ପୋଲିସ ହାଇୱା ମାଲିକ ବାଲିପାଟଣା ଥାନା ଅଧୀନ ବାଲକାଟି ଗଡ଼କଣ୍ଟୁଣିଆ ଗ୍ରାମର ପ୍ରକାଶ ଚନ୍ଦ୍ର ଜେନା ଓ ଚାଳକ ପ୍ରଶାନ୍ତଙ୍କ ବିରୋଧରେ ୬୭/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଫିସର ଏସ୍‌ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ କହିଛନ୍ତି।





ରାଜ୍ୟ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳାକୁ ନେଇ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି ।

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କଲା କଂଗ୍ରେସ

ପୁରୀ,୧୦।୩(ଅଜିତ୍ କୁମାର ମହାନ୍ତି)

ରାଜ୍ୟରେ ଭାଜପା ସରକାର ଶାସନ ଗାଦିକୁ ଆସିବା ପରେ ଶାସନକଳ ବିଗିଡ଼ି ଯାଇଥିବା ଅଭିଯୋଗ କରି ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଜୟନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ରାଜ୍ୟରେ ମହିଳାଙ୍କ ଉପରେ ଅତ୍ୟାଚାର ବଢୁଥିବା ଅଭିଯୋଗକରି ବିଜେପି ରୋଡସ୍ଥିତ ଦଳୀୟ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଦାବିପତ୍ର ଦେଇଥିଲେ। ଆନ୍ଦୋଳନରେ ବରିଷ୍ଠ ନେତା ବିନାୟକ ଦାସମହାପାତ୍ର, ରାଜେଶ କୁମାର ମିଶ୍ର, ନିରଞ୍ଜନ ରଥ, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ସୁକାନ୍ତ କୁମାର ପ୍ରଧାନ, ଯୁବନେତା ଅମରେନ୍ଦ୍ର ପାଇକରାଏ, ଅବିନାଶ ମିଶ୍ର, ସ୍ୱାଧିନ ପଣ୍ଡା, ଚେତନ ମିଶ୍ର, ଆଶୁତୋଷ ମିଶ୍ର ପ୍ରମୁଖ ସାମିଲ ଥିଲେ।

## ମାର୍କଣ୍ଡେୟ ତୀର୍ଥ ପରିଭ୍ରମଣ କଲେ ୩୨ ସଦସ୍ୟ

ପୁରୀ,୧୦।୩(ଅଜିତ୍ କୁମାର ମହାନ୍ତି)

### ଅଷ୍ଟମ ପୁରୀ ଐତିହ୍ୟ ପଦଯାତ୍ରା

ଅଷ୍ଟମ ପୁରୀ ଐତିହ୍ୟ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଏହି ପଦଯାତ୍ରାରେ ସାମିଲ ହୋଇଥିବା ୩୨ ଜଣ ସଦସ୍ୟ ମାର୍କଣ୍ଡେୟ ତୀର୍ଥ ଦର୍ଶନ କରିଛନ୍ତି। ଏଥିରେ ସ୍ୱାମୀ ଶୁଭାନନ୍ଦ ଯୋଗଦେଇ ଏହି ସ୍ଥଳର ଆଧାତ୍ମିକ ଏବଂ ଐତିହାସିକ ମହତ୍ତ୍ୱ ବିଷୟରେ ଜଣାଇଥିଲେ। ପଣ୍ଡିତ ସିଦ୍ଧାର୍ଥ ଆଚାର୍ଯ୍ୟ ମନ୍ଦିରର ସ୍ଥାପତ୍ୟ ଓ ପ୍ରତିମା ବିଷୟରେ ବୁଝାଇଥିଲେ। ସେହିପରି ମାର୍କଣ୍ଡେଶ୍ୱର ସାହିର ବୟୋଜ୍ୟେଷ୍ଠ ବ୍ୟକ୍ତି ଡ. ବିମଳ ପ୍ରସାଦ ମହାନ୍ତି ଏହି ତୀର୍ଥ ସହିତ ସଂପୃକ୍ତ ପର୍ବପର୍ବାଣି ଏବଂ ରୀତିନୀତି ଉପରେ ମତ ରଖିଥିଲେ। ଉପଦେଷ୍ଟା ଦେବୀ ପ୍ରସନ୍ନ ନନ୍ଦ, ଆବାହକ ବିଶ୍ୱରଞ୍ଜନ ଦେହୁରୀ ଏବଂ ଡା. କୁମାର ଅରୋଜ୍ୟୋତି, ସଭ୍ୟାସଭ୍ୟ ଅଶୋକା ନାୟକ, ପ୍ରିୟଙ୍କର ମହାରଣା, ଦୁର୍ଗାମାଧବ ମହାନ୍ତି, ବିଶ୍ୱମୋହନ ସାହୁ, ଦେବୀ ପ୍ରସାଦ ଧର, ସିଦ୍ଧାର୍ଥ ମହାପାତ୍ର, ସତ୍ୟପ୍ରକାଶ ନାୟକ, ସୁପ୍ରଭା ସାହୁ ଓ ସାହିଲ କୁମାର ଦାଶ ପ୍ରମୁଖ ଏହି ପଦଯାତ୍ରାରେ ସାମିଲ ଥିଲେ। ମାର୍କଣ୍ଡଙ୍କ ସେବକ ମହାଦେବ ସାହିନାୟକ ବିଶେଷ ସହଯୋଗ କରିଥିଲେ। ଏହି ଐତିହ୍ୟ ପଦଯାତ୍ରା ପୁରୀର ଧାର୍ମିକ, ଐତିହାସିକ ଏବଂ ସଂସ୍କୃତିକ ଐତିହ୍ୟକୁ ଅନୁଭବ କରିବାର ଏକ ଅନନ୍ୟ ସୁଯୋଗ ଦେବାରେ ସହାୟକ ହେଉଥିବା ଅଂଶଗ୍ରହଣକାରୀ ସଦସ୍ୟମାନେ ମତ ପ୍ରଦାନ କରିଛନ୍ତି।

ଏହି ତୀର୍ଥ ପୁଷ୍କରିଣୀ ଋଷି ମାର୍କଣ୍ଡେୟ ଓ ଭଗବାନ ଶିବଙ୍କ ସହିତ ଜଡ଼ିତ ଥିବା ପୁରାଣ ଏବଂ ଐତିହ୍ୟରୁ ଜଣାପଡ଼େ। ପୁରାଣ ଅନୁଯାୟୀ, ଏଠାରେ ଭଗବାନ ଶିବ ମାର୍କଣ୍ଡେୟଙ୍କୁ ଯମ ଫାଶରୁ ରକ୍ଷାକରି ଚିରଞ୍ଜୀବୀତ୍ୱ ପ୍ରଦାନ କରିଥିଲେ। ମାର୍କଣ୍ଡେୟ ପୁଷ୍କରିଣୀ ସୁଦର୍ଶନ ଚକ୍ର ଦ୍ୱାରା ସୃଷ୍ଟି ହୋଇଥିବା ବିଶ୍ୱାସ ରହିଛି। ଏଠାରେ କାଳୀୟଦଳନ, ଅଶୋକାଷ୍ଟମୀ ଏବଂ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ଉତ୍ସବ ଭଳି ଶ୍ରୀମନ୍ଦିର ସମ୍ବନ୍ଧିତ ରୀତିନୀତି ଅନୁଷ୍ଠିତ ହୋଇଥାଏ। ଋଷି ପଞ୍ଚମୀ ଅବସରରେ ମା' ଲକ୍ଷ୍ମୀ ଏହି ସ୍ଥଳକୁ ଦର୍ଶନ କରନ୍ତି। ମାର୍କଣ୍ଡେଶ୍ୱର ମନ୍ଦିରର ଏକ ବିଶେଷତ୍ୱ ହେଉଛି, ଏହାର ଚୂଡ଼ାରେ ତ୍ରିଶୂଳ ପରିବର୍ତ୍ତେ ସୁଦର୍ଶନ ଚକ୍ର ରହିଛି। ଏଠାରେ ଦେବୀ ପାର୍ବତୀଙ୍କ ଏକାକୀ ମୂର୍ତ୍ତିସହ ଓଡ଼ିଶାର ସବୁଠୁ ଛୋଟ ସୂର୍ଯ୍ୟ ମୂର୍ତ୍ତିମଧ ଅଛି।

## ବିଦ୍ୟାଳୟ ପରିଦର୍ଶନ, ସମୀକ୍ଷା କଲେ ଜିଲା ଶିକ୍ଷାଧିକାରୀ

ପିପିଲି,୧୦।୩(ଦୁର୍ଗା ମାଧବ ମିଶ୍ର)

ପୁରୀ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ସୋମବାର ବିଦ୍ୟାଳୟ ପରିଦର୍ଶନ କରି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ପାଢ଼ୀ ପ୍ରଥମେ ପିପିଲି ବ୍ଲକର ମିଶନ ୟୁଜିଏମ୍‌ଇ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ସମସ୍ତ ଶୌଚାଳୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା ଏବଂ ଛାତ୍ରୀଛାତ୍ରମାନେ ବାହାର ସ୍ଥାନକୁ ବ୍ୟବହାର କରୁଥିବାର ଦେଖାଯାଇଥିଲା। ଶ୍ରେଣୀ ଗୃହରେ ପିଲାମାନେ ଛିଣ୍ଡି ଯାଇଥିବା ଦରିରେ ବସିଥିଲେ। ପୂର୍ବରୁ ଜାରି ହୋଇଥିବା ସକାଳ ପ୍ରାର୍ଥନା ସଭାର ନିର୍ଦ୍ଦେଶାବଳୀ ପାଳନ ହୋଇ ନ ଥିଲା। ଏଥିନିମନ୍ତେ କାର୍ଯ୍ୟରେ ଅବହେଳା ପାଇଁ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁମିତ୍ରା ଦେଇ ଏବଂ ସିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କର ଗୋଟିଏ ଦିନର ଦରମା ବନ୍ଦ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଏହାପରେ ସେ ସତ୍ୟବାଦୀ ବ୍ଲକର ବୀରଗୋବିନ୍ଦପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ ଏବଂ ସେଠାରେ ମଧ୍ୟ ଶୌଚାଳୟ ଅବସ୍ଥା ଠିକ୍ ନ ଥିଲା। ଜିଲା ଶିକ୍ଷାଧିକାରୀଙ୍କ ତରଫରୁ ପ୍ରତ୍ୟେକ ବିଦ୍ୟାଳୟରେ ଦରି ବ୍ୟବସ୍ଥା କରି ମଧ୍ୟାହ୍ନ ଭୋଜନ କରିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ସେଠାରେ କିନ୍ତୁ ତ୍ରୁଟି ପରିଲକ୍ଷିତ ହୋଇଥିଲା। ପିଲାମାନେ ତଳେ ବସି ମଧ୍ୟାହ୍ନ ଭୋଜନ କରୁଥିବାର ଦେଖିବାକୁ ମିଳିଥିଲା। ଏଥିନିମନ୍ତେ ପ୍ରଧାନଶିକ୍ଷୟିତ୍ରୀ ଅମୃତା ମିଶ୍ରଙ୍କ ଗୋଟିଏ ଦିନର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ୩ ରାଜ୍ୟର ୨୪ ଜଣ ହେଲେ ବ୍ରହ୍ମଚାରୀ

ପୁରୀ, ୧୦।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀରାମ ଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ରବିବାର ବୈଦିକ ରୀତିନୀତିରେ ସାମୂହିକ ମାଗଣା ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ଥାନପତି ଆଶ୍ରମର ବାଲାଜୀ ମନ୍ଦିର ପରିସରରେ ଜୀୟର ସ୍ୱାମୀ ମଠର ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସଜୀଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ବ୍ରତୋପନୟନରେ ମଧ୍ୟପ୍ରଦେଶ, ଛତିଶଗଡ଼ ସହ ଓଡ଼ିଶାର ମୋଟ ୨୪ଜଣ ବ୍ରାହ୍ମଣ ବାଳକ ପରମ୍ପରା ଓ ରୀତିନୀତି ଅନୁସାରେ ବ୍ରହ୍ମଚାରୀ ହୋଇଥିଲେ। ଟ୍ରଷ୍ଟ ବୋର୍ଡସଦସ୍ୟ ତଥା ଜିୟର ସ୍ୱାମୀ ମଠର ସନ୍ଥ ସୁଦର୍ଶନ ରାମାନୁଜ ଦାସ ଜୀ ମହାରାଜ ସମସ୍ତ ବ୍ରହ୍ମଚାରୀଙ୍କୁ ଦୀକ୍ଷା ପ୍ରଦାନ କରିଥିଲେ। ସଦସ୍ୟ ତଥା କଟକୀ ମଠର ମହନ୍ତ ଡ. ବିଜୟ ନାରାୟଣ ରାମାନୁଜ ଦାସ, ସୁରେଶ ଶର୍ମା, ରମେଶ ଶର୍ମା, କମଳ ଚିବରୱାଲ, ବିଷ୍ଣୁ ଜୋଶୀଜୀ ସହଯୋଗ କରିଥିଲେ। ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ପୁରୀ ଗିରଳଠାରେ ଅନୁଷ୍ଠିତ ମହାଲକ୍ଷ୍ମୀ ଯଜ୍ଞର ପୂର୍ଣ୍ଣାହୂତି କରାଯାଉଛି ।

## ଭାଷାର ଉନ୍ନତି ହେଲେ ସଭ୍ୟତାର ବିକାଶ ହୋଇପାରିବ

ଡେଲାଙ୍ଗ,୧୦।୩(ରଶ୍ମିରଞ୍ଜନ ପ୍ରଧାନ)

ଭାଷାର ଉନ୍ନତି ହେଲେ ସଭ୍ୟତାର ବିକାଶ ହୋଇପାରିବ ବୋଲି ବିଳାସପୁର ଠାରେ ସାଇ ସାହିତ୍ୟ ସଂସ୍ଥାନ ପକ୍ଷରୁ ଆୟୋଜିତ ବସନ୍ତ କବିତା ଆସରରେ ଯୋଗ ଦେଇଥିବା କବି ଓ କବୟିତ୍ରୀମାନେ ମତବ୍ୟକ୍ତ କରିଛନ୍ତି। ସମ୍ପାଦକ କବି ସୁଦର୍ଶନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାବେଶରେ ବନ୍ଦନା ପତ୍ରିକା ସମ୍ପାଦକ ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ସଭାପତିତ୍ୱ କରିଥିବା ବେଳେ କବି ସନ୍ତୋଷ କୁମାର ମହାନ୍ତି, ଜିତେନ୍ଦ୍ରନାଥ ପେଣ୍ଟୋଇ, ଶିକ୍ଷାବିତ୍ ପ୍ରହ୍ଲାଦ ଛାଟୋଇ, ଦିଗମ୍ବର ରଥ, ଶରତଚନ୍ଦ୍ର ମହାପାତ୍ର, ଅଧ୍ୟାପିକା ମଞ୍ଜୁଳା ପ୍ରଧାନ, ଘନଶ୍ୟାମ ରାଉତ, ପରମାନନ୍ଦ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସୁଦର୍ଶନ ପ୍ରଧାନଙ୍କ ଦ୍ୱାରା ରଚିତ ପୁସ୍ତକ 'ବସନ୍ତ ବାସ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କବି ଅଭୟଚରଣ ସାହୁ, କାଶୀନାଥ ମହାପାତ୍ର, ଜିତେନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଶତାଧିକ କବି ଓ କବୟିତ୍ରୀମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସ୍ଥାନୀୟ ଅଞ୍ଚଳର ବୃଦ୍ଧାବୃଦ୍ଧମାନଙ୍କୁ ଟାଣ ଖରାଦାଉରୁ ରକ୍ଷା ପାଇବା ପାଇଁ ଛତା ବଣ୍ଟନ କରାଯାଇଥିଲା। ଶେଷରେ ପୁଷ୍ପକାନ୍ତି ପ୍ରଧାନ ଧନ୍ୟବାଦ ଦେଇଥିଲେ।



କବିତା ଆସରରେ ଉପସ୍ଥିତ କବୟିତ୍ରୀ ଓ କବିମାନେ ।

## ୩୨ଟି ଅଭିଯୋଗର ଫଇସଲା

ସାକ୍ଷୀଗୋପାଳ,୧୦।୩
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକରେ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲାପାଳ ରାଜକିଶୋର ଜେନା, ପିଡି ପ୍ରିୟରଞ୍ଜନ ପୃଷ୍ଟି, ବିଡିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରୂପଭାନୁ ମିଶ୍ର, ଜିଲା ଅଭିଯୋଗ ପ୍ରକୋଷ୍ଠରୁ ପଞ୍ଚାନନ ପରିଜା, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ଜିପିଓ ସୌଭାଗ୍ୟ ପଟ୍ଟନାୟକ ପ୍ରମୁଖଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଆବାସ ଯୋଜନା, ପାନୀୟ ଜଳ, ବିଦ୍ୟୁତ୍, କୃଷି, ସାମାଜିକ ସୁରକ୍ଷା ଆଦି ବିଭାଗ ନିମନ୍ତେ ୩୨ଟି ଅଭିଯୋଗର ଶୁଣାଣି କରାଯାଇଛି। ପ୍ରାପ୍ତ ଅଭିଯୋଗଗୁଡ଼ିକ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଶୀଘ୍ର ସମାଧାନ ନିମନ୍ତେ ଅତିରିକ୍ତ ଜିଲାପାଳ ବେହେରା ନିର୍ଦ୍ଦେଶ ଦେଇଛନ୍ତି।

### ଧର୍ମେନ୍ଦ୍ର ମେମୋରିଆଲ୍ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

## ସେମିରେ ତମାଣ୍ଡୋ କ୍ଲବ୍

ଗୋପ,୧୦।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ଗୋପ ଆଥଲେଟିକ ଆସୋସିଏଶନ ପକ୍ଷରୁ ୨ୟ ରାଜ୍ୟସ୍ତରୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମାଷ୍ଟର୍ କ୍ଲବ, କଟକ ଏବଂ ତମାଣ୍ଡୋ କ୍ଲବ,ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଟକ ମାଷ୍ଟର୍ କ୍ଲବ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମାଷ୍ଟର କ୍ଲବ ନିର୍ଦ୍ଧାରିତ ୨୪.୧ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୪୪ ରନ କରିଥିଲା। ଏହାର ଜବାବରେ ତମାଣ୍ଡୋ କ୍ରିକେଟ କ୍ଲବ ୧୮.୨ ଓଭର ଖେଳି ୧୪୫ ରନ୍ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି। ତମାଣ୍ଡୋ କ୍ଲବର ସତ୍ୟରଞ୍ଜନ ସାମଲ ୨୪ ବଲ୍‌ରେ ୫୪ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ଦିନ ଟୁର୍ନାମେଣ୍ଟରେ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ନିମାପଡ଼ା ବାର୍ ଆସୋସିଏଶନର ପୂର୍ବତନ ସଭାପତି ରଞ୍ଜିତ ସାହୁ ମ୍ୟାନ୍ ଅଫ ଦି ମ୍ୟାଚ୍ ବିଜେତାଙ୍କୁ କପ୍ ପ୍ରଦାନ କରିଥିଲେ। ଏହି ମ୍ୟାଚକୁ କାଲୁ ସିହ୍ନା, ଦେବେନ୍ଦ୍ର ମିଶ୍ର ପରିଚାଳନା କରିଥିବା ବେଳେ ମଙ୍ଗଳବାର କଟକର ଜୁଭେନାଲ କ୍ଲବ ଓ ପୁରୀର ପାୟୋନିଅର କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଗୋପ କ୍ରିକେଟ ଆସୋସିଏଶନ ସଦସ୍ୟ କାମାକ୍ଷା ପ୍ରସାଦ ଦଳବେହେରା, ଶୁଭେନ୍ଦୁ ପୃଷ୍ଟି, ସୁବାସ ଉପାଧ୍ୟାୟ, ତ୍ରୈଲୋଚନ ସାହୁ, ମିଳନ ମହାନ୍ତି, ସଚ୍ଚିଦାନନ୍ଦ ଗୋଛାୟତ, ଚିନ୍ମୟ ସ୍ୱାଇଁ ଓ ସୁଧାଂଶୁ ସେନାପତି ସୂଚନା ଦେଇଛନ୍ତି।



ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

## ଟିକରପଡ଼ା ସେତୁର ନାହିଁ ସୁରକ୍ଷା ବାଡ଼

■ବିପଦଶଙ୍କୁଳ ଯାତ୍ରା କରୁଛି ବସ୍

■ପୂର୍ତ୍ତବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତ୍ୱରିତ ପଦକ୍ଷେପ ନେବାକୁ ଦାବି

କୋଣାର୍କ,୧୦।୩(ଜ୍ୟୋତିରାଜ ମହାନ୍ତି)

କୋଣାର୍କ-କାକଟପୁର ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର କାଦୁଆ ନଦୀ ଉପରେ ନିର୍ମିତ ପୁରାତନ ଟିକରପଡ଼ା ସେତୁ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ନ ଥିବାରୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ପର୍ଯ୍ୟଟକ ଓ ବସ୍ ବିପଦଶଙ୍କୁଳ ଭାବେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଦୈନିକ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଦେଶବିଦେଶରୁ ଏଠାକୁ ଆସିଥାନ୍ତି। ପରେ ପରେ ପର୍ଯ୍ୟଟକମାନେ କାକଟପୁର ସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା' ମଙ୍ଗଳାଙ୍କ ଦର୍ଶନ କରିବା ପାଇଁ କାଦୁଆ ନଦୀରେ ନିର୍ମିତ ଟିକରପଡ଼ା ସେତୁ ଦେଇ ଯାତ୍ରୀବାହୀ ବସ୍, ଚାରିଚକିଆ ଯାନ, ଦୁଇ ଚକିଆ ଯାନ ମାଧ୍ୟମରେ ଯାତାୟାତ କରିଥାନ୍ତି। ଏହି ପୁରାତନ ଟିକରପଡ଼ା ସେତୁ କୋଣାର୍କ-କାକଟପୁର ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତାର କାଦୁଆ ନଦୀ ଉପରେ ନିର୍ମିତ ହୋଇଛି। ଏହି ସେତୁର ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଅବହେଳିତ ଅବସ୍ଥାରେ ରହିଛି। ଏହି ସେତୁର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ନାହିଁ। ଫଳରେ ମୁକୁଳା ସେତୁ ଉପରେ ହଜାର ହଜାର ସଂଖ୍ୟାରେ ଯାତ୍ରୀବାହୀ ବସ ଓ ସାଧାରଣ ଜନତା ବିପଦଶଙ୍କୁଳ ଭାବେ ଯାତ୍ରା କରୁଥିବା ଦେଖିବାକୁ ମିଳିଛି। ସୁରକ୍ଷା ବାଡ଼ ନ ଥିବାରୁ ମୁକୁଳା ସେତୁ ଉପରେ ଯାତାୟାତ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସମେତ ପର୍ଯ୍ୟଟକମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏହି ପୁରାତନ ଟିକରପଡ଼ା ସେତୁର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ କରିବା ସହିତ ମରାମତି ଏବଂ ପୁନଃ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପୁରୀ ଜିଲାପାଳ ଓ ଜିଲା ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ପର୍ଯ୍ୟଟନପ୍ରେମୀ ନାଗରିକ ଓ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି।



ସୁରକ୍ଷା ବାଡ ନ ଥିବା ସେତୁ ।

# ଅପେକ୍ଷାରେ ୨୩, ଛାଡ଼ୁନାହାନ୍ତି ୯

## ବିଧାୟକଙ୍କୁ ସରକାରୀ କ୍ୱାର୍ଟର୍ସ ଚିନ୍ତା

ଭୁବନେଶ୍ୱର,୧୦।୩
(ରବିନାରାୟଣ ଜେନା)

ରାଜ୍ୟରେ ଭାଜପା ସରକାରକୁ ପ୍ରାୟ ୯ ମାସ ବିତିବାକୁ ବସିଲାଣି। ହେଲେ ଏପର୍ଯ୍ୟନ୍ତ ସମସ୍ତ ୧୪୭ ବିଧାୟକଙ୍କୁ ସରକାରୀ କ୍ୱାର୍ଟର୍ସ ମିଳିପାରି ନାହିଁ। କେଉଁଠି ପୂର୍ବତନ ବିଧାୟକ କିମ୍ବା ସ୍ୱର୍ଗତ ବିଧାୟକଙ୍କ ନାଁରେ ସରକାରୀ ବାସବଭବନ ରହିଛି ତ ଆଉ କେଉଁଠି ଅବସରପ୍ରାପ୍ତ ପ୍ରଶାସକ କ୍ୱାର୍ଟର୍ସକୁ ନିଜ ଅକ୍ତିଆରରେ ରଖିଛନ୍ତି। ଏପର୍ଯ୍ୟନ୍ତ ୯ଜଣ ସରକାରୀ କ୍ୱାର୍ଟର୍ସ ଛାଡ଼ି ନ ଥିବାବେଳେ ୧୦ ବିଧାୟକ ସରକାରୀ କ୍ୱାର୍ଟର୍ସ ପାଇଁ ଆବେଦନ କରିଛନ୍ତି। ଏପରି କି ୬ ବିଧାୟକ କ୍ୱାର୍ଟର୍ସ ନିଜ ଦଖଲକୁ ନେଇ ପାରି ନାହାନ୍ତି। ଏହାବାଦ୍ ୭ ବିଧାୟକ ତାଙ୍କର କ୍ୱାର୍ଟର୍ସ ପରିବର୍ତ୍ତନ ପାଇଁ ସରକାରଙ୍କୁ ଆବେଦନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ସୂଚନା ଦେଇଛନ୍ତି।

ସୋମବାର ମୁଖ୍ୟମନ୍ତ୍ରୀ ମାଝୀ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି ଯେ, ଯାଜପୁର ବିଧାୟିକା ସୁଜାତା ସାହୁ, ବିଧାୟକ ନରସିଂହ ଭତ୍ର, ନଳିନୀକାନ୍ତ ପ୍ରଧାନ, ସୁଧୀର ପାଇଯୋଶୀ, ରୂପେଶ କୁମାର ପାଣିଗ୍ରାହୀ, ସଞ୍ଜୀବ କୁମାର ମଲ୍ଲିକ, ଅରବିନ୍ଦ ମହାପାତ୍ର, ମାନସ କୁମାର ଦତ୍ତ, ରମେଶ ଚନ୍ଦ୍ର ଜେନା ଓ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ସରକାରୀ କ୍ୱାର୍ଟର୍ସ ପାଇଁ ଆବେଦନ କରି ରହିଛନ୍ତି। ସେହିପରି ବିଧାୟିକା ଉପାସନା ମହାପାତ୍ର, ବିଧାୟକ ରମେଶ ଚନ୍ଦ୍ର ବେହେରା, ଚକ୍ରମଣି କହଁର, ପଦ୍ମଚରଣ ହାଇବ୍ରୁରୁ, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ଓ ଓମ୍ ପ୍ରକାଶ ମିଶ୍ର ଏପର୍ଯ୍ୟନ୍ତ ଘର ପାଇ ପାରି ନାହାନ୍ତି। ପୂର୍ବରୁ କ୍ୱାର୍ଟର୍ସ ନେଇଥିବା ନେତା, ମନ୍ତ୍ରୀ ଓ ବିଧାୟକ ତାହା ଛାଡ଼ି ନ ଥିବାରୁ ସମ୍ପୃକ୍ତ ବିଧାୟିକା ଏବଂ ବିଧାୟକ ସରକାରୀ ବାସଭବନ ପାଇପାରିବାରୁ ବଞ୍ଚିତ ହୋଇଛନ୍ତି। ସରକାରୀ କ୍ୱାର୍ଟର୍ସ ପାଇ ନ ଥିବା ବିଧାୟିକାବିଧାୟକ ଏବେ ରାଜ୍ୟ ଅତିଥିଭବନ ଏବଂ ଅନ୍ୟସ୍ଥାନରେ ରହୁଛନ୍ତି। ଅନ୍ୟପକ୍ଷରେ ୭ ବିଧାୟକ ତାଙ୍କର ସରକାରୀ ବାସଭବନ ପରିବର୍ତ୍ତନ କରିବାକୁ ଚାହିଁଛନ୍ତି। ସେମାନଙ୍କ ମଧ୍ୟରେ ବିଧାୟକ ଦୁର୍ଗାଚରଣ ତନ୍ତୀ, ନୀଳମଣି ବିଶୋଇ, ଛବି ମଲ୍ଲିକ, ସନାତନ ବିଜୁଳି, ସନତ ଗର୍ତ୍ତିଆ, ମାନସ କୁମାର ଦତ୍ତ ଓ ଦୁଷ୍ମନ୍ତ କୁମାର ସ୍ୱାଇଁ ରହିଛନ୍ତି। ଏପରିକି ୯ଜଣ ପୂର୍ବତନ ବିଧାୟକ, ସ୍ୱର୍ଗତ ବିଧାୟକ ଓ ଅବସରପ୍ରାପ୍ତ ପ୍ରଶାସକ ଏପର୍ଯ୍ୟନ୍ତ ସରକାରୀ ବାସଭବନ ଛାଡ଼ିନାହାନ୍ତି। ସେମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଅମରପ୍ରସାଦ ଶତପଥୀ, ଜୟନ୍ତ କୁମାର ଷଡ଼ଙ୍ଗୀ, ପ୍ରଦୀପ୍ତ କୁମାର ନାୟକ, ରମେଶ ଚନ୍ଦ୍ର ସାଏ, ସାଲୁଗା ପ୍ରଧାନ, ଶଙ୍କର ଓରାମ, ସ୍ୱର୍ଗତ ବେଦ ପ୍ରକାଶ ଅଗ୍ରୱାଲ, ସ୍ୱର୍ଗତ କିଶୋର କୁମାର ମହାନ୍ତି ଓ ଅବସରପ୍ରାପ୍ତ ପ୍ରଶାସକ ପ୍ରଦୀପ୍ତ କୁମାର ମହାପାତ୍ର ରହିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମାଝୀ ଗୃହକୁ ଜଣାଇଛନ୍ତି।

# ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ନିଲମ୍ବିତ, ୯ ଛାତ୍ର ସ୍କୁଲରୁ ବିଦା

## ଅନ୍ୱେଷା ହଷ୍ଟେଲରେ ରାଗିଂ ଘଟଣା

### ୮ ଛାତ୍ରଙ୍କ ନାମରେ ମାମଲା ରୁଜୁ, ୩ ରୋଷେୟା ବହିଷ୍କୃତ

ଗୁଣପୁର,୧୦।୩ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଅନ୍ୱେଷା ହଷ୍ଟେଲରେ ଗତ ୪ ତାରିଖରେ ରାଗିଂ ଘଟଣା ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଜିଲା ପ୍ରଶାସନ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଭିଯୁକ୍ତ ୯ ଜଣ ଛାତ୍ରଙ୍କୁ ହଷ୍ଟେଲ ସହ ସ୍କୁଲରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଲମ୍ବନ କରାଯାଇଛି। ସେମାନଙ୍କ ମଧ୍ୟରୁ ୮ ପିଲାଙ୍କ ନାମରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ଗୁଣପୁର ଥାନାରେ ମାମଲା ରୁଜୁ କରିଛନ୍ତି। ସେହିପରି ହଷ୍ଟେଲର ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ରଶ୍ମିତା ସାହୁଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବାବେଳେ ୩ ଜଣ ରୋଷେୟା ଚନ୍ଦ୍ରିକା ଶବର, ରମ୍ଭା ମାଣ୍ଡାଙ୍ଗି ଓ ମମତା ପରଜାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। କୁଜେନ୍ଦ୍ରି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନୀଲ କୁମାର ଦାସଙ୍କୁ ଅନ୍ୱେଷା ହଷ୍ଟେଲର ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ଦିଆଯାଇଛି। ଅନ୍ୟପଟେ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର ଅନ୍ୱେଷା ହଷ୍ଟେଲରେ ପହଞ୍ଚି ଅଭିଭାବକ ଏବଂ ପିଲାଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହ ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ୪ ତାରିଖରେ ୩ରୁ ୪ ଜଣ ଛାତ୍ର ସହପାଠୀ ଛାତ୍ରଙ୍କୁ ଶାର୍ଟ ଖୋଲି ନିହୁଙ୍କ ମାଡ ମାରିବା, ରାଗିଂ କରାଯିବା ଘଟଣାର ଭିଡିଓ ଭାଇରାଲ ହୋଇଥିଲା। ଘଟଣା ସମ୍ପର୍କରେ ଗୁଣପୁର ମଙ୍ଗଳ ବିଭାଗ ଅବଗତ ହେବା ପରେ ଏହାକୁ ଚପାଇ ଦେବା ପାଇଁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଭିଡିଓ ଖୁବ ଭାଇରାଲ ହେବା ପରେ ମଙ୍ଗଳ ବିଭାଗ ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ଓଡ଼ିଆର ବହୁଳ ବ୍ୟବହାର ଜରୁରୀ

## ଆଜି ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ




ଭୁବନେଶ୍ୱର,୧୦।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷାକୁ କେନ୍ଦ୍ର ସରକାର ୨୦୧୪ ଫେବୃଆରୀ ୨୦ରେ ଶାସ୍ତ୍ରୀୟ ମାନ୍ୟତା ଦେଇଥିଲେ। ଏନେଇ ମାର୍ଚ୍ଚ ୧୧ରେ ଗେଜେଟ ନୋଟିଫିକେଶନ ଜାରି କରାଯାଇଥିଲା। ତେବେ ୨୦୧୫ରୁ ଏହି ଦିବସଟିକୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଭାବେ ପାଳନ ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଗଲା। ଓଡ଼ିଆ ଭାଷା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଲାଗି ଏହି ଦିବସ ପାଳନ କରାଯାଇଆସୁଅଛି। ଓଡ଼ିଆ ଭାଷା ଦିବସ ପାଳନ ସମ୍ପର୍କରେ ଏମେ ଯାହା କୁହନ୍ତି...

### ଖଣ୍ଡି ଓଡ଼ିଆ ନ କହି ଶୁଦ୍ଧ ଓଡ଼ିଆ ଭାଷା ବ୍ୟବହାର କରିବା ଆବଶ୍ୟକ



ଓଡ଼ିଆ ଭାଷା ଭାରତବର୍ଷର ଷଷ୍ଠ ଶାସ୍ତ୍ରୀୟ ଭାଷା। ପୋଥି, ପଥର, ସାହିତ୍ୟରେ ସାଇତା ଏହ ଭାଷାର ସୁରକ୍ଷା ଓ ସଂରକ୍ଷଣ ଆମର ଦାୟିତ୍ୱ। କେବଳ ସରକାରଙ୍କ ଉପରେ ଦୋଷ ଲଦିଦେଲେ ଆମେ ଆମ ଭାଷାକୁ ସୁରକ୍ଷିତ କରିପାରିବା ନାହିଁ। ଘରେ ଓ ବାହାରେ ସଭା ସମିତିରେ ଅଧିକରୁ ଅଧିକ ଓଡ଼ିଆ ଭାଷା ବ୍ୟବହାର କରିବାର ଆବଶ୍ୟକତା ଅଛି। ନିଜ ପାଣ୍ଡିତ୍ୟ କି ଅହମିକା ଦେଖାଇବା ପାଇଁ ହିନ୍ଦୀ, ଇଂରାଜୀ ଶବ୍ଦ ମିଶାଇ ଖଣ୍ଡି ଓଡ଼ିଆ ନ କହି ନିର୍ଭୁଲ୍, ଶୁଦ୍ଧ ଓଡ଼ିଆ ଭାଷା ବ୍ୟବହାର କରିବା ଜରୁରୀ। ଆମକୁ ମନେରଖିବାକୁ ହେବ - 'ଆଉ ଯେତେ ଭାଷା ଶିଖୁଛ ଶିଖ, ନିଜର ମାତୃଭାଷାର ମହତ ରଖ'।

- ଡ. ଦେବାଶିଷ ମହାପାତ୍ର, ସହକାରୀ ପ୍ରଫେସର, ଓଡିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର

### ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶାର ଗଠନ



ଆମର ଓଡ଼ିଆ ଭାଷାଭାଷୀଙ୍କ ପାଇଁ ମାର୍ଚ୍ଚ ୧୧ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ଭାରତବର୍ଷରେ ସର୍ବ ପ୍ରଥମେ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଗଠନ ହୋଇଥିଲା। ତେଣୁ ଓଡ଼ିଶାକୁ ଓଡ଼ିଆ ଭାଷା ପରିଚୟ ଦେଇଥିଲା। ଅଢେଇ ହଜାର ବର୍ଷରୁ ଅଧିକ ସମୟ ଧରି ଓଡ଼ିଆ ଭାଷା, ସାହିତ୍ୟ ଏବଂ ଲିପି ସାରା ଭାରତ ବର୍ଷକୁ ପ୍ରଭାବିତ କରିଛି। ପଥର ଗାତ୍ରରେ ଲେଖା ହୋଇଥିବା ଓଡ଼ିଆ ଭାଷା ସମୃଦ୍ଧ ହୋଇ ଆଜି କମ୍ପ୍ୟୁଟର ଓଡ଼ିଆ ଭାଷାରେ ପରିଣତ ହୋଇଛି। ଭାଷା ଯେତେ ଆଗକୁ ଆସିଛି ସେତେ ସମୃଦ୍ଧ ହୋଇଛି। ଏଥିରେ ବିଭିନ୍ନ ଉପ-ଭାଷା ଆସି ମିଶିଛି। ତେଣୁ ଓଡ଼ିଆ ଭାଷାକୁ ଆମେ ଅସ୍ମିତାର ପରିଚୟ, ଆମ ଜାତିର ପରିଚୟ ବୋଲି ସର୍ବଦା ଗ୍ରହଣ କରିଛୁ। କେନ୍ଦ୍ର ସରକାର ଯେତେବେଳେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମନ୍ୟତା ପ୍ରଦାନ କରିଥିଲେ ସେତେବେଳେ ଓଡ଼ିଆ ଭାଷା ବହୁ ପ୍ରାଚୀନ ବୋଲି ପ୍ରମାଣିତ ହୋଇସାରିଥିଲା। ଆମେ ଏହି ଦିନକୁ ଓଡ଼ିଆ ଭାଷାଭାଷୀ ଗର୍ବର ସହ ପାଳନ କରିବା ଆବଶ୍ୟକ। 'ମୁଁ ଓଡ଼ିଆ ଆଉ ମୋ ଭାଷା ଓଡ଼ିଆ' ଗର୍ବର ସହ କହିବା ଦରକାର।

- ଅରବିନ୍ଦ ରାୟ, କଥାକାର

### ଓଡ଼ିଆ ଭାଷାର ବହୁଳ ବ୍ୟବହାର ହିଁ ଭାଷାକୁ ବଞ୍ଚାଇ ରଖିବ



ମୁଁ ଓଡ଼ିଆ ଓଷା ବ୍ରତ ସମ୍ପର୍କିତ ଭାଷାତାତ୍ତ୍ୱିକ ଗବେଷଣା କରୁଛି। ଏହା ପୂର୍ବରୁ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ୩୪ଟି ବ୍ୟଞ୍ଜନ ବର୍ଣ୍ଣକୁ ଆଦ୍ୟରେ ରଖି ରଚନା କରାଯାଇଥିବା ଓଡ଼ିଶା ଚଉତିସା ଉପରେ ଗବେଷଣା କରୁଥିଲି। ଜଣେ ଭାଷା ଗବେଷିକା ଭାବେ କହିପାରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବା ଆମ ଓଡ଼ିଆ ଭାଷା ଆମ ପାଇଁ ଗୌରବ। ତେଣୁ ଖାଲି ଗୋଟିଏ ଦିବସ ପାଳନ କରି ଆମେ ଆମ ଭାଷାର ଜୟଗାନ କରିବା ନାହିଁ, ବରଂ କଥାବାର୍ତ୍ତା ଓ ଲେଖାରେ ଯଥା ସମ୍ଭବ ଓଡ଼ିଆ ଭାଷାର ବହୁଳ ବ୍ୟବହାର ହିଁ ଭାଷାକୁ ବଞ୍ଚାଇ ରଖିବ।

- ଡ. ମିତାଲି ମଧୁସ୍ମିତା ମହାନ୍ତି, ଓଡ଼ିଆ ଭାଷା ଗବେଷିକା, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର

# ରାଜ୍ୟରେ ୩,୭୩୮ ବାଂଲାଦେଶୀ ଅନୁପ୍ରବେଶକାରୀ

## ୪୧ଜଣ ଆପରାଧିକ ମାମଲାରେ ସମ୍ପୃକ୍ତ

ଭୁବନେଶ୍ୱର,୧୦।୩
(ରବିନାରାୟଣ ଜେନା)

ରାଜ୍ୟରେ ଦିନକୁ ଦିନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ୁଛି। କେବଳ ଯେ ସଂଖ୍ୟା ବଢ଼ୁଛି ତାହା ନୁହେଁ, ସେମାନେ ରାଜ୍ୟରେ ବିଭିନ୍ନ ପ୍ରକାର ଆପରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଅଦ୍ୟାବଧି ରାଜ୍ୟରେ ୩,୭୩୮ ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଗୃହରେ ତଥ୍ୟ ରଖିଛନ୍ତି। ବିଧାୟକ ମାନସ କୁମାର ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ, କେନ୍ଦ୍ରାପଡ଼ାରେ ସର୍ବାଧିକ ୧,୬୪୯ଜଣ ବାଂଲାଦେଶୀ ଚିହ୍ନଟ ହୋଇଛନ୍ତି। ସେହିପରି ଜଗତ୍‌ସିଂହପୁରରେ ୧,୧୧୨ ଚିହ୍ନଟ ହୋଇଥିବାବେଳେ ମାଲକାନଗିରିରେ ୬୫୫, ଭଦ୍ରକରେ ୧୯୯, ନବରଙ୍ଗପୁରରେ ୧୦୬ ଏବଂ ଭୁବନେଶ୍ୱରରେ ୧୭ ଜଣ ବସବାସ କରୁଛନ୍ତି। ସରକାର ପ୍ରତି ଜିଲାରେ ତହସିଲ୍, ବ୍ଲକ ଏବଂ ପୋଲିସ କର୍ମଚାରୀଙ୍କୁ ନେଇ ଏକ କମିଟି ଗଠନ କରି ଓଡ଼ିଶାରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ ନିମନ୍ତେ ପଦକ୍ଷେପ ଉଠାଇଛନ୍ତି। ସରକାରଙ୍କ ପକ୍ଷରୁ ରାଜ୍ୟର ସମସ୍ତ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛନ୍ତି ଯେ, ଗତ ୧୦ ବର୍ଷ ମଧ୍ୟରେ ୪୧ ଜଣ ବାଂଲାଦେଶୀ ନାଗରିକଙ୍କ ନାମରେ ବିଭିନ୍ନ ଆପରାଧିକ ମାମଲା ରହିଛି। ବାଲେଶ୍ୱର ଜିଲାରେ ୫ଜଣ ବାଂଲାଦେଶୀ ନାଗରିକ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଅଛନ୍ତି। ଉକ୍ତ ମାମଲାଗୁଡ଼ିକ ବର୍ତ୍ତମାନ ଅଦାଲତରେ ବିଚାରାଧୀନ ରହିଛି।

# ହଂସିତାଙ୍କୁ ଗୋଟିଏ ମାମଲାରେ ମିଳିଲା ଜାମିନ


ହଂସିତା ଅଭିଲିପ୍ସା

କଟକ,୧୦।୩(କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ ହାଇପ୍ରୋଫାଇଲ୍ ଠକେଇରେ ସମ୍ପୃକ୍ତ ହଂସିତା ଅଭିଲିପ୍ସାଙ୍କୁ ଗୋଟିଏ ମାମଲାରେ ହାଇକୋର୍ଟ ସୋମବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଭୁଲ୍ ତଥ୍ୟ ଦେଇ ପାସ୍‌ପୋର୍ଟ ହାତେଇବା ମାମଲାରେ ହାଇକୋର୍ଟ ଏହି ଜାମିନ ଦେଇଛନ୍ତି। ହେଲେ ଅନ୍ୟଏକ ଠକେଇ ମାମଲାର ଶୁଣାଣି ଶେଷ ହୋଇଛି। ହାଇକୋର୍ଟ ଉକ୍ତ ମାମଲାର ରାୟକୁ ସଂରକ୍ଷିତ ରଖିଛନ୍ତି। ସେହିପରି ହଂସିତାଙ୍କ ସହଯୋଗୀ ଅନିଲ ମହାନ୍ତିଙ୍କ ଜାମିନ ଆବେଦନର ଶୁଣାଣି ବି ଶେଷ ହୋଇଛି। ସୂଚନାଯୋଗ୍ୟ, ବହୁ ବ୍ୟବସାୟୀ ଓ କର୍ପୋରେଟ୍ ସଂସ୍ଥାଠାରୁ ଆର୍ଥିକ ଠକେଇ କରିଥିବା ଅଭିଯୋଗରେ ହଂସିତା ଓ ତାଙ୍କ ସ୍ୱାମୀ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ଭୁବନେଶ୍ୱରର ଇନ୍‌ଫୋସିଟି ଥାନାରେ ତାଙ୍କ ନାମରେ ୨ଟି ମାମଲା ରୁଜୁ ହୋଇଥିଲା।

# ୧୧ ବର୍ଷରେ ତମାଖୁ, ପାନମସଲାରୁ ୬ ହଜାର ୫୯୫ କୋଟି ୫୫ ଲକ୍ଷ ଟଙ୍କାର ଟିକସ ମିଳିଛି

ଭୁବନେଶ୍ୱର, ୧୦।୩(ସୁନିତ୍ ମିଶ୍ର)

ଗତ ୧୧ ବର୍ଷ ହେଲା ରାଜ୍ୟରେ ତମାଖୁ ଓ ପାନମସଲାରୁ ଟିକସ ଆଦାୟ ବଢ଼ି ଚାଲିଛି। ଏହି ସମୟରେ ରାଜ୍ୟକୁ ପ୍ରାୟ ସାଢ଼େ ୬ ହଜାର କୋଟି ଟଙ୍କାର ଟିକସ ମିଳିଛି। କେବଳ ଗତବର୍ଷ ୧ ହଜାର କୋଟି ମିଳିଛି। ପୂର୍ବ ସରକାର ୨୦୧୩ରେ ଗୁଟଖା ଓ ପାନମସଲାକୁ ବ୍ୟାନ୍ କରିଥିଲେ ମଧ ୨୦୧୪ରୁ ୨୦୨୪ ଭିତରେ ଏହାକୁ କାହିଁକି ବନ୍ଦ କରାଯାଇପାରି ନ ଥିବା ବିଷୟକୁ ନେଇ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି।

ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲିଖିତ ଉତ୍ତରରେ କହିଛନ୍ତି, ତମାଖୁ ଓ ପାନମସଲାରୁ ୨୦୧୪-୧୫ରେ ଯେଉଁଠି ୧୭୪ କୋଟି ୭୧ ଲକ୍ଷ ଟଙ୍କା ଟିକସ ମିଳିଥିଲା, ୨୦୨୩-୨୪ରେ ତାହା ୧ ହଜାର ୧୨ କୋଟି ୫୬ ଲକ୍ଷକୁ ବଢ଼ିଥିଲା। ୨୦୨୪-୨୫ରେ ଗତ ଫେବୃଆରୀ ସୁଦ୍ଧା ୧ ହଜାର ୪୭ କୋଟି ୮୨ ଲକ୍ଷ ଟଙ୍କା ଟିକସ ଆକାରରେ ଆଦାୟ ହୋଇଛି। ଗତ ୧୧ ବର୍ଷରେ ମୋଟ୍ ୬ ହଜାର ୫୯୫ କୋଟି ୫୫ ଲକ୍ଷ ଟଙ୍କା ଟିକସ ବାବଦ ଅର୍ଥ ଆଦାୟ ହୋଇଛି।

# ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ଶେଷକୃତ୍ୟ


ଅନନ୍ତ ଦାସଙ୍କ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ଭୋଗରାଇ, ୧୦।୩(ପ୍ରଦୀପ ଦାସ)

ଶୋକାକୁଳ ପରିବେଶ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମରଶରୀରକୁ ସୋମବାର ସକାଳେ ବାଲେଶ୍ୱରରୁ ଭୋଗରାଇ ଅଣାଯାଇ ଦେହୁର୍ଦ୍ଧାସ୍ଥିତ ତାଙ୍କ ବାସଭବନରେ ରଖାଯାଇଥିଲା। ସେଠାରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଲେଖାଶ୍ରୀ ସାମନ୍ତ ସିଂହାର, ଜିଲାପରିଷଦର ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୂର୍ବତନ ବିଧାୟକ ସ୍ୱରୂପ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ସୋମବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଭୋଗରାଇର ଚନ୍ଦନେଶ୍ୱର, ଥାନାଛକ, କମର୍ଦ୍ଦା, ବାଲିମ ଆଦି ବଜାର ବନ୍ଦ ଥିଲା। ସକାଳ ୯ଟାରେ ବାସଭବନରୁ ଏକ ଖୋଲା ଗାଡ଼ିରେ ପାର୍ଥିବ ଶରୀରକୁ ଚନ୍ଦନେଶ୍ୱର, ସହାବାଜିପୁର ବ୍ଲକ୍ କାର୍ଯ୍ୟାଳୟ, କମର୍ଦ୍ଦା, ନହରା ସହିତ ସ୍ୱର୍ଗତ ଦାସଙ୍କ ପୈତୃକ ଘର କୁରୁଠିଆ ଗ୍ରାମକୁ ବିଶାଳ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରେ ପାର୍ଥିବ ଶରୀରକୁ ଗାଁ ପରିକ୍ରମା କରାଇ ଶ୍ମଶାନକୁ ନେଇଥିଲେ। ବଡ଼ପୁଅ ବିଶ୍ୱଜିତ ମୁଖାଗ୍ନି ଦେଇଥିଲେ।


## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୫.୦୩.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୬.୦୩.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମରେ) |
|---|---|---|---|
| | **କୋଣାର୍କ ଶାଖା, କୋଣାର୍କ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨, ଶାଖା ପ୍ରବନ୍ଧକଙ୍କ ନାମ: ଏନ୍ ଆର୍ ସ୍ୱାଇଁ, ମୋ.: ୮୮୨୦୨୩୬୨୬୫** | | |
| ୧. | **ଶ୍ରୀ ବୀରଭଦ୍ର ରାଓ,** ସା: ନୋଳିଆସାହି, ପୋ: କୋଣାର୍କ, ପୁରୀ, ଓଡ଼ିଶା - ୭୫୨୧୧୧ / ୨୦୦୬୦୬୧୦୦୩୯୨୭୪ | ଟ.୯୬,୮୨୧/- + ସୁଧ ଏବଂ ଦେୟ | ୩୨.୨ |
| | **ଡମପଡା ଶାଖା, ଡମପଡା, ଜିଲ୍ଲା: କଟକ, ପିନ୍ - ୭୫୪୦୦୭, ଶାଖା ପ୍ରବନ୍ଧକଙ୍କ ନାମ: ଦେବାଶିଷ ସିଂ, ମୋ.: ୯୮୫୩୧୩୬୪୪୮** | | |
| ୧. | **ଜୟନ୍ତୀ ମଲ୍ଲିକ,** ସ୍ୱାମୀ: କାବୁଲି ମଲ୍ଲିକ, ସା: କୁସନ୍ଦ, ପୋ: ଗୋବିନ୍ଦପୁର, ଜିଲ୍ଲା: କଟକ - ୭୫୪୦୦୭ / ୧୦୩୨୦୬୧୦୦୨୨୯୬୨ | ଟ.୪୬,୪୪୦/- + ସୁଧ ଏବଂ ଦେୟ | ୯.୬ |
| ୨. | **ଜୟନ୍ତୀ ମଲ୍ଲିକ,** ସ୍ୱାମୀ: କାବୁଲି ମଲ୍ଲିକ, ସା: କୁସନ୍ଦ, ପୋ: ଗୋବିନ୍ଦପୁର, ଜିଲ୍ଲା: କଟକ - ୭୫୪୦୦୭ / ୧୦୩୨୦୬୧୦୦୨୨୯୩୧ | ଟ.୪୪,୯୭୧/- + ସୁଧ ଏବଂ ଦେୟ | ୧୬.୮ |
| ୩. | **ମାମିନା ସ୍ୱାଇଁ,** ସ୍ୱାମୀ: ମାୟାଧର ସ୍ୱାଇଁ, ତଳଭେଜିପୁଟ, ପଦନପୁର, ଡମପଡା, ବାଙ୍କି, ଜିଲ୍ଲା: କଟକ - ୭୫୪୦୦୭ / ୧୦୩୨୦୬୧୦୦୨୩୪୭୧ | ଟ.୧୯,୫୦୦/- + ସୁଧ ଏବଂ ଦେୟ | ୫.୫୫ |
| ୪. | **ଜଳଧର ବେଉରା,** ପିତା: ବିପିନ ବେଉରା, ସା: କୁସୁପଙ୍ଗୀ, ବାଙ୍କି, କଟକ, ପିନ୍ - ୭୫୪୦୦୭ / ୧୦୩୨୦୬୧୦୦୨୩୪୯୫ | ଟ.୪୩,୧୦୦/- + ସୁଧ ଏବଂ ଦେୟ | ୧୨.୯୫ |
| ୫. | **ଦୁତିକା ବେହେରା,** ସ୍ୱାମୀ: ଭୋବନୀ ବେହେରା, ସା: କରବର, ପୋ: ହରିରାଜପୁର, ବାଙ୍କି, କଟକ - ୭୫୪୦୦୭ / ୧୦୩୨୦୬୧୦୦୨୩୬୮୬ | ଟ.୧,୧୧,୫୨୦/- + ସୁଧ ଏବଂ ଦେୟ | ୪୫.୩ |
| ୬. | **ଭୋବନୀ ବେହେରା,** ପିତା: ଭ୍ରମର ବେହେରା, ସା: କରବର, ପୋ: ହରିରାଜପୁର, ବାଙ୍କି, କଟକ - ୭୫୪୦୦୭ / ୧୦୩୨୦୬୧୦୦୨୩୬୯୩ | ଟ.୧୪,୪୪୦/- + ସୁଧ ଏବଂ ଦେୟ | ୧୩.୫ |
| ୭. | **ନୃସିଂହ ଦଳେଇ,** ପିତା: ସନାତନ ଦଳେଇ, ସା: କରବର, ପୋ: ହରିରାଜପୁର, ବାଙ୍କି, କଟକ - ୭୫୪୦୦୭ / ୧୦୩୨୦୬୧୦୦୨୪୦୦୩ | ଟ.୬୨,୨୦୦/- + ସୁଧ ଏବଂ ଦେୟ | ୨୫ |
| ୮. | **ତ୍ରିନାଥ ଦଳେଇ,** ପିତା: ସନାତନ ଦଳେଇ, ସା: କରବର, ପୋ: ହରିରାଜପୁର, ବାଙ୍କି, କଟକ - ୭୫୪୦୦୭ / ୧୦୩୨୦୬୧୦୦୨୪୦୫୮ | ଟ.୩୭,୩୦୦/- + ସୁଧ ଏବଂ ଦେୟ | ୧୨.୩ |
| ୯. | **ଅନୁପମା ଦଳେଇ,** ପିତା: ନଟବର ଦଳେଇ, ସା: ରାମଚନ୍ଦ୍ରପୁର, ପୋ: ଗୋବିନ୍ଦପୁର, କଟକ - ୭୫୪୦୦୭ / ୧୦୩୨୦୬୧୦୦୨୪୮୫୦ | ଟ.୪୫,୬୦୦/- + ସୁଧ ଏବଂ ଦେୟ | ୧୫.୯ |
| | **ରାଇକିଆ ଶାଖା, ସା/ପୋ: ରାଇକିଆ, ଫୁଲବାଣୀ, ଜିଲ୍ଲା: କନ୍ଧମାଳ, ପିନ୍ - ୭୬୨୧୦୧, ଶାଖା ପ୍ରବନ୍ଧକଙ୍କ ନାମ: ନିର୍ମଳ କୁମାର ଦିଗଲ, ମୋ.: ୯୪୩୯୩୧୩୬୦୫** | | |
| ୧. | **ବିଶ୍ୱନାଥ ବିନ୍ଧାଣୀ,** ପିତା: ତେଡେମା ବିନ୍ଧାଣୀ, ସା: ମୁସୁମାହା, ପୋ: ଉଡିଙ୍ଗିଆ, ଜିଲ୍ଲା: କନ୍ଧମାଳ - ୭୬୨୧୦୧ / ୦୮୧୦୦୬୧୦୦୨୩୯୯୦ | ଟ.୩୦,୯୧୨/- + ସୁଧ ଏବଂ ଦେୟ | ୧୨.୮୧ |
| ୨. | **ଜୟମଙ୍ଗଳ ନାଏକ,** ପିତା: ପର୍ଶୁରାମ ନାଏକ, ସା: ବଡେନାଜୁ, ପୋ: ରାଇକିଆ, ଜିଲ୍ଲା: କନ୍ଧମାଳ - ୭୬୨୧୦୧ / ୦୮୧୦୦୬୧୦୦୨୨୫୪୨ | ଟ.୧,୦୫,୮୦୭/- + ସୁଧ ଏବଂ ଦେୟ | ୧୬.୨୧ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପୈଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୦.୦୩.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**



## Government of Odisha
### Higher Education Department

**Important notice for the applicants seeking admission into P.G. Courses at State Public Universities and Colleges participating under SAMS for the Academic Session 2025-26**

**No.N-193** : It is for information of all concerned that admission into P.G. Courses for the current Academic Session: 2025-26 at the HEIs participating under SAMS shall be done through a **Common PG Entrance Test (CPET-2025)**. Accordingly, the candidates are hereby instructed to fill-up the Common Application Form by visiting the SAMS P.G. portal as per the timeline mentioned below. Common Prospectus (CP) for CPET-2025 is available on the SAMS P.G. Portal. Applicants are advised to refer to the CP before filling up the CAF. The key points of P.G. e-Admission for the Academic Year 2025-26 are as follows.

1. **For the academic session 2025-26, P.G. admissions will be based exclusively on the scores secured in the Common Postgraduate Entrance Test (CPET). The earlier year's practice of applying the 80:20 ratio (CPET marks: Career marks) for preparing the statewide merit rank will be discontinued.**
2. **In the current academic session, Phase-I admission will be conducted initially. Based on the availability of vacant seats, the Higher Education Department may consider conducting Phase-II or SPOT admissions later only for the left out or fresh applicants.**
3. **The Phase-I admission will consists of 4 rounds of selection.** The reservation and weightage will be continued for 1st and 2nd rounds of selection. In the 3rd round, the de- reservation of seats will be carried out in case of absence of the eligible applicants of a specific category. The 4th round will be the last round for Phase-I, which will be a Waiting list admission process.
4. **Applicants who got selected and taken admission during the Phase-I admission process (in any of the rounds) in any subject at any Higher Education Institutions (HEIS) will not be eligible to participate in further phase/round of admission process, which will be available exclusively for the left out or fresh students.**
5. **This implies, only the left out applicants who have not been admitted to any of the HEIs in Phase-I admission process will be allowed to participate in the further phase/round of admission process.**
6. An applicant with **Elective Papers which carries at least 24 credits at U.G. Level are eligible to apply for that subject** to get admission into P.G. Courses. If an applicant enters incorrect details (not having at least 24 credits but mentioned the same in the CAF), **his/her candidature will be cancelled during the admission and document verification process or even after the admission is completed.**
7. For this Academic Year, applicants wish to be considered for scholarship from the Higher Education Department must upload the Residence, Income & Caste Certificates while filling up the CAF. Hence, they are advised to keep ready the required certificates in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during updation of graduation marks/choice filling timeline.
8. **For the current academic session 2025-26, the P.G. admission process will start early, regardless of the declaration of final results. However, admitted students must submit their graduation or equivalent certificate to their respective institutions within two months of admission. If students fail to provide the required certificates within two months from the date of admission or their final marks do not meet the eligibility criteria specified in the Common Prospectus, their admission will be cancelled by the concerned University/ College. Further, those seats can be allotted to other eligibile applicants.**
9. Whenever a seat is allocated, applicants are compulsorily required to choose one of the option - **Freeze, Float or Slide** - carefully. The detail process of "Freeze", "Slide" and "Float" is mentioned in the Common Prospectus (CP) availbale on the SAMS portal. **If the applicant will not choose any of these options that implies the applicant is rejecting the offered/allocated seat and s/ he will be out of the counselling process for the subsequent rounds of that Phase.**

**Timeline for e-Admission into P.G. Courses under SAMS in the State Public Universities and Colleges for the Academic Session: 2025-26**

The timeline for e-Admission into P.G. Courses for the session 2025-26 in the State Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Availability of Online CAF in the website www.samsodisha.gov.in | 10-Mar-2025 (Monday) **(04:00 P.M.)** |
| 2 | Last date of applying online CAF through www.samsodisha.gov.in | 28-Mar-2025 (Friday) **(11.45 P.M.)** |
| 3 | Editing of the CAF (If required), by the eligibile applicants for the CAF submitted earlier (New CAF submission is not allowed on this day) | 29-Mar-2025 (Saturday) **(10.00 A.M. to 11.45 P.M.)** |
| 4 | Submision of applicant's data to State selection Board (SSB) by OCAC | 04-April-2025 (Friday) |
| 5 | Availability of Hall Ticket/Admit Card on the website of the State selection Board (www.ssbodisha.ac.in) for downloading by the Applicants | 28-April-2025 (Monday) **(11.00 A.M. onwards)** |
| 6 | Conduct of Entrance Examination (CPET-2025) | 04-May-2025 (Sunday) to 18-May-2025 (Sunday) |
| 7 | Handing over the entrance marks to OCAC by SSB, Odisha | 26-May-2025 (Monday) |
| 8 | Publication of subject-wise and State-wide merit list, Updation of Graduation/Equivalent marks, Choice filling of HEIs by the eligible applicants and Publication of Provisional Allotment of Seats for different Rounds | Dates will be notified by the Higher Education Department Later |

**For more details please contact : e-Admission Helpline (Toll Free) Number 155335 / 1800-345-6770**

**N.B. :** To enroll into the P.G. Courses, the applicants must have completed their graduation/ equivalent courses from an UGC recognized university. Subject Wise eligibility criteria is available on the SAMS portal. Applicants are advised to check the same before filling the Common Application Form (CAF). Candidates, whose final U.G. results are awaiting (not published), can also apply on-line by filling up the Common Application Form (CAF) to appear the CPET-2025.

**Sd./- Deputy Director, PTC section**

OIPR-11001/11/0040/2425

# ଆଜିଠାରୁ ଆରମ୍ଭ ହେବ ଲକ୍ଷପତି ଦିଦି କର୍ମଶାଳା

ଭୁବନେଶ୍ୱର, ୧୦।୩ (ବନ୍ଦନା ସେଠୀ)

ରାଜ୍ୟର ସବୁ ଜିଲାରେ ମଙ୍ଗଳବାରଠାରୁ ଆରମ୍ଭ ହେବ ଲକ୍ଷପତି ଦିଦି କର୍ମଶାଳା। କେନ୍ଦ୍ର ସରକାରଙ୍କ ସହଭାଗିତାରେ ଓଡିଶା ଜୀବିକା ମିଶନ ମାଧ୍ୟମରେ ରାଜ୍ୟ ସରକାର 'ଲକ୍ଷପତି ଦିଦି' ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହାକୁ ସଫଳ କରିବା ଲାଗି ଦୁଇଦିନ ଧରିହେବାକୁଥିବା ଏହି କର୍ମଶାଳାରେ ପ୍ରତ୍ୟେକ ଜିଲାର କମ୍ୟୁନିଟି ସପୋର୍ଟ ଷ୍ଟାଫ, ସମ୍ଭାବ୍ୟ ଲକ୍ଷପତି ଦିଦି ଓ ଲକ୍ଷପତି ଦିଦି ଉପସ୍ଥିତ ରହିବେ। କାର୍ଯ୍ୟକ୍ରମରେ କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ତୃଣମୂଳ ସ୍ତରରେ କିଭଳି ଅଧିକରୁ ଅଧିକ ସମ୍ଭାବ୍ୟ ଲକ୍ଷପତି ଦିଦିମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଲକ୍ଷପତି ଦିଦି କରିପାରିବେ ସେ ନେଇ ଆଲୋଚନା କରାଯିବ। ଏହି ଲକ୍ଷ୍ୟ ହାସଲ ଦିଗରେ ବିଭିନ୍ନ ସରକାରୀ ବିଭାଗଙ୍କ ସହଭାଗିତାରେ ସମ୍ଭାବ୍ୟ ଲକ୍ଷପତି ଦିଦିଙ୍କ କ୍ଷମତା ଓ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ, ବ୍ୟବସାୟ ବୃଦ୍ଧି ଆଦି ଉପରେ ସବିଶେଷ ଦୃଷ୍ଟି ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଏତଦ୍‌ବ୍ୟତୀତ ଯେଉଁ ମହିଳାମାନେ ଅଦ୍ୟାବଧି ଲକ୍ଷପତି ଦିଦି ହେଇସାରିଛନ୍ତି, ସେମାନେ ତାଙ୍କର ପ୍ରେରଣାଦାୟୀ ଆଲୋଚନା ମାଧ୍ୟମରେ ଅନ୍ୟ ସମ୍ଭାବ୍ୟ ଲକ୍ଷପତି ଦିଦିମାନଙ୍କୁ ଉତ୍ସାହିତ କରିବେ।




ଅନୁଦାନ ଯୋଗ୍ୟ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ ସହ ବିଭିନ୍ନ ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ଗାନ୍ଧୀମାର୍ଗରେ ଅନୁଷ୍ଠିତ ମହାସମାବେଶରେ ଯୋଗଦେବାକୁ ଶିକ୍ଷକ ଓ କର୍ମଚାରୀମାନେ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଛନ୍ତି।

# ଶିକ୍ଷକ, ଶିକ୍ଷାକର୍ମଚାରୀଙ୍କ ନ୍ୟାୟ ଦାବିରେ କମ୍ପିଲା ଗାନ୍ଧୀମାର୍ଗ

ଭୁବନେଶ୍ୱର,୧୦।୩(ସୁଚିସ୍ମିତା ସାହୁ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ସୋମବାର ବିଧାନସଭା ସମ୍ମୁଖ ଗାନ୍ଧୀ ମାର୍ଗରେ ମହାସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅହୋରାତ୍ର ଗଣଧାରଣା ଆରମ୍ଭ ହୋଇଛି। ଖରାକୁ ଖାତିର ନ କରି ସାରା ରାଜ୍ୟରୁ ପାଖାପାଖି ୫୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ବିଭିନ୍ନ ଦାବି ନେଇ ମହାସମାବେଶରେ ଯୋଗଦେଇଥିଲେ। ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ପ୍ରଥମେ ସଂଘୀୟ ପତାକା ଧରି ଭୁବନେଶ୍ୱର ରେଳଷ୍ଟେଶନ ନିକଟ କଂଗ୍ରେସ ଭବନ ସମ୍ମୁଖରୁ ବାହାରି ବିଧାନସଭା ଅଭିମୁଖେ ଅଗ୍ରସର ହୋଇଥିଲେ। ଅନୁଦାନ ଯୋଗ୍ୟ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ କରିବା, ରାଜ୍ୟର ସମସ୍ତ ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ଚାକିରି ସର୍ତ୍ତାବଳୀ ସହିତ ସରକାରୀ ଅନୁଷ୍ଠାନରେ ପରିଣତ କରି ପେନସନ ପ୍ରଦାନ କରିବା ଆଦି ବିଭିନ୍ନ ଦାବି ପୂରଣ ପାଇଁ ସ୍ଲୋଗାନ ଦେବା ସହିତ ପ୍ଲାକାର୍ଡ ଦେଖାଇ ସରକାରଙ୍କ ନିକଟରେ ଦାବି ରଖିଥିଲେ। ପରେ ଅନୁଷ୍ଠିତ ସମାବେଶରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ(ଓଲଷ୍ଟା), ସଂସ୍କୃତ ଟୋଲ ମହାମଣ୍ଡଳ, ମଦ୍ରାସା ଶିକ୍ଷକ ସଂଘ, ଅବସରପ୍ରାପ୍ତ ଶିକ୍ଷକକର୍ମଚାରୀ ସଂଘ, ୬୬୨ ବର୍ଗ କଲେଜ କର୍ମଚାରୀ ସଂଘ, ଅଣଅନୁଦାନ ପ୍ରାପ୍ତ ଶିକ୍ଷକ ସଂଘ, ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷକ ସଂଘର ନେତାମାନେ ଦାବି ଉପସ୍ଥାପନ କରିଥିଲେ। ସେମାନଙ୍କ ନ୍ୟାୟ ଦାବିରେ ଗାନ୍ଧୀମାର୍ଗ ପ୍ରକମ୍ପିତ ହୋଇଉଠିଥିଲା। ସମନ୍ୱୟ ସମିତି ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସମନ୍ୱୟ ସମିତିର ସଭାପତି ସୁକାନ୍ତ ବେହେରା, ଅକ୍ଷୟ ମିଶ୍ର, ବିକ୍ରମ ଦାସ ପ୍ରମୁଖ ସଭାରେ ଉଦ୍‌ବୋଧନ ଦେଇଥିଲେ।

# ଗୋଚାଲାଣ, ମଟନରେ ଗୋ ମାଂସ ମିଶାଇବା ଘଟଣାରେ ଯୁବକ ଗିରଫ

ସାକ୍ଷୀଗୋପାଳ,୧୦।୩(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

## ବିଏନ୍‌ଏସ୍ ୧୬୩ ଧାରା ବଳବତ୍ତର

ଚୋରାରେ ଗୋଚାଲାଣ ଓ ମଟନରେ ଗୋମାଂସ ମିଶାଇବା ଘଟଣାରେ ସମ୍ପୃକ୍ତ ଥିବା ଜଣେ ଯୁବକଙ୍କୁ ସତ୍ୟବାଦୀ ପୋଲିସ ରବିବାର ବିଳମ୍ବିତ ରାତିରେ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ଅହମ୍ମଦପୁରର ସରାପଥ ଖାଁ (୩୧)। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ସତ୍ୟବାଦୀ ଥାନାରେ ୫୯/୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି ବୋଲି ଥାନାଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ଏଥିସହ ଜୟା ହୋଟେଲ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ହିନ୍ଦୁସେନା ଡାକରା ଦେଇଥିବାରୁ ସେଠାରେ ପ୍ରଶାସନ ପକ୍ଷରୁ ବିଏନ୍‌ଏସ୍ ୧୬୩ ଧାରା ବଳବତ୍ତର ରହିଛି। ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ଓ ଏଥିରେ ସମ୍ପୃକ୍ତ ପ୍ରତ୍ୟେକ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

ସୂଚନାଯୋଗ୍ୟ, ଫେବୃଆରୀ ୨୩ ତାରିଖ ରାତିରେ କେତେଜଣ ଯୁବକ ଚୋରାରେ ଗୋଚାଲାଣ କରିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ସତ୍ୟବାଦୀ ସମେତ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏହି ଭାଇରାଲ୍ ଭିଡିଓରେ ଜଣେ ଯୁବକ ମଟନରେ ଗୋମାଂସ ମିଶ୍ରଣ ସମ୍ପର୍କରେ କହିଥିଲେ। ଏନେଇ ରବିବାର ଗୋହତ୍ୟା ରୋକିବାକୁ କଡ଼ା ଆଇନ ପ୍ରଣୟନ ଦିଗରେ ଜନଜାଗରଣ ଲକ୍ଷ୍ୟରେ ହିନ୍ଦୁ ସେନାର କର୍ମକର୍ତ୍ତା ପିପିଲି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶ୍ରୀଜଗନ୍ନାଥଙ୍କ ଧାମରେ ଏଭଳି ଜଘନ୍ୟ ଓ ଘୃଣ୍ୟ କାର୍ଯ୍ୟରେ ଲିପ୍ତ ଅପରାଧୀଙ୍କୁ ଗିରଫ, ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଜୟା ହୋଟେଲକୁ ଭାଙ୍ଗିଦେବାକୁ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଏହି ଘଟଣାକୁ ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ବିଭ୍ରାନ୍ତିମୂଳକ ମେସେଜ୍‌ଠାରୁ ଦୂରେଇ ରହିବା ପାଇଁ ଆଇଆଇସି ବେହେରା ପରାମର୍ଶ ଦେଇଛନ୍ତି।

# ଆଜି ମହୋଦଧିରେ ଗୋବିନ୍ଦ ଦ୍ୱାଦଶୀ ବୁଡ଼

ପୁରୀ,୧୦।୩(ଅଜିତ୍ କୁମାର ମହାନ୍ତି)

## ପୁରୀ ବେଳାଭୂମିରେ ବ୍ୟାପକ ବ୍ୟବସ୍ଥା

ଚଳିତ ବର୍ଷ ଫାଲଗୁନ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ପୁଷ୍ୟା ନକ୍ଷତ୍ରଯୁକ୍ତ ହେଉଥିବାରୁ ମଙ୍ଗଳବାର ଆଂଶିକ ଗୋବିନ୍ଦ ଦ୍ୱାଦଶୀ ବୁଡ଼ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଦିନ ତୀର୍ଥ ମହୋଦଧିରେ ବୁଡ଼ ପକାଇଲେ ଅଶେଷ ପୁଣ୍ୟ ମିଳିଥାଏ ବୋଲି ପୌରାଣିକ ମତବାଦ ରହିଛି। ମଙ୍ଗଳବାର ସକାଳ ପ୍ରାୟ ୮ଟା ୧୫ ପର୍ଯ୍ୟନ୍ତ ପୁଷ୍ୟା ନକ୍ଷତ୍ରଯୁକ୍ତ ରହୁଛି। ପୁରୀ ସମୁଦ୍ରରେ ବୁଡ଼ ପକାଇବା ନିମନ୍ତେ ସାଧୁସନ୍ଥ, ମଠାଧିଶ ଏବଂ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ପୌରସଂସ୍ଥା, ଅଗ୍ନିଶମ, ପୋଲିସ, ଲାଇଫଗାର୍ଡ ଏବଂ ଅନ୍ୟ ସମସ୍ତ ବିଭାଗ ସହ ପୂର୍ବରୁ ଆଲୋଚନା କରାଯାଇ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବିଭାଗ ପ୍ରସ୍ତୁତି ସାରିଛନ୍ତି। ସବୁ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ ବୋଲି ଆଶା କରାଯାଉଛି। ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ବୁଡ଼ ପକାଇ ଫେରିବେ, ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଟ୍ରାଫିକ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଇଛି। ଶ୍ରଦ୍ଧାଳୁ ଯେଉଁ ସ୍ଥାନରେ ଚାହିଁବେ, ସେଠାରେ ବୁଡ଼ ପକାଇ ପାରିବେ। ପ୍ରଶାସନ ପକ୍ଷରୁ କୌଣସି କଟକଣା ଜାରି କରାଯାଇନାହିଁ। ଶ୍ରଦ୍ଧାଳୁଙ୍କୁ ସହଯୋଗ ଯୋଗାଇ ଦେବାକୁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଛି। ଶ୍ରୀକ୍ଷେତ୍ରର ବିଭିନ୍ନ ମଠ ମହନ୍ତମାନଙ୍କ ସହ ଆଲୋଚନା ମଧ୍ୟ କରାଯାଇଛି।

ସେହିପରି ଏସ୍‌ପି ବିନିତ୍ ଅଗ୍ରୱାଲ କହିଛନ୍ତି, ବେଳାଭୂମିରେ ଆଲୋକୀକରଣ କରାଯିବ। ବରିଷ୍ଠ ଅଧିକାରୀଙ୍କ ସମେତ ପର୍ଯ୍ୟାପ୍ତ ସଂଖ୍ୟକ ଲାଇଫ ଗାର୍ଡ ଓ ପୋଲିସ ମୁତୟନ ରହିବେ। ଟ୍ରାଫିକ କଟକଣା ରହିବ। ତେଣୁ ଲୋକେ ଚାଲିକି ଆସିବାକୁ ଅନୁରୋଧ କରାଯାଉଛି। ମଠାଧୀଶ ଓ ସାଧୁସନ୍ଥମାନେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଶୋଭାଯାତ୍ରାରେ ବାହାରି ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟରେ ପହଞ୍ଚିବା ପରେ ବୁଡ଼ ପକାଇବେ। ବେଳାଭୂମିରେ ଲାଇଫଗାର୍ଡ ସମେତ ୪ ରୁ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ଲାଇଫଗାର୍ଡ ପକ୍ଷରୁ କରାଯାଉଥିବା ସେଫ୍ ଜୋନକୁ ଭକ୍ତମାନେ ଅତିକ୍ରମ ନ କରି ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ ମାନି ସମୁଦ୍ରରେ ବୁଡ ପକାଇବା ନିମନ୍ତେ ଏସ୍‌ପି ଅଗ୍ରୱାଲ ଅନୁରୋଧ କରିଛନ୍ତି।



ମୋକ୍ଷ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ସୋମବାର ଅନୁଷ୍ଠିତ 'ଅଭିଲିସା ଗ୍ରୁପ୍ ଓଡିଶୀ ଡ୍ୟାନ୍ସ କୋରିଓଗ୍ରାଫି'ରେ ଶିଳ୍ପୀମାନେ ନୃତ୍ୟ କରୁଛନ୍ତି।

# ପ୍ରାୟଶ୍ଚିତ୍ତ କଲେ ୨୦ରୁ ଊର୍ଦ୍ଧ୍ୱ ଯୁବକ

ପୁରୀ/ସାକ୍ଷୀଗୋପାଳ,୧୦।୩(ଅଜିତ୍ କୁମାର ମହାନ୍ତି/ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

## ଗୋମାଂସ ମିଶା ମଟନ ଖାଇଥିବା ଆଶଙ୍କା

ପୁରୀ ଓ ସାକ୍ଷୀଗୋପାଳ ଅଞ୍ଚଳରେ ଗୋମାଂସ ବିକ୍ରି ହେଉଥିବା ନେଇ କିଛିଦିନ ତଳେ ଏକ ଭିଡିଓ ଭାଇରାଲ ହୋଇଥିଲା। ଏପରିକି ସାକ୍ଷୀଗୋପାଳ ଅଞ୍ଚଳର ଏକ ହୋଟେଲରେ ମଟନ ସହିତ ଗୋମାଂସ ମିଶାଇ ବିକ୍ରି କରାଯାଉଥିବା ନେଇ ଉକ୍ତ ଭିଡିଓରେ ଜଣେ ଯୁବକ କହୁଥିବା ଦେଖିବାକୁ ମିଳିଥିଲା। ସମ୍ପୃକ୍ତ ହୋଟେଲରେ ମଟନ ଖାଇଥିବା ଦୁଇଜଣ ବ୍ୟକ୍ତି ସୋମବାର ପୁରୀ ଆସି ନରେନ୍ଦ୍ର ପୁଷ୍କରିଣୀ ତୁଠରେ ଲଣ୍ଡା ହୋଇ ପୁଷ୍କରିଣୀରେ ବୁଡ଼ ପକାଇ ପ୍ରାୟଶ୍ଚିତ୍ତ କରିଛନ୍ତି। ଏହି ଯୁବକ ଦ୍ୱୟ ହେଲେ ପୁରୀ ମାଳତୀପାଟପୁରର କୈଳାସ ଚନ୍ଦ୍ର ପରିଡ଼ା ଓ ଯୋଗେନ୍ଦ୍ର ମଲ୍ଲିକ। ଦୁହେଁ ଅଜାଣତରେ ମଟନ ସହ ଗୋମାଂସ ଭକ୍ଷଣ କରିଥିବା ଆଶଙ୍କାରେ ପ୍ରଥମେ ଶ୍ରୀମନ୍ଦିର ଯାଇ ମୁକ୍ତିମଣ୍ଡପ ବ୍ରାହ୍ମଣଙ୍କଠାରୁ ପ୍ରାୟଶ୍ଚିତ୍ତ ହେବା ନିମନ୍ତେ ପରାମର୍ଶ ନେଇଥିଲେ। ପରେ ନରେନ୍ଦ୍ର ପୁଷ୍କରିଣୀ ତୁଠରେ ଲଣ୍ଡା ହୋଇ ଗୋବର ପାଣି ପିଇ ପୁଷ୍କରିଣୀରେ ସ୍ନାନ କରିସାରି ନୂଆ ଧଳା ଧୋତି ବସ୍ତ୍ର ପିନ୍ଧି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ସେହିପରି ମୁକ୍ତିମଣ୍ଡପରେ ମଧ୍ୟ କ୍ଷମା ପ୍ରାର୍ଥନା କରିଥିଲେ। ପରେ ଶ୍ରୀଲୋକନାଥ ମନ୍ଦିର ଯାଇ ବାବା ଲୋକନାଥଙ୍କ ଦର୍ଶନ କରିଥିବା ଜଣାପଡ଼ିଛି। ଏନେଇ କୈଳାସ କହିଛନ୍ତି, ସେ ପ୍ରାୟ ସମୟରେ ସମ୍ପୃକ୍ତ ହୋଟେଲରେ ମଟନ ଖାଇଥାନ୍ତି। ତେବେ ସେଠାରେ ଗୋମାଂସ ମିଶା ମଟନ ଦିଆଯାଉଥିବା ଜଣାପଡ଼ିବା ପରେ ତାଙ୍କ ମନ ଖରାପ ହେଲା। ତେଣୁ ପ୍ରାୟଶ୍ଚିତ୍ତ କରିବାକୁ ଇଚ୍ଛା ହେଲା। ଯେଉଁମାନେ ତାଙ୍କ ଭଳି ଭୁଲ କରିଛନ୍ତି, ସେମାନେ ପ୍ରାୟଶ୍ଚିତ୍ତ କରିବାକୁ ସେ ଅନୁରୋଧ କରିଛନ୍ତି। ରାଜ୍ୟରେ ଗୋ ହତ୍ୟା, ଗୋମାଂସ ବିକ୍ରି ଉପରେ କଟକଣା ଲାଗୁ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଛନ୍ତି। ସେହିପରି ସତ୍ୟବାଦୀ ବ୍ଲକ ଅଧୀନ ମହୁରା ପଞ୍ଚାୟତର ଆଳିକିଆ ଦୁବେଇପୁରର ମାନସ ସ୍ୱାଇଁ, ରଞ୍ଜିତ ବରାଳ, ସିଦ୍ଧେଶ୍ୱର ଦାସ, ମାଧବ ସାହୁ, ମୁରଲୀଧର ସାହୁ, ଗନ୍ଧର୍ବ ଖଟୋଇ, ଶିଶିର ଜେନା, ପଙ୍କଜ ବାରିକ ଓ କାଳନ୍ଦୀ ବାରିକଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଯୁବକ ଲଣ୍ଡା ହୋଇ ନିକଟସ୍ଥ ପୁଷ୍କରିଣୀରେ ସ୍ନାନ କରିଛନ୍ତି। ପରେ କପିଳେଶ୍ୱର ଦେବଙ୍କ ମନ୍ଦିରରେ ବୈଦିକ କ୍ରିୟା କର୍ମ ପରେ ଗୋବର ମିଶ୍ରିତ ପଞ୍ଚାମୃତ ପାନ କରି ପ୍ରାୟଶ୍ଚିତ କରିଛନ୍ତି। ଏଥିସହ ବ୍ରାହ୍ମଣ ଭୋଜନ କରାଇଛନ୍ତି।



ହୋଟେଲରେ ଗୋମାଂସ ଖାଇଥିବା ସନ୍ଦେହରେ ୨ ବ୍ୟକ୍ତି ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ଗାଧୋଇ ପ୍ରାୟଶ୍ଚିତ ହେଉଛନ୍ତି।



ସାକ୍ଷୀଗୋପାଳ କପିଳେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଲଣ୍ଡା ହେଉଛନ୍ତି।

# ଉନ୍ନୟନ କାର୍ଯ୍ୟ ଗୁରୁତର ବାଧାପ୍ରାପ୍ତ

କଟକ ସଦର,୧୦।୩(ସୁଶାନ୍ତ କୁମାର ଜେନା)

## ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଓ ବିଲ୍

ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲାପରିଷଦ ଭଳି ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଅଧୀନ ଅଞ୍ଚଳରେ ପୂର୍ବରୁ ପଲ୍ଲିସଭା ଦ୍ୱାରା ପ୍ରକଳ୍ପ ଚୟନ ସହ କାର୍ଯ୍ୟାଦେଶ ବଣ୍ଟନ ହେଉଥିଲା। ହେଲେ ୬ରୁ ଊର୍ଦ୍ଧ୍ୱ ବର୍ଷ ହେବ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ କରାଯାଉଛି। ଯନ୍ତ୍ରୀ କିମ୍ବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ନାମରେ କାର୍ଯ୍ୟାଦେଶ ଓ ବିଲ୍ ହେଉଛି। ହେଲେ ବାସ୍ତବରେ ସମ୍ପୃକ୍ତ ଅଧିକାରୀମାନେ ନିଜେ କାମ କରୁନାହାନ୍ତି। ଅଧିକାଂଶ କ୍ଷେତ୍ରରେ ଜନପ୍ରତିନିଧିଙ୍କ ପ୍ରତିନିଧି କିମ୍ବା ବାହାର ଲୋକ କାମ କରୁଥିବାବେଳେ କେତେକ କ୍ଷେତ୍ରରେ ଅଧିକାରୀଙ୍କ ଭାଗୀଦାରିରେ ସବୁକିଛି ଚାଲିଛି। ତେଣୁ କାମ ନିମ୍ନମାନର ହେବା ସହ ପିସି କାରବାର ଅଧିକ ହେଉଥିବା ବହୁ ସମୟରେ ଅଭିଯୋଗ ଉଠୁଛି। ଏଥିସହ ଅଧିକାରୀଙ୍କ ଆକାଉଣ୍ଟକୁ ବିଲ୍ ଅର୍ଥ ଯାଉଥିବାରୁ ମନଇଚ୍ଛା ପିସି ରଖାଯାଉଛି। ବିରୋଧ କଲେ ସେମାନେ ଟଙ୍କା ନ ଦେଇ ନାଲିଆଖି ଦେଖାଉଛନ୍ତି। କାମ କରୁଥିବା ଲୋକେ ବା ଠିକାଦାର ଟଙ୍କା ପାଇବାକୁ ବର୍ଷ ବର୍ଷ ଧରି ଅଧିକାରୀଙ୍କ ପାଖକୁ ଦୌଡୁଥିବା ଦେଖିବାକୁ ମିଳୁଛି। ପୁଣି ସମ୍ପୃକ୍ତ ଅଧିକାରୀମାନେ ବଦଳି ହୋଇ ଅନ୍ୟତ୍ର ଚାଲିଯାଉଥିବାରୁ ଲକ୍ଷ ଲକ୍ଷ ଟଙ୍କା ହରାଇ କାମ କରିଥିବା ଲୋକେ ମୁଣ୍ଡରେ ହାତଦେଇ ବସୁଛନ୍ତି। ଏପରିକି ପରବର୍ତ୍ତୀ ସମୟରେ ଆଉ କେହି କାମ କରି ହଟହଟା ହେବାକୁ ଚାହୁଁନାହାନ୍ତି। ଫଳରେ ତୃଣମୂଳସ୍ତରର ଉନ୍ନୟନ କାମ ଗୁରୁତର ବାଧାପ୍ରାପ୍ତ ହେଉଛି। ହେଲେ ପ୍ରଶାସନ ପକ୍ଷରୁ ଏହି ବାସ୍ତବତାକୁ ଲୁଚାଯାଉଛି। ୱାର୍କ ଅର୍ଡର ପାଉଥିବା ଅଧିକାରୀମାନେ କାମ କରୁଥିବା କହୁଛନ୍ତି। ମାତ୍ର ସ୍ୱଳ୍ପ ଦରମା ପାଉଥିବା ଜେଇ କିମ୍ବା କାର୍ଯ୍ୟ ନିର୍ବାହୀ ଅଧିକାରୀ ଏତେ ଟଙ୍କାର କାମ କିପରି କରୁଛନ୍ତି ସେନେଇ ପ୍ରଶ୍ନ ଉଠୁଛି। ତେବେ ଅଧିକାରୀମାନେ ବାକିରେ କାମ କରି ବିଲ୍ ମିଳିବା ପରେ ପରିଶୋଧ କରୁଥିବା ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଉଛି। ଏ ସଂକ୍ରାନ୍ତ ଏକ ମାମଲାରେ କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ପକ୍ଷରୁ ରାଜ୍ୟ ସୂଚନା ଆୟୁକ୍ତଙ୍କ ନିକଟରେ ଜବାବ ଦାଖଲ ବେଳେ ଉଲ୍ଲେଖ କରାଯାଇଛି। ହେଲେ ବାକି କିଏ ଦେଉଛି, କେଉଁଠାରୁ ଟଙ୍କା ଆସି ଆଗୁଆ ଖର୍ଚ୍ଚ ହେଉଛି, ତାହାକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ଏନେଇ ଅଧିକାରୀମାନେ ମୁହଁ ଖୋଲୁ ନାହାନ୍ତି।

ଓଡ଼ିଶା ଗ୍ରାମ ପଞ୍ଚାୟତ ନିୟମ ୧୯୬୮ ଧାରା ୩୨ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଭାଗୀୟ, ଠିକାଦାର, ଶ୍ରମିକ ନେତା କିମ୍ବା ଅନ୍ୟ ଏଜେନ୍ସି ଦ୍ୱାରା ଜିଲାପାଳଙ୍କ ଅନୁମୋଦନକ୍ରମେ କରାଯିବାର ବ୍ୟବସ୍ଥା ରହିଛି। ସେହି ଅନୁସାରେ ପୂର୍ବରୁ ପଲ୍ଲିସଭା ଦ୍ୱାରା ମନୋନୀତ ଶ୍ରମିକ ପ୍ରତିନିଧିମାନେ ପ୍ରଥମେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି କାମ କରିବା ପରେ ବିଲ୍ ପାଇଥାନ୍ତି। ମାତ୍ର ୨୦୧୮ ମସିହାରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ନିର୍ଦ୍ଦେଶ ସଂଖ୍ୟା ୧୩୨୨୦/୧୨।୭।୨୦୧୮ରେ ସମସ୍ତ କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା। ପଞ୍ଚାୟତସ୍ତରରେ ସମସ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ବ୍ଲକସ୍ତରରେ କନିଷ୍ଠ କିମ୍ବା ସହକାରୀ ଯନ୍ତ୍ରୀଙ୍କ ନାମରେ ରହିବ ବୋଲି ନିର୍ଦ୍ଦେଶ ରହିଥିଲା। ମାତ୍ର କାମ ଆରମ୍ଭ ପାଇଁ ଏହି କର୍ମଚାରୀମାନେ କେଉଁ ସୂତ୍ରରୁ ଅର୍ଥ ଆଣି ବଜାରରୁ ଦରକାରୀ ସାମଗ୍ରୀ କିଣିବେ ସେ କଥା ସେଥିରେ ଉଲ୍ଲେଖ ନ ଥିଲା। ଏହି ନିଷ୍ପତ୍ତିକୁ ନେଇ ସେତେବେଳେ ବିରୋଧ ଓ ଅସନ୍ତୋଷ ଦେଖାଦେଇଥିଲା। ତତ୍‌କାଳୀନ ସରକାରରେ ଥିବା ନେତା ଓ ବଡ଼ ଅଧିକାରୀମାନେ ବିଲ୍‌ରୁ ଭାଗ ପାଇବା ଲାଗି ସରକାରୀ କ୍ଷମତାର ଦୁରୁପଯୋଗ କରି ଅଧିକାରୀଙ୍କୁ କାର୍ଯ୍ୟାଦେଶ ଓ ବିଲ୍ ପ୍ରଦାନ ଅଧିକାର ଦେବାର ଯୋଜନାବଦ୍ଧ ବ୍ୟବସ୍ଥା କରିଥିବା ଚର୍ଚ୍ଚା ହୋଇଥିଲା। ନିର୍ବାଚନ ସମୟରେ ସେମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ମଧ୍ୟ ଅଭିଯୋଗ ଉଠିଥିଲା। ଏବେ ନୂଆ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏପରି ନିର୍ଦ୍ଦେଶନାମାର ପରିବର୍ତ୍ତନ କରି ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି ହେଉଛି।

### ବାକିରେ କାମ, ମୁହଁ ଖୋଲୁନାହାନ୍ତି ଅଧିକାରୀ

ଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଓ ବିଲ୍ ବ୍ୟବସ୍ଥା ଯୋଗୁ ଉନ୍ନୟନ କାମ ପ୍ରଭାବିତ ହେଉଥିବାରୁ ବାସ୍ତବତା ଜାଣିବା ଲାଗି ଜଣେ ସୂଚନା ଅଧିକାର କର୍ମୀ କଟକ ଜିଲା ପରିଷଦର ଜନ ସୂଚନା ଅଧିକାରୀଙ୍କୁ ସୂଚନା ମାଗିଥିଲେ। ବିଭାଗୀୟ ତଥା ଉନ୍ନୟନମୂଳକ କାମ କରିବାକୁ ସ୍ୱଳ୍ପ ବେତନଭୋଗୀ କର୍ମଚାରୀମାନେ କେଉଁଠାରୁ ଅର୍ଥ ଯୋଗାଡ଼ କରୁଛନ୍ତି, ତାହା ଜାଣିବାକୁ ଚାହିଁଥିଲେ। ମାତ୍ର ସମ୍ପୃକ୍ତ ଅଧିକାରୀ ଏହାର ଉତ୍ତର ନିର୍ଦ୍ଧାରିତ ଅବଧିରେ ନ ଦେବାରୁ ରାଜ୍ୟ ସୂଚନା ଆୟୁକ୍ତଙ୍କ ନିକଟରେ ଦ୍ୱିତୀୟ ଅପିଲ ଭାବେ ଆବେଦନ କରାଯାଇଥିଲା। ତେବେ ବାକିରେ କାମ ହେଉଥିବା ନେଇ ଜିଲା ପ୍ରଶାସନ ଜବାବ ଦାଖଲ କରିଥିଲା। ପତ୍ର ସଂଖ୍ୟା ୨୬୯୪/୧୯।୧୦।୨୦୨୨ରେ ଜିଲା ପରିଷଦ ପକ୍ଷରୁ ଭୁବନେଶ୍ୱରସ୍ଥିତ ସୂଚନା ଆୟୁକ୍ତଙ୍କୁ ଏନେଇ ଜଣାଇ ଦିଆଯାଇଥିଲା। ତେବେ ବ୍ଲକରେ ବିଭାଗୀୟ କାମ ପାଇଁ କିଏ ଅର୍ଥ ଦେଉଛି ବୋଲି କଟକ ସଦର ବିଡିଓଙ୍କଠାରୁ ଜାଣିବାକୁ ଚାହିଁଥିଲେ ଆମ ପ୍ରତିନିଧି। ଏନେଇ ସେ ପ୍ରତିକ୍ରିୟା ଦେଇ ନ ଥିଲେ।

ସେଲ୍‌ଫି କର୍ନରେ ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ମନୋଜ



@ ସୁବ୍ରତ



@ ଲିପୁନ୍



@ ପବିତ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ: କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍‌ସେକ୍ସ ୨୧୭ (୨୧୭.୪୧) ପଏଣ୍ଟ ହ୍ରାସ ଘଟି ୭୪,୧୧୫ (୭୪,୧୧୫.୧୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ ୯୨ (୯୨.୨୦) ପଏଣ୍ଟ କମି ୨୨,୪୬୦ (୨୨,୪୬୦.୩୦) ଅଙ୍କରେ କାରବାର ଶେଷ ହୋଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଏସ୍ଏଲ୍‌ର ପରିବେଶ ସମ୍ବନ୍ଧୀୟ ଆର୍ଥିକ ବିବରଣୀ

**ନୂଆଦିଲ୍ଲୀ,୧୦।୩**

ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍ଏଲ୍) ର ବହୁ ପ୍ରତୀକ୍ଷିତ ରିପୋର୍ଟ ତଥା ପରିବେଶ ସମ୍ବନ୍ଧୀୟ ଆର୍ଥିକ ବିବରଣୀ (ଟିଏନ୍ଏଫ୍‌ଡି)କୁ ନିକଟରେ ଅନାବରଣ/ ଉନ୍ମୋଚନ କରାଯାଇଛି। ଏପରି କି ଏହା କମ୍ପାନୀର ପ୍ରଥମ ଟାସ୍କ ଫୋର୍ସ ରିପୋର୍ଟ ହୋଇଥିଲା ବେଳେ ନିରନ୍ତର ବିକାଶ ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଉକ୍ତ ରିପୋର୍ଟରେ ଜଳବାୟୁ ପରିବର୍ତ୍ତନ ଭଳି ବୈଶ୍ୱିକ ଆହ୍ୱାନର ମୁକାବିଲା ସମ୍ପର୍କରେ କମ୍ପାନୀର ଅଭିବୃଦ୍ଧି ଏବଂ ସାମାଜିକ ଦାୟିତ୍ୱକୁ ସନ୍ତୁଳିତ କରିବା ସହିତ ବ୍ୟବସାୟିକ କାର୍ଯ୍ୟରେ ପ୍ରକୃତି ସମ୍ବନ୍ଧୀୟ ବିଚାରକୁ ସାମିଲ କରିବା ପାଇଁ ଥିବା ରଣନୈତିକ ଆଭିମୁଖ୍ୟ ଏବଂ ସ୍ଥାୟିତା, ଜୈବ ବିବିଧତା ସଂରକ୍ଷଣ ତଥା ସକ୍ରିୟ ବିପଦ ପରିଚାଳନା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଇଛି।

ଏ ସମ୍ପର୍କରେ ଜେଏସ୍ଏଲ୍‌ର ସିଏସ୍‌ଓ କଲ୍ୟାଣ ଭଟ୍ଟାଚାର୍ଜୀ କହିଛନ୍ତି, ଏହି ରିପୋର୍ଟ କମ୍ପାନୀ ପ୍ରତ୍ୟେକ କାର୍ଯ୍ୟରେ ପ୍ରକୃତି କୈନ୍ଦ୍ରିକ ଚିନ୍ତାଧାରାକୁ ସାମିଲ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ, ଯାହା କନମିଙ୍ଗ-ମଣ୍ଟ୍ରିଏଲ ବୈଶ୍ୱିକ ଜୈବବିବିଧତା ଢାଞ୍ଚା ଭଳି ବିଶ୍ୱସ୍ତରୀୟ ଲକ୍ଷ୍ୟ ସହିତ ସମନ୍ୱିତ ରହିଛି। ଟିଏନ୍ଏଫ୍‌ଡି ଢାଞ୍ଚାକୁ ଆପଣାଇ ଜେଏସ୍ଏଲ୍ ଭାରତର ଧାତୁ କ୍ଷେତ୍ରରେ ନେତୃତ୍ୱ ନେଇ ଗର୍ବ ଅନୁଭବ କରୁଛି। ଏହା ସ୍ୱଚ୍ଛତା, ସୁଚିନ୍ତିତ ଯୋଜନା ଓ ପ୍ରକୃତି ସମ୍ବନ୍ଧୀୟ ବିପଦ ଏବଂ ସୁଯୋଗର ଦକ୍ଷ ପରିଚାଳନା ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ଟ୍ରାଇଡେଣ୍ଟର ୨ଦିନିଆ ହାକାଥନ୍ ଉଦ୍‌ଯାପିତ



ଟ୍ରାଇଥନ୍ -୨୦୨୫ରେ ଯୋଗଦେଇଥିବା ନିମନ୍ତ୍ରିତ ଅତିଥି।

**ଭୁବନେଶ୍ୱର,୧୦।୩**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଟ୍ରାଇଡେଣ୍ଟ ଗ୍ରୁପର ବୈଷୟିକ ଅନୁଷ୍ଠାନ ଟାଇଡ୍ରେଣ୍ଟ ଏକାଡେମୀ ଅଫ ଟେକ୍ନୋଲୋଜି (ଟିଏଟି)ପକ୍ଷରୁ ଏକ ୨ ଦିନିଆ ହାକାଥନ୍‌ପ୍ରତିଯୋଗିତା 'ଟ୍ରାଇଥନ୍ -୨୦୨୫' ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏପରି କି ୨୦୨୫ ମାର୍ଚ୍ଚ ୮ ଏବଂ ୯ରେ ଟ୍ରାଇଡେଣ୍ଟର ଶୋଭନା ହଲରେ ଏହି ଇଣ୍ଟର-କଲେଜ ହାକାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ଏହି କାର୍ଯ୍ୟକ୍ରମ ଟ୍ରାଇଡେଣ୍ଟ ଗ୍ରୁପର ୬ଷ୍ଠତମ ସଂସ୍କରଣ ହୋଇଥିବା ବେଳେ ଏଥିରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଟିମ୍ ଅଂଶଗ୍ରହଣ କରିଥିଲା ବେଳେ ସ୍ଥାୟୀ ଭବିଷ୍ୟତରେ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ଏହି ପ୍ରତିଯୋଗିତାର ବିଷୟବସ୍ତୁ ଥିଲା। ସେହିପରି ପୂର୍ବଭାରତ ସ୍ତରୀୟ ଇଣ୍ଟର-କଲେଜ ପ୍ରତିଯୋଗିତାରେ ଅଧିକାଂଶ ପ୍ରତିଯୋଗୀ ଓଡ଼ିଶା ଏବଂ ପଶ୍ଚିମବଙ୍ଗରୁ ହୋଇଥିବାବେଳେ ସମସ୍ତ ପ୍ରତିଯୋଗୀ ସ୍ନାତକ ଇଞ୍ଜିନିୟରିଂର ଛାତ୍ରୀଛାତ୍ର ଥିଲେ। ପ୍ରତ୍ୟେକ ଟିମ୍‌ରେ ୬ ଜଣ ସଦସ୍ୟଙ୍କ ମଧ୍ୟରେ ଜଣେ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟି-କ୍ୟୁବର ପ୍ରତିଷ୍ଠାତା ତଥା ଆକ୍ସେଞ୍ଚରର ଏମ୍‌ଡି ସବ୍ୟସାଚୀ ପଟ୍ଟନାୟକଙ୍କ ସହ ସ୍ୱାର୍କ ପ୍ରାଇଭେଟ୍ ଲିମିଟେଡ୍‌ର ସିଏମ୍‌ଡି ଶୁଭଦର୍ଶୀ ମିଶ୍ର ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୩୦୦ରୁ ଉର୍ଦ୍ଧ୍ୱ ଟିମ୍ ମଧ୍ୟରୁ ୪୫ଟି ଟିମ୍ ଅନ୍ତିମ ପର୍ଯ୍ୟାୟ ପାଇଁ ମନୋନୀତ ହୋଇଥିଲା। ଏଥି ସହ ପୁରସ୍କାର ବିତରଣ ଉତ୍ସବରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ତଥା ଯାଜପୁର ଲୋକ ସଭା ସାଂସଦ ଏବଂ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର ପ୍ରତିନିଧି ଡ. ଆର.ଏନ୍. ବେହେରା ଅତିଥି ଭାବେ ଯୋଗଦେଇ ବିଜେତା ଟିମ୍‌କୁ ୧,୦୦,୦୦୦ ଟଙ୍କା ପୁରସ୍କାର ଅର୍ଥରାଶି ସହ ମାନପତ୍ର ପ୍ରଦାନ କରିଥିଲେ।

# ସୌନକ ଇମ୍ଫାର ନୂଆ ସିଏଫ୍‌ଓ

**ଭୁବନେଶ୍ୱର,୧୦।୩ (ଅଭୟ ଦାଶ)**


ସୌନକ ଗୁପ୍ତା

ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ ଲିମିଟେଡ୍ (ଇମ୍ଫା) ର ନୂତନ ମୁଖ୍ୟ ବିତ୍ତୀୟ ଅଧିକାରୀ (ସିଏଫ୍‌ଓ) ଭାବେ ସୌନକ ଗୁପ୍ତାଙ୍କୁ ନିକଟରେ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ ସେ କମ୍ପାନୀର ଡେପୁଟି ସିଏଫ୍‌ଓ ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ଦୁଇ ଦଶକ ଧରି ଇମ୍ଫାର ସିଏଫ୍‌ଓ ଏବଂ କମ୍ପାନୀ ସଚିବ ଭାବେ ଦାୟିତ୍ୱ ତୁଲାଉଥିବା ପ୍ରେମ୍ ଖଣ୍ଡେଲୱାଲଙ୍କ କାର୍ଯ୍ୟକାଳ ସମାପନ ପରେ କମ୍ପାନୀ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଏ ସମ୍ପର୍କରେ ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ସୌନକ ବହୁତ କମ୍ ସମୟ ମଧ୍ୟରେ ବିତ୍ତୀୟ କାର୍ଯ୍ୟରେ ନିଜର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ସହିତ ଇମ୍ଫାର ରଣନୈତିକ ପ୍ରାଥମିକତାକୁ ଆକାର ଦେବାରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରିଛନ୍ତି। ଏପରିକି ମୁଁ ଏହି ଅବସରରେ ପ୍ରେମ୍ ଖଣ୍ଡେଲୱାଲଙ୍କ ନେତୃତ୍ୱ, କୌଶଳ ଓ କମ୍ପାନୀରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ପ୍ରଂଶସା କରୁଛି।

ସେହିଭଳି ସିଏଫ୍‌ଓ ସୌନକ ଗୁପ୍ତା କହିଛନ୍ତି, ଇମ୍ଫା ମଜଭୁତ ବାଲାନ୍ସ ସିଟ୍ ଓ ସମ୍ପ୍ରସାରିତ ଏବଂ ବିବିଧ ଯୋଜନା ସହିତ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ ରହିଛି। ଏପରିକି ଅଭିବୃଦ୍ଧି ଓ ଅଂଶୀଦାରମାନଙ୍କ ଅଭିଜ୍ଞତାକୁ ସୁଗମ କରିବା ପାଇଁ କମ୍ପାନୀର ଦୀର୍ଘକାଳୀନ ରଣନୈତିକ ଯୋଜନାଗୁଡ଼ିକ ତ୍ୱରାନ୍ୱିତ କରିବା ଉପରେ ମୋର ବିଶେଷ ଗୁରୁତ୍ୱ ରହିବ। ଅପରପକ୍ଷରେ ଗୁପ୍ତା ଜଣେ ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କମ୍ପାନୀ ସେକ୍ରେଟାରି ଓ କଷ୍ଟ ଆକାଉଣ୍ଟାଣ୍ଟ ଭାବେ ବେଶ୍ ପରିଚିତ ଥିଲାବେଳେ ଦୀର୍ଘ ୨୬ବର୍ଷର କ୍ୟାରିୟର ମଧ୍ୟରେ ସେ ବ୍ଲୁ ଷ୍ଟାର, ୱିପ୍ରୋ, ବର୍ଜର ପେଣ୍ଟ୍ସ ଏବଂ ପିଡବ୍ଲ୍ୟୁସି ଭଳି ବିଭିନ୍ନ ବିବିଧ ଉଦ୍ୟୋଗରେ କାର୍ଯ୍ୟ କରିଛନ୍ତି। ଏପରିକି ସେ କମ୍ପାନୀର ବିଲୟ, ଅଧିଗ୍ରହଣ, ରଣନୈତିକ ଯୋଜନା ଓ ବ୍ୟାପାରର ସମ୍ପ୍ରସାରଣ ପାଇଁ ଟ୍ରେଜେରି ଓ ବିତ୍ତୀୟ ନିୟୋଜନ ପ୍ରବନ୍ଧନ ସହିତ ଅନେକ କାର୍ଯ୍ୟ ସମ୍ପାଦନ କରିଛନ୍ତି।

# Classified Everyday

**0674-2580101, 9692975378**



**REAL ESTATE SALE**

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242




Positivelyhealthbenefited SPA by expert female therapist, Bapujinagar. 8018429809. D-76901

Full body massage by Odia therapist in homely atmosphere. 9556498382. D-75364

Positively health benifited spa by expert therapist. 8658088274. D-76903

## AFFIDAVIT

By virtue of an affidavit sworn before the Executive Magistrate, Dharmasala, dated-16.02.2025, I, Joschanarani Ghadai, At- Mangalpur, P.O.- Kotapur, P.S.- Dharmasala, Dist.- Jajpur, PIN- 755008, Odisha declare that I have changed my name from Joschana Rani to Joschanarani Ghadai. Henceforth, I shall be known as Joschanarani Ghadai for all future purposes.
Joschanarani Ghadai D- 3239

By virtue of an affidavit sworn before the Executive Magistrate, Dharmasala, dated 18.02.2025, I, Subhadra Kumari Dhal, Address: At- Chakroda, P.O.- Mirzapur, P.S.- Dharmasala, Dist.- Jajpur, Odisha- 755008 declare that I have changed my daughter's name from Lipsha Mohanty to Lipsa Dhal. Henceforth, she shall be known as Lipsa Dhal for all purposes. D-3245

By virtue of an affidavit sworn before the Notary, Puri, dated 27Feb.2025, Karttik Dasamahapatra and Kartik Kumar Dasmohapatra reflected in the Aadhaar Card (XXXX XXXX 6193) belongs to one and the same person the son of Late Gangadhar Daitapati. Henceforth, I shall be known as Kartik Kumar Dasmohapatra instead of Karttik DasaMahapatra for all purposes. D-3250

By virtue of an affidavit sworn before Notary Public, Bhubaneswar, dated 10.03.2025, I, Shiba Prasad Jena, Address: At/Village- Rudrapur, P.O.- Balamukuli Hat, P.S.- Binjharpur, Dist.- Jajpur, PIN- 755012 declare that I have changed my name from Siba Prasad Jena to Shiba Prasad Jena. Henceforth, I shall be known as Shiba Prasad Jena for all purposes.
Shiba Prasad Jena D-3246

**Your Classified Advertisement published in Dharitri will be listed free in Dharitri Online Edition: dharitriepaper.in**

I, Baneswar Behera, R/o. Village- Kundapitha, P.S./ Dist.- Deogarh, Odisha declare that my daughter's name has been wrongly mentioned as Bhenkateswari Behera, DOB- 09.10.2009 in her Aadhaar card bearing No.- xxxx xxxx 5790. That by this affidavit No.- 795 dt.06.03.2025 I have changed her name and DOB from Bhenkateswari Behera, DOB- 09.10.2009 to Vikenteswari Behera, DOB- 29.06.2009. Now onwards she shall be known as Vikenteswari Behera, DOB- 29.06.2009 for all purposes. D-3242

By virtue of an affidavit sworn before Executive Magistrate, Bhadrak, I Sabitarani Nath (53 yrs), W/o- Pramod Kumar Nath, Vill- Darapur, P.O.- Jamjodi, P.S.- Pirahat Bazar, Dist.- Bhadrak, declare that I changed my name in my LIC Policy bearing No.- 586566307 from Anita Nath to Sabitarani Nath. Henceforth I shall be known as Sabitarani Nath for all purposes. D-3247

By virtue of which an affidavit Before Notary, Bhubaneswar vide Sl. No.- 113 dt 06.03.2025 I, Debasish Sahu, Plot No.-1012, Samantrapur, Bhubaneswar-2, I have changed my daughter's name from Deblin Prusty to Deblin Sahu. Henceforth, she shall be known as Deblin Sahu for all purposes. D-3249

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit No.-65AA 583876, dt.24.02.2025 sworn before the Executive Magistrate, Rasgovindpur, Mayurbhanj, I, Smt. Jayanti Soren, age about 35 years, W/o- Karamchand Soren & D/o-Sri Sitaram Beshra, Vill-Parulia, P.O.-Gobara, P.S.-Rasgovindpur, Dist.-Mayurbhanj, Odisha-757016, that his Birth Certificate his name mentioned Abhigyan Satyaprakash Nageswar Soren, S/o- Karamchand Soren, but his Aadhaar name has been mentioned Abhigyan Soren,S/o- Karamchand Soren. Abhigyan Soren & Abhigyan Satyaprakash Nageswar Soren, S/o- Karamchand Soren belongs to one & same person. Henceforth, he shall be known as Abhigyan Satyaprakash Nageswar Soren, S/o- Karamchand Soren for all purposes. D-3251

By virtue of which an affidavit Before Notary, Bhubaneswar vide Sl. No.- 114 dt 06.03.2025 I, Debasish Sahu, Plot No.-1012, Samantrapur, Bhubaneswar-2, I have changed my daughter's name from Debanshee Sahee to Debanshee Sahu. Henceforth, she shall be known as Debanshee Sahu for all purposess. D-3248

I, Susila Bhatara, W/o- Balaba Bhatara of Vill- Nenganal, P.O.- Rajoda, Dist.- Nabarangpur, state that my name is wrongly mentioned as Shushila Bhatara instead of Shusila Bhatara in my Aadhaar Card Vide No.- xxxx xxxx 9510 and my S.B.I. Mokia Branch Account. Both Susila Bhatara and Shushila Bhatara is one and same person. D-3230

## LOST

Notice is hereby given to General Public that, I Smt. Sukesini Pradhan has lost the original link RSD bearing No.-11091200856 dt.25.05.2012, executed in favour of Anita Mohanty, in respect of Plot No.-3606 from Khata No.- 1376/240, Tahasil- Balianta Mouza- Prataprudrapur Dist.- Khordha and ROR No.- 1376/369 in the name of Anita Mohanty while she was coming from Court to his residence at Prataprudrapur, Balianta, Bhubaneswar lost the original sale deed somewhere and inspite of his best efforts failed to trace the same. Therefore, if anyone has found the same, please contact Advocate Sri. N.C. Pattnaik, Mob- 9853311189 of LICHFL at Link Road, Cuttack within 15 days from the date of the publication, failing which the document will lose its legal force and any misuse of the document will be punishable under law. D-76902

I, Pragyan Parimita, aged about 36years, daughter of Purna Chandra Sahoo, resident of near Chauliaganj Police Outpost, Cuttack Sadar, Cuttack, Odisha, 753004, do hereby solemnly affirm and state as follows: 1). That, I have passed the 10th Examination from S.C.B. Medical Public School, Cuttak in the year 2003 and was issued a 10th Pass Certificate by ICSE, Index No.- T/2263/082. 2) That the above said Certificate was lost by me while travelling and is untraceable. 3)That, I am in need of a duplicate copy of the said Certificate for higher study/service purpose, 4) That, the facts stated above are true to the best of my knowledge and belief.
Sd./- Pragyan Parimita D-3244

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ସରୋଜିନୀ ତ୍ରିପାଠୀ**
ପଲ୍ଲୀକଣ୍ଠା, ଏରସମା, ଜଗତ୍‌ସିଂହପୁର
ଆବିର୍ଭାବ: ୧୮।୧୨।୧୯୪୨
ତିରୋଧାନ: ୨୨।୦୩।୨୦୨୪
ବୋଉ, ତୋର ଆଦର୍ଶର ପ୍ରତିଛବି ତୋର ଉଦାରତାର ପ୍ରତିଫଳନ ଏବଂ ନୈତିକତାର ମାର୍ଗଦର୍ଶନ, ଆଉ ହଠାତ୍ ଏ ଅପୂରଣୀୟ ଶୂନ୍ୟସ୍ଥାନ ଆମକୁ ସଦା ଆନ୍ଦୋଳିତ କରିବ। ତୋର ଆତ୍ମାର ସଦ୍‌ଗତି ତଥା ତୋର ଶୁଭାଶୀର୍ବାଦ ହିଁ କେବଳ ମାତ୍ର କାମ୍ୟ।
ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୩୨୪୦

**୨୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା କ୍ଷେତ୍ରମଣି ପଟ୍ଟନାୟକ**
ଆବିର୍ଭାବ: ୧୩।୦୩।୧୯୩୧
ତିରୋଧାନ: ୨୬।୦୨।୨୦୦୨
ବିତିଲା ୨୩ବର୍ଷ ତୋର ଆବର୍ତ୍ତମାନକୁ, ଏବେବି ଲାଗେ ତୁ ପାଖେ ପାଖେ ଅଛୁ। ତୋ ସଙ୍ଗେ ବିତାଇଥିବା ସେ ସମୟ ଅଭୁଲା। ତୋର ଆଶୀର୍ବାଦ ଏବଂ ଉପଦେଶ ଆମ ଚଲାପଥ କୁସୁମିତ କରିଛି। ତୋର ଆଦର୍ଶ ଆମ ପାଇଁ ସର୍ବଦା ପ୍ରେରଣାଦାୟୀ ହେଉ।
ଆପଣଙ୍କ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀମାନେ।
ଧ-୩୨୩୨

**ଶ୍ରଦ୍ଧାଞ୍ଜଳି**
**୧୬ତମ ଶ୍ରାଦ୍ଧବାର୍ଷିକୀ**



**୰ ରତ୍ନାକର ତ୍ରିପାଠୀ**
ରତାଦିଆ ଖଣ୍ଡସାହି, କେନ୍ଦ୍ରାପଡ଼ା
ଆବିର୍ଭାବ - ୧୮.୦୨.୧୯୪୨
ତିରୋଧାନ - ୦୯.୦୩.୨୦୦୯
ଆପଣଙ୍କ କର୍ମପ୍ରବଣତା ଏବଂ ମୂଲ୍ୟବୋଧ ଆମର ପ୍ରେରଣା ହୋଇ ରହୁ ଏବଂ ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ବନ୍ଧୁ ଓ ପରିବାର ବର୍ଗ
ସୌଜନ୍ୟ : ଗଣେଶ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି, ଏକାମ୍ର ବିହାର, ଭୁବନେଶ୍ୱର।
ଧ-୩୨୪୩

**ଶ୍ରଦ୍ଧାଞ୍ଜଳି ଉପଲକ୍ଷେ**



**୰ପଣ୍ଡିତ ଭାଗୀରଥି ରଥ**
ଶାସ୍ତ୍ରୀନଗର, ୟୁନିଟ୍-୪, ପ୍ଲଟ୍ ନଂ-୪୭, ଭୁବନେଶ୍ୱର
ଆବିର୍ଭାବ: ୧୯୩୦ ମେ ମାସ, ଅକ୍ଷୟ ତୃତୀୟା,
ତିରୋଧାନ: ୧୯୯୬ ମାର୍ଚ୍ଚ ଦ୍ୱାଦଶୀ
ନନା, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:- ପୁଅ ଜୟନ୍ତ, ପ୍ରଶାନ୍ତ, ଝିଅ, ଜ୍ୱାଇଁ, ବୋହୂ, ନାତି, ନାତୁଣୀ, ପରିବାରବର୍ଗ।
ଧ-୩୨୪୧

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବ୍ଲାକ୍ ଆଉଟ୍‌ଫିଟ୍

ଷ୍ଟାଇଲିଶ୍ ଓ ଗ୍ଲାମର୍ସ ଦେଖାଯିବା ପାଇଁ ହେଲେ ପ୍ରଥମେ ନିଜ ଆଉଟ୍‌ଫିଟ୍ ଉପରେ ଧ୍ୟାନଦେବାକୁ ହେବ। ତେବେ ବ୍ଲାକ୍ କଲର ଆଉଟ୍‌ଫିଟ୍ ମୋଟାପଣକୁ କମ୍ ଦେଖାଇଥାଏ। ତେଣୁ ପ୍ଲସ୍ ସାଇଜ୍ ମହିଳା ଏହି ରଙ୍ଗର ବିଭିନ୍ନ ଡିଜାଇନ ଆପଣାଇ ପାରିବେ...

- ବ୍ଲାକ୍ କଲର ଡ୍ରେସ୍ କିଣୁଥିଲେ ପ୍ରିଣ୍ଟେଡ୍‌ର ଲମ୍ବା ଡ୍ରେସ୍ କିଣନ୍ତୁ। ଏଭଳି ଡ୍ରେସ୍ ପିନ୍ଧିଲେ ପତଳା ଦେଖାଯିବେ।
- ଯଦି ହାଇଟ୍ ଠିକ୍ ଥିବ ଓ ପ୍ଲସ୍ ସାଇଜ୍ ହୋଇଥିବ ତା'ହେଲେ ଭର୍ଟିକାଲ ଲାଇନ୍ ପ୍ରିଣ୍ଟଥିବା ଡ୍ରେସ୍ ପିନ୍ଧନ୍ତୁ।
- ବ୍ଲାକ୍‌ର ବେଲ୍ଟ ଡ୍ରେସ୍ ମଧ୍ୟ ପ୍ଲସ୍ ସାଇଜ୍ ମହିଳାଙ୍କୁ ଭଲ ଲାଗିବ। ଏଭଳି ଡ୍ରେସ୍‌ରେ ବଡି ଫ୍ୟାଟ୍ କମ୍ ଲାଗିବ। ତେବେ ମୋଟା ବେଲ୍ଟ ପିନ୍ଧନ୍ତୁ, କିଛି ମାତ୍ରାରେ ପେଟ ଚାପି ହୋଇ ଛୋଟ ଲାଗିବ।
- କଟନ୍ ଓ ଡେନିମ୍ ଫାବ୍ରିକ୍‌ର ଡ୍ରେସ୍ ପିନ୍ଧନ୍ତୁ ନାହିଁ, ଏଥିରେ ଅଧିକ ମୋଟା ଜଣାପଡ଼ିବ।
- ଲାଇଲନ୍ କ୍ରେପ୍ ଓ ଶିଫନ୍ ଭଳି ଫାବ୍ରିକ୍‌ର ଫିଟିଂ ଡ୍ରେସ୍ ପିନ୍ଧନ୍ତୁ, ପତଳା ଦେଖାଯିବେ।
- ବ୍ଲାକ୍ ଶାଢ଼ିରେ ମଧ୍ୟ ମୋଟାପଣକୁ କିଛି ମାତ୍ରାରେ ଲୁଚାଇ ହେବ। ଶାଢ଼ିରେ ମଧ୍ୟ ଭର୍ଟିକାଲ୍ ପ୍ରିଣ୍ଟ ପିନ୍ଧନ୍ତୁ ଅଧିକ ପତଳା ଲାଗିବେ। ତେବେ ଶାଢ଼ି ପିନ୍ଧିବା ସମୟରେ ପେଟିକୋଟ୍ ଠିକ୍ ଭାବେ ବାନ୍ଧନ୍ତୁ ନଚେତ୍ ମୋଟା ଲାଗିବେ।



# ସ୍କୁଲ ପାଇଁ...

ସକାଳୁ ସକାଳୁ ପିଲାଙ୍କୁ ସ୍କୁଲ ନିମନ୍ତେ କିଭଳି ସହଜରେ ପ୍ରସ୍ତୁତି କରାଇବେ ସେନେଇ ଜାଣନ୍ତୁ କିଛି କଥା...



- ପିଲାଙ୍କର ସକାଳୁଆ ସ୍କୁଲ ଥିଲେ ପୂର୍ବଦିନ ରାତିରୁ ହିଁ କିଛି ପ୍ରସ୍ତୁତି କରି ରଖନ୍ତୁ। ଅର୍ଥାତ୍ ପିଲାଙ୍କ ବହିପତ୍ର ସଜାଡ଼ି ରଖିବା, ୟୁନିଫର୍ମ, ପାଣି ବୋତଲକୁ ବାହାରକରି ଏକ ସ୍ଥାନରେ ରଖିବା କାମ କରିଦିଅନ୍ତୁ। ଏମିତିକି ପିଲାଙ୍କୁ କ'ଣ ଟିଫିନ୍ ଦେବେ ସେକଥା ମଧ୍ୟ ପୂର୍ବ ରାତିରୁ ସ୍ଥିରକରି ସବୁ ଜିନିଷ ଅଛି କି ନାହିଁ ଦେଖି ନିଅନ୍ତୁ। ସେହି ଅନୁସାରେ ଯଦି କିଛି ଜିନିଷ ନ ଥାଏ ତେବେ ଆଗୁଆ ଆଣି ରଖିପାରିବେ।
- ସକାଳୁଆ ସ୍କୁଲ ହେଲେ ପିଲାଙ୍କୁ ଉଠାଇବା ସବୁଠୁ କଷ୍ଟ କାମ ହୋଇଥାଏ। ତେଣୁ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟରେ ଉଠାଇବାର ଅଭ୍ୟାସ କରାନ୍ତୁ। ଏହା ବ୍ୟତୀତ ପିଲାଙ୍କୁ ରାତିରେ ଶୀଘ୍ର ଖାଇବାକୁ ଦେଇ ଶୀଘ୍ର ଶୋଇବାର ଅଭ୍ୟାସ କରାନ୍ତୁ।
- ସକାଳୁ ଉଠି କେତେଜଣ ପିଲା ଟିଭି କିମ୍ବା ଫୋନ୍ ଦେଖିବାରେ କିଛି ସମୟ ନଷ୍ଟ କରିଦିଅନ୍ତି। ତେଣୁ ସେମାନଙ୍କର ଏହି ଅଭ୍ୟାସ ବଦଳାଇବା ପାଇଁ ତାଙ୍କ ଉପରେ ଦୃଷ୍ଟି ରଖନ୍ତୁ। କେଉଁ କାମକୁ କେତେ ଶୀଘ୍ର କରିପାରିବେ ସେନେଇ ପରାମର୍ଶ ବି ଦିଅନ୍ତୁ।
- ପିଲାଙ୍କୁ ମଧ୍ୟ ସେମାନଙ୍କ କାମ କରିବା ପାଇଁ ଶିଖାନ୍ତୁ।

# ଭିନ୍ନତାରେ ସମତା





ଏକ ମଧୁର ବନ୍ଧନର ଅନୁଭୂତି ଦେଇଥାଏ ବିବାହ। ଦୁଇଟି ପରିବାର ଭିତରେ ଗଢ଼ିହୁଏ ଏକ ମଜଭୁତ ସମ୍ପର୍କ। ହେଲେ ଭିନ୍ନ ପରମ୍ପରା ଆଉ ସଂସ୍କୃତି ଯୋଗୁଁ କେତେକ କ୍ଷେତ୍ରରେ ଖାପଖୁଆଇବାକୁ ପଡିଥାଏ। ଏଥିପାଇଁ ଲାଇଫ୍‌ଷ୍ଟାଇଲ୍‌ରେ କିଛି ପରିବର୍ତ୍ତନକୁ ସାମ୍ନା କରିବାକୁ ପଡ଼ିଥାଏ ମହିଳାଙ୍କୁ। ଚଳଣିକୁ ଗ୍ରହଣ କରିନେଲେ ହିଁ ସମସ୍ୟା ଆପେ ଦୂରେଇ ଯିବ...

ପାରିବାରିକ ଚାଲିଚଳନ, କଥାବାର୍ତ୍ତା ଆଉ ସଂସ୍କୃତି ସମସ୍ତଙ୍କ ପାଇଁ ଭିନ୍ନ ହୋଇଥାଏ। ତେଣୁ ବିବାହ ପରେ ନାରୀମାନଙ୍କୁ ଅନେକ କିଛି ପରିବର୍ତ୍ତନର ସାମ୍ନା କରିବାକୁ ପଡ଼ିଥାଏ। ଆଉ ସେହି ଅନୁସାରେ ନିଜ ଲାଇଫ୍‌ଷ୍ଟାଇଲ୍ ବଦଳାଇବାକୁ ବି ପଡ଼ିଥାଏ।

ଲାଳନପାଳନ, ଚାଲିଚଳନ ଓ କଥାବାର୍ତ୍ତା, ପର୍ବପର୍ବାଣି ସଂସ୍କୃତି କ୍ଷେତ୍ରରେ ଅନେକ କିଛି ଭିନ୍ନତା ରହିଥାଏ ସବୁ ପରିବାର ଭିତରେ। ସେଥିପାଇଁ ତ ବିବାହ ପରେ ଶାଶୁଘରକୁ ଯିବା ପରେ ଝିଅଟିଏ ବହୁ କିଛି ପରିବର୍ତ୍ତନକୁ ସାମ୍ନା କରିଥାଏ। ଧୀରେ ଧୀରେ ଶାଶୁଘରର ଚାଲିଚଳନକୁ ଆପଣାଇ ସେମାନଙ୍କ ପରମ୍ପରାରେ ସାମିଲହେବାର ଚେଷ୍ଟା ଚଳାଇଥାଏ। ତେବେ ବିବାହ ପରେ ନୂଆ ପରିବାରର ଲାଇଫ୍‌ଷ୍ଟାଇଲକୁ ଆପଣାଇ ସମ୍ପର୍କକୁ ନିବିଡ଼ କରିବାକୁ ଚାହୁଁଥିଲେ କିଛି ଦିଗ ପ୍ରତି ବିଶେଷଭାବରେ ଦୃଷ୍ଟିଦେବାକୁ ହେବ। ବେଳେବେଳେ ଚାଲିଚଳନଠାରୁ ଆରମ୍ଭକରି ଖାଇବା, ପିଇବାରେ ମଧ୍ୟ ଅନେକ ପ୍ରକାର ଭିନ୍ନତାକୁ ସାମ୍ନାକରିବାକୁ ପଡ଼େ ଗୃହିଣୀମାନଙ୍କୁ। ସେହି କ୍ଷେତ୍ରରେ ସାମାନ୍ୟ ଭୁଲ୍ ପଦକ୍ଷେପ ବି ପାରିବାରିକ ସମ୍ପର୍କରେ ବହୁ ସମସ୍ୟା ସୃଷ୍ଟି କରିଥାଏ। ଏହି କ୍ଷେତ୍ରରେ କିଭଳି ନିଜକୁ ଆଡ୍‌ଜଷ୍ଟ



କରିବେ ସେନେଇ କେତେକ ଦିଗ ଉପରେ ଦୃଷ୍ଟିଦେବାକୁ ହେବ।

**ଖୋଲା ଆଲୋଚନା:** ନୂଆ ପରିବାରକୁ ଆସିଲେ ପ୍ରଥମେ ବୋହୂଟିଏ ସେହି ଘରର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଠିକ୍ ଭାବରେ ଜାଣି ନ ଥାଏ। ତେଣୁ ସେହି କ୍ଷେତ୍ରରେ କୌଣସି ଉତ୍ସବ ଅଥବା କାର୍ଯ୍ୟକ୍ରମ ଥିଲେ ଆଗୁଆ ଘର ଲୋକଙ୍କ ସହ କଥାବାର୍ତ୍ତା ହୋଇ କ'ଣ ସବୁ କରିବାକୁ ହେବ ଜାଣିରଖିବା ଦରକାର। ବିଶେଷକରି ନିଜ ପାର୍ଟନରଙ୍କ ସହ ଏନେଇ କଥା ହୋଇ ସବୁ ବିଷୟକୁ ବୁଝିବାକୁ ହେବ। କେଉଁଭଳି ବ୍ୟବହାର କଲେ ପରିବାରରେ ସମସ୍ତେ ଖୁସି ହୋଇ ଗ୍ରହଣ କରିପାରିବେ ସେଥିପାଇଁ ନିଜକୁ ପ୍ରସ୍ତୁତ କରିବାକୁ ହେବ। ତେଣୁ ନିଜର ଅଜ୍ଞତା ବିଷୟରେ ଆଗୁଆ ଖୋଲାଖୋଲି ଆଲୋଚନା କରି କିଭଳି ପ୍ରସ୍ତୁତି କରିବେ ଜାଣିରଖନ୍ତୁ।

**ସାଂସ୍କୃତିକ ଭିନ୍ନତାକୁ ଗ୍ରହଣ କରନ୍ତୁ:** ବିବାହ ପରେ ଅନ୍ୟ ଏକ ପରିବାରକୁ ଆସି ସେହି ପରିବାରର ପର୍ବପର୍ବାଣି ସମ୍ପର୍କରେ କେବଳ ଜାଣିବା ଯଥେଷ୍ଟ ନୁହେଁ, ନିଜକୁ ସେହି ଅନୁସାରେ ପ୍ରସ୍ତୁତ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ ଶାଶୁଘରର ପରମ୍ପରାକୁ ଆପଣାଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ଦରକାର। ଯଦି ଘରେ କୌଣସି ଉତ୍ସବ ହେଉଥାଏ ତେବେ ସେଥିରେ ନିଜକୁ ସାମିଲ କରି ଖୁସି ହୁଅନ୍ତୁ। ଏପରି ହେଲେ ନିଜେ ଖୁସିହେବା ସହ ପରିବାରର ଅନ୍ୟମାନଙ୍କୁ ମଧ୍ୟ ଖୁସି ଦେଇପାରିବେ।

**ଶିଖିବାର ପ୍ରୟାସ:** ସବୁ ପରିବାରରେ ଖାଦ୍ୟପେୟକୁ ନେଇ ମଧ୍ୟ କିଛି ପାର୍ଥକ୍ୟ ରହିଥାଏ। ସମାନ ଖାଦ୍ୟକୁ ହୁଏତ ସେଠାରେ ଭିନ୍ନ ଢଙ୍ଗରେ ପ୍ରସ୍ତୁତ କରାଯାଇପାରେ। ତେଣୁ ବିବାହ ପୂର୍ବରୁ ନିଜ ଘରର ରୋଷେଇ ଷ୍ଟାଇଲ୍‌କୁ ସେଠାରେ ପ୍ରୟୋଗ ନ କରିବା ଭଲ। ପର୍ବପର୍ବାଣିଗୁଡ଼ିକରେ ତିଆରି ହେଉଥିବା ପିଠାପଣା କିମ୍ବା ଅନ୍ୟ ରୋଷେଇ ସବୁ ଶିଖିବାକୁ ଚେଷ୍ଟା କରନ୍ତୁ। ଏପରି ହେଲେ ପରସ୍ପର ମଧ୍ୟରେ ସମ୍ପର୍କ ଅଧିକ ମଜଭୁତ ହେବ। ଅବଶ୍ୟ ଅନ୍ୟ ଜଣଙ୍କ ଲାଇଫ୍‌ଷ୍ଟାଇଲକୁ ଏତେ ଶୀଘ୍ର ଆପଣେଇବାକୁ ବହୁ ସମୟ ଲାଗିଥାଏ। କିନ୍ତୁ ଏ ଦିଗରେ ଶିଖିବା ପାଇଁ ନିଜର ଆଗ୍ରହ ହିଁ ସମସ୍ତଙ୍କୁ ପ୍ରଭାବିତ କରିବା ସହ ଆପଣାର କରିଥାଏ।

**ଧୈର୍ଯ୍ୟ ଜରୁରୀ:** ଭିନ୍ନ ପରମ୍ପରାକୁ ଆପଣାଇବାକୁ ଗୃହିଣୀମାନଙ୍କର ଧୈର୍ଯ୍ୟ ରହିବା ଜରୁରୀ। ସବୁ ପରିସ୍ଥିତିରେ ନିଜକୁ ସାମିଲକରିବା ସହ ନିଜର ଇଚ୍ଛା ଓ ଅନିଚ୍ଛାକୁ ମଧ୍ୟ ଭୁଲିବାକୁ ହେବ। ଆମର ଚଳଣି ଏମିତି, ମୁଁ ଏମିତି ଶିଖିଛି ଏପରି କହି ହଠାତ୍ କିଛି ବଦଳାଇବାକୁ ଚେଷ୍ଟା କରନ୍ତୁ ନାହିଁ। ପରିବର୍ତ୍ତନ ବଦଳରେ ଗ୍ରହଣ କରିବା ଉପରେ ଅଧିକ ଜୋର୍ ଦିଅନ୍ତୁ। ଏପରି ସ୍ଥଳେ ନିଜକୁ କଷ୍ଟ ଲାଗିଲେ ବି ଧୈର୍ଯ୍ୟର ସହ ସାମ୍ନା କରିବା ଦରକାର। ଏହା ବ୍ୟତୀତ ନିଜକୁ ଶାଶୁଘରର ପରମ୍ପରାରେ ସାମିଲକରିବା ସହ ବାପଘର ଲୋକଙ୍କୁ ମଧ୍ୟ ନୂଆ ପରମ୍ପରା ସମ୍ପର୍କରେ ଜଣାନ୍ତୁ। ଦରକାର ହେଲେ ସେମାନଙ୍କୁ ମଧ୍ୟ ଶାଶୁଘରର କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ସୁଯୋଗ ଦିଅନ୍ତୁ। ଏପରି ହେଲେ ଦୁଇ ପରିବାର ମଧ୍ୟରେ ସମ୍ପର୍କ ଭଲ ହୋଇପାରିବ।

## ଏମାନେ କ'ଣ କରନ୍ତି

### ଏବେ ସବୁ କରିପାରୁଛି



ଶାଶୁଘରକୁ ଆସିବା ପରେ ମତେ ବହୁ କିଛି ଭିନ୍ନତାକୁ ସାମ୍ନା କରିବାକୁ ପଡ଼ିଥିଲା। ପ୍ରଥମରୁ କିଛି ଜାଣି ନ ଥିଲି। ପ୍ରାୟ ବର୍ଷେ ଯାଏ ସବୁ ସମୟରେ କେବଳ ଲକ୍ଷ୍ୟ କରୁଥିଲି ଓ ବଡ଼ମାନଙ୍କୁ ସାହାଯ୍ୟ କରୁଥିଲି। ପରେ ଧୀରେ ଧୀରେ ନିଜେ ଦାୟିତ୍ୱ ନେଇ କାମ ଆରମ୍ଭ କରିଥିଲି। ଆଉ ଏବେ ଏଠାକାର ସବୁ ପରମ୍ପରା ଓ ସଂସ୍କୃତିକୁ ଆପଣାଇ ନେଇଛି। କେଉଁ ଉତ୍ସବ ସମୟରେ କ'ଣ କରିବାକୁ ହେବ ଏବେ ସେସବୁ ପାଇଁ ଆଗୁଆ ପ୍ରସ୍ତୁତି କରି ଦେଉଛି। ସେଥିପାଇଁ ଶାଶୁଘରେ ସମସ୍ତେ ଖୁସି।

*– **ସୀମା ପାଣି,** ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର*

### ଅଧିକ ଭିନ୍ନତା ନ ଥିଲା



ସେମ୍ କାଷ୍ଟରେ ମ୍ୟାରେଜ୍ ହୋଇଥିବାରୁ ଶାଶୁଘରେ ପ୍ରାୟ ସବୁ ପରମ୍ପରା ଏକାଭଳି। କିନ୍ତୁ ଖାଇବା, ପିଇବା ଓ ପୂଜାପଦ୍ଧତିକୁ ନେଇ କିଛିଟା ଭିନ୍ନତା ଥିଲା। ସେସବୁ କିଛି ଅସୁବିଧା ଭଳି ଲାଗି ନ ଥିଲା। କାହିଁକିନା ଗୋଟେ ଥର ପୂଜା କାମରେ ଶାଶୁଙ୍କ ପାଖରେ ରହିବା ପରେ ତା' ପରଠାରୁ ସବୁକିଛି ନିଜେ କରିପାରିଥିଲି। ମତେ ଅସୁବିଧା ହୋଇଥିଲା କେବଳ ଲୋକଙ୍କ ସହ ମିଶିବାରେ। ବନ୍ଧୁବାନ୍ଧବ ଓ ଗୁରୁଜନଙ୍କ ମଧ୍ୟରୁ କାହା ସହ କିଭଳି କଥା ହେବାକୁ ପଡ଼ିବ ଓ କିଭଳି ଦେବାନେବା କରିବାକୁ ହେବ ସେନେଇ ଚଳଣି ଶିଖିବାରେ ମତେ ଟିକେ ବେଶି ସମୟ ଲାଗିଥିଲା। ହେଲେ ଏବେ ଶାଶୁଙ୍କ ଭଳି ସମସ୍ତଙ୍କ ସହ ଭଲ ସମ୍ପର୍କ ରଖିବାରେ ସମର୍ଥ ହୋଇଛି। ସେଥିପାଇଁ ସମସ୍ତେ ମତେ ପ୍ରଶଂସା ବି କରନ୍ତି।

*– **ସୁସ୍ମିତା ସାହୁ,** ଗୃହିଣୀ, ମହାନଦୀବିହାର, କଟକ*





## ସୌନ୍ଦର୍ଯ୍ୟ

# ସୁନ୍ଦରତା ବଢ଼ାଏ ବେଲପତ୍ର



ପୂଜା ପାଇଁ ବ୍ୟବହୃତ ହେଉଥିବା ବେଲପତ୍ରକୁ ସୌନ୍ଦର୍ଯ୍ୟ ଉପଚାରରେ ମଧ୍ୟ ବ୍ୟବହାର କରିହେବ। ତ୍ୱଚାରୁ ଆରମ୍ଭ କରି କେଶର ବିଭିନ୍ନ ସମସ୍ୟାକୁ ବେଲପତ୍ର ବ୍ୟବହାର କରି ସମାଧାନ କରିହେବ...

- ତ୍ୱଚାରେ ଯଦି ବିଭିନ୍ନ ପ୍ରକାର ଦାଗ ରହିଥାଏ ଅଥବା କୁଣ୍ଡାଇ ହେଉଥାଏ ତେବେ ବେଲପତ୍ରକୁ ବାଟି ସେହି ସ୍ଥାନରେ ଲଗାନ୍ତୁ। କିଛିଦିନ ପରେ ଏହି ସମସ୍ୟା ରହିବ ନାହିଁ। ଏହା ବ୍ୟତୀତ ଯଦି ଦେହରୁ ଝାଳ ଗନ୍ଧ ହେଉଥାଏ ତେବେ କିଛିଦିନ ପର୍ଯ୍ୟନ୍ତ ବେଲପତ୍ରକୁ ବାଟି ଲଗାନ୍ତୁ। ଏହା ସହ ସ୍ନାନ ସମୟରେ ବେଲପତ୍ରର ତେଲକୁ ଲଗାନ୍ତୁ।
- ଯଦି କେଶ ଝଡ଼ିବାର ସମସ୍ୟା ରହିଥାଏ ତେବେ ବେଲପତ୍ର ରସ ପ୍ରତିଦିନ ପିଅନ୍ତୁ। ଏହା ସହ ବେଲପତ୍ରକୁ ବାଟି ସେଥିରେ ୧ ଚାମଚ ମହୁ ମିଶାଇ କେଶ ମୂଳରେ ଲଗାନ୍ତୁ। କିଛି ଘଣ୍ଟା ରଖିବା ପରେ କେଶ ଧୋଇ ଦିଅନ୍ତୁ। କିଛିଦିନ ଏପରି କରିବା ଫଳରେ କେଶ ଝଡ଼ିବା କମ୍ ହେବା ସହ କେଶ ଅଧିକ କୋମଳ ହୋଇଯିବ।
- କେଶରେ ଯଦି ରୁପି ସମସ୍ୟା ରହିଥାଏ ତେବେ ବେଲପତ୍ରକୁ ବାଟି ରସ ବାହାରକରି ଦିଅନ୍ତୁ। ଏବେ ଏଥିରେ ଅଳ୍ପ କର୍ପୂର ଓ ରାଶି ତେଲ ମିଶାଇ କେଶ ମୂଳରେ ଲଗାନ୍ତୁ। ପ୍ରାୟ ୧ ଘଣ୍ଟା ପରେ କେଶ ଧୋଇଦିଅନ୍ତୁ। ନିୟମିତ ଏପରି କରିବା ଫଳରେ ରୁପି ସମସ୍ୟା ଦୂର ହୋଇଯିବ।
- ବେଲପତ୍ରରେ ବହୁ ଔଷଧୀୟ ଗୁଣ ରହିଛି। ତେଣୁ ଶରୀରର କୌଣସି ସ୍ଥାନରେ ଯଦି ଧଳାଦାଗର ସମସ୍ୟା ରହିଥାଏ ତେବେ ବେଲପତ୍ର ବ୍ୟବହାର କରିହେବ। ଏଥିପାଇଁ ବେଲପତ୍ରକୁ ବାଟି ଅଧଘଣ୍ଟା ପର୍ଯ୍ୟନ୍ତ ସେହି ସ୍ଥାନରେ ଲଗାନ୍ତୁ। ଏହାପରେ ଧୋଇଦିଅନ୍ତୁ। କିଛିଦିନ ପରେ ଧଳାଦାଗ ଦୂରହେବା ସହ ତ୍ୱଚା ଅଧିକ କୋମଳ ହୋଇପାରିବ।



## ଖାଦ୍ୟରୁଚି

# ସୋୟା କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ**

ସୋୟାବିନ୍– ୫୦ ଗ୍ରାମ୍, ଆଳୁ– ୫୦ ଗ୍ରାମ୍ (ସିଝା), ଗରମ ମସଲା– ଅଧା ଚାମଚ, ଧନିଆପତ୍ର– ଅଳ୍ପ, ଗୋଲମରିଚ ଗୁଣ୍ଡ– ଅଳ୍ପ, ଗାଜର– ୨ ବଡ଼ ଚାମଚ (କଟା), ବ୍ରେଡ୍ ଗୁଣ୍ଡ– ଅଳ୍ପ, ବେସନ– ୨ ଚାମଚ, ରସୁଣ– ୧ ଚାମଚ (କଟା), ଆବଶ୍ୟକ ଅନୁସାରେ ଲୁଣ, ହଳଦୀ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ସୋୟାବିନ୍‌କୁ ଗରମପାଣିରେ କିଛି ସମୟ ଭିଜାଇ କାଢ଼ି ରଖନ୍ତୁ। ଆଳୁକୁ ସିଝାଇ ସେଥିରୁ ଚୋପାର ବାହାର କରିଦିଅନ୍ତୁ। ଗାଜରକୁ ଛୋଟ ଛୋଟ କାଟି ରଖନ୍ତୁ। ଏକ ପାତ୍ରରେ ପ୍ରଥମେ ବେସନରେ ଲୁଣ ଓ ପାଣି ମିଶାଇ ଏକ ଗାଢ଼ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ସିଝା ଆଳୁ ସହ କଟା ଗାଜର ଓ ଅନ୍ୟ ସମସ୍ତ ମସଲାଗୁଣ୍ଡ, ଲୁଣ, ହଳଦୀ ଆଦି ପକାନ୍ତୁ। ସୋୟାବିନ୍‌କୁ ଛୋଟ ଛୋଟ କରି ଏଥିରେ ପକାଇ ଭଲଭାବେ ଚକଟି ନିଅନ୍ତୁ। ଏହି ମିଶ୍ରଣକୁ ହାତରେ ଛୋଟ ଛୋଟ ଗୋଲକରି ରଖନ୍ତୁ। ଏହାପରେ ଛାଣିବା ପାଇଁ କଡ଼େଇରେ ତେଲ ଗରମ କରନ୍ତୁ। ତେଲ ଭଲଭାବେ ଗରମ ହୋଇଗଲେ ପ୍ରସ୍ତୁତ ହୋଇଥିବା ମିଶ୍ରଣକୁ ପ୍ରଥମେ ବେସନ ଘୋଳରେ ବୁଡ଼ାଇ ତା'ପରେ ବ୍ରେଡ୍ ଗୁଣ୍ଡରେ ଗଡ଼ାଇ ଛାଣିନିଅନ୍ତୁ। ଏବେ ଏହି କଟ୍‌ଲେଟଗୁଡ଼ିକୁ ଚଟଣି କିମ୍ବା ସସ୍ ସହ ଖାଆନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୧/୨୦୨୫ Bhubaneswar, Tuesday, March 11/ 2025

# ପୁରସ୍କାର ଦୌଡ଼ରେ ଓଡ଼ିଶାର ଅମିତ, ସୁନେଲିତା

ନୂଆଦିଲ୍ଲୀ, ୧୦।୩ (ପି.ଟି.)

ହକି ଇଣ୍ଡିଆ ଏହାର ବାର୍ଷିକ ପୁରସ୍କାର ଉତ୍ସବ ପାଇଁ ରେକର୍ଡ ୧୨ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି। ଏଥର ୭ଟି ବିଭାଗରେ ୩୨ଜଣ ଖେଳାଳିଙ୍କୁ ପୁରସ୍କୃତ କରାଯିବ। ଏହି ଇଭେଣ୍ଟ ଏଠାରେ ଶନିବାର ଅନୁଷ୍ଠିତ ହେବ। ୨୦୨୪ ସିଜନରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯିବ। ବର୍ଷର ଶ୍ରେଷ୍ଠ ପୁରୁଷ ଓ ମହିଳା ଖେଳାଳିଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ବଲବୀର ସିଂ ସିନିୟର ପୁରସ୍କାର ପ୍ରଦାନ କରାଯିବ। ଯୁବ ଖେଳାଳିଙ୍କୁ ଉତ୍ସାହିତ କରିବା ଲାଗି

**ହକି ଇଣ୍ଡିଆ ବାର୍ଷିକ ପୁରସ୍କାର**

ମଧ୍ୟ ପୁରସ୍କାର ବ୍ୟବସ୍ଥା କରାଯାଇଛି। ଏହି କାଟେଗୋରିରେ ଅପ୍ କମିଙ୍ଗ ପ୍ଲେୟର ଅଫ୍ ଦି ଇୟର (ପୁରୁଷ) ଏବଂ ଅପ୍ କମିଙ୍ଗ ପ୍ଲେୟର ଅଫ୍ ଦି ଇୟର (ମହିଳା) ପାଇଁ ଅସୁନ୍ତା ଲାକ୍ରା ପୁରସ୍କାର ପ୍ରଦାନ କରାଯିବ। ଏହା ବ୍ୟତୀତ ବିଭିନ୍ନ ପୋଜିଶନରେ ଭଲ ପ୍ରଦର୍ଶନ କରିଥିବା ଖେଳାଳି ଯଥା ଗୋଲ୍‌କିପର ଅଫ୍ ଦି ଇୟର ପାଇଁ ବଲ୍‌ଜିତ ସିଂ ପୁରସ୍କାର, ଡିଫେଣ୍ଡର ଅଫ୍ ଦି ଇୟର ପାଇଁ ପରଗତ ସିଂ ପୁରସ୍କାର, ମିଡ୍‌ଫିଲ୍ଡର ଅଫ୍ ଦି ଇୟର ପାଇଁ ଅଜିତ ପାଲ୍ ସିଂ ପୁରସ୍କାର ଏବଂ ଫରୱାର୍ଡ ଅଫ୍ ଦି ଇୟର ପାଇଁ ଧନରାଜ ପିଲ୍ଲେ ପୁରସ୍କାର ପ୍ରଦାନ କରାଯିବ। ଓଡ଼ିଶାର ଅମିତ ରୋହିଦାସ ପୁରୁଷ ଡିଫେଣ୍ଡର ଅଫ୍ ଦି ଇୟର ପୁରସ୍କାର ଦୌଡ଼ରେ ରହିଛନ୍ତି। ମହିଳା ବିଭାଗ ଅପ୍ କମିଙ୍ଗ ପ୍ଲେୟର ଅଫ୍ ଦି ଇୟର ସମ୍ଭାବ୍ୟ ତାଲିକାରେ ଓଡ଼ିଶାର ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ୧୯୭୫ରେ ଭାରତୀୟ ପୁରୁଷ ଦଳ ଯେଉଁ ଦିନ ଏହାର ପ୍ରଥମ ଏବଂ ଏକମାତ୍ର ବିଶ୍ୱକପ୍ ହାସଲ କରିଥିଲା, ତାହାର ୫୦ବର୍ଷ ପୂର୍ତ୍ତି ଅବସରରେ ସେହିଦିନ ଏଥର ବାର୍ଷିକ ପୁରସ୍କାର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହାଛଡ଼ା ୨୦୨୫ରେ ଭାରତୀୟ ହକିର ୧୦୦ବର୍ଷ ପୂରଣ ହେଉଛି। ୧୯୨୫ ନଭେମ୍ବର ୭ରେ ଦେଶ ଅନ୍ତର୍ଜାତୀୟ ହକି ମହାସଂଘ(ଏଫ୍‌ଆଇଏଚ୍) ଦ୍ୱାରା ସ୍ୱୀକୃତି ଲାଭ କରିଥିଲା। ଶନିବାର ଆହୁରି ମଧ୍ୟ ଗତବର୍ଷ ଏସିଆନ ଚାମ୍ପିୟନ୍ସ ଟ୍ରଫି ଜିତିଥିବା ପୁରୁଷ ଓ ମହିଳା ଦଳ ସହିତ ଭାରତର ଅଲିମ୍ପିକ ବ୍ରୋଞ୍ଜ ବିଜୟୀ ଦଳକୁ ସମ୍ବର୍ଦ୍ଧିତ କରାଯିବ। ପୁରସ୍କାର ବିତରଣ ଉତ୍ସବରେ ଜୁନିୟର ଏସିଆ କପ୍ ବିଜୟୀ ପୁରୁଷ ଓ ମହିଳା ଦଳକୁ ମଧ୍ୟ ସମ୍ମାନିତ କରାଯିବ। ଏହି ପରିପ୍ରେକ୍ଷୀରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ହକି ଇଣ୍ଡିଆର ୭ମ ବାର୍ଷିକ ପୁରସ୍କାର ଉତ୍ସବ ଭାରତୀୟ ହକିରେ ରହିଥିବା ଅସାଧାରଣ ପ୍ରତିଭାଙ୍କ ଏକ ଉତ୍ସବ। ଏହା କେବଳ ବ୍ୟକ୍ତିଗତ ସଫଳତାକୁ ସ୍ୱୀକୃତି ଦେବା ନୁହେଁ ବରଂ ୨୦୨୪ରେ ଭାରତୀୟ ହକିର ସାମୂହିକ ଭାବନାକୁ ସମ୍ମାନ ଦେବା।


ଅମିତ ରୋହିଦାସ


ସୁନେଲିତା ଟପ୍ପୋ

### ହକି ଇଣ୍ଡିଆ ପୁରସ୍କାର ଦୌଡ଼ରେ ଥିବା ଖେଳାଳି

**ଗୋଲ୍‌କିପର ଅଫ୍ ଦି ଇୟର:** ବିଚୁ ଦେବୀ ଖରିବାମ୍, କ୍ରିଷନ ବାହାଦୁର ପାଠକ, ପି.ଆର. ଶ୍ରୀଜେସ ଓ ସବିତା।
**ଡିଫେଣ୍ଡର ଅଫ୍ ଦି ଇୟର:** ସଞ୍ଜୟ, ଅମିତ ରୋହିଦାସ, ହରମନପ୍ରୀତ ସିଂ ଓ ଉଦିତା।
**ମିଡ୍‌ଫିଲ୍ଡର ଅଫ୍ ଦି ଇୟର:** ଜର୍ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ନୀଳକାନ୍ତ ଶର୍ମା ଓ ସୁମିତ।
**ଫରୱାର୍ଡ ଅଫ୍ ଦି ଇୟର:** ଲାଲରେମସିଆମି, ଅଭିଷେକ, ସୁଖଜିତ ସିଂ ଓ ନବନୀତ କୌର।
**ଅପ୍ କମିଙ୍ଗ ପ୍ଲେୟର ଅଫ୍ ଦି ଇୟର** (୨୧ ବର୍ଷରୁ କମ୍ ମହିଳା): ବିୟୁଟି ଡୁଙ୍ଗଡୁଙ୍ଗ, ଦୀପିକା, ବୈଷ୍ଣବୀ ବିଥାଲ ଫାଲ୍‌କେ ଓ ସୁନେଲିତା ଟପ୍ପୋ।
**ଅପ୍ କମିଙ୍ଗ ପ୍ଲେୟର ଅଫ୍ ଦି ଇୟର** (୨୧ ବର୍ଷରୁ କମ୍ ପୁରୁଷ): ଅର୍ଶଦୀପ ସିଂ, ଅମିର ଅଲି, ଶ୍ରଦ୍ଧାନନ୍ଦ ତିୱାରୀ, ଅରାଇଜିତ୍ ସିଂ ହୁଣ୍ଡାଲ।
**ପ୍ଲେୟର ଅଫ୍ ଦି ଇୟର** (ମହିଳା): ସବିତା ପୁନିଆ, ସାଲିମା ଟେଟେ, ସଙ୍ଗୀତା କୁମାରୀ ଓ ନବନୀତ କୌର।
**ପ୍ଲେୟର ଅଫ୍ ଦି ଇୟର** (ପୁରୁଷ): ଅଭିଷେକ, ହାର୍ଦ୍ଦିକ ସିଂ, ହରମନପ୍ରୀତ ସିଂ ଓ ସୁଖଜିତ ସିଂ।

# ଆଇସିସି ନିକଟରେ ପ୍ରତିବାଦ କରିବ ପିସିବି

ଲାହୋର,୧୦।୩(ପି.ଟି.)

**ଚାମ୍ପିୟନ୍ସ ଟ୍ରଫି ଉଦ୍‌ଯାପନୀରେ ପିସିବି ପ୍ରତିନିଧିଙ୍କୁ ଅଣଦେଖା ଘଟଣା**

ଦୁବାଇଠାରେ ଅନୁଷ୍ଠିତ ଆଇସିସି ଚାମ୍ପିୟନ୍ସ ଟ୍ରଫିର ଉଦ୍‌ଯାପନୀ ଉତ୍ସବରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ସିଇଓ ଏବଂ ଟୁର୍ନାମେଣ୍ଟ ଡାଇରେକ୍ଟର ସୁମେର ଅହମ୍ମଦ ସୟଦଙ୍କୁ ଅଣଦେଖା କରାଯାଇଥିଲା। ଏଥିଲାଗି ପିସିବି ଆନୁଷ୍ଠାନିକ ଭାବେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିକଟରେ ପ୍ରତିବାଦ କରିବ। ପୁରସ୍କାର ବିତରଣ ଉତ୍ସବରେ ସୟଦଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ କରା ନ ଯିବା ସମ୍ପର୍କରେ ଆଇସିସି ପକ୍ଷରୁ ରଖାଯାଇଥିବା ଉତ୍ତରରେ ପିସିବି ଚେୟାରମ୍ୟାନ ମହସିନ ନକ୍‌ଭି ସନ୍ତୁଷ୍ଟ ନୁହନ୍ତି। ଆଇସିସି ପକ୍ଷରୁ କୁହାଯାଇଥିଲା ଯେ, ପୁରସ୍କାର ବିତରଣ ଲାଗି ନକ୍‌ଭିଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ କରିବାକୁ ଯୋଜନା କରାଯାଇଥିଲା। ହେଲେ ଫାଇନାଲ ମ୍ୟାଚ ଲାଗି ସେ ନଜର ନ ଆସିବାରୁ ସେମାନେ ସେମାନଙ୍କ ଯୋଜନାରେ ପରିବର୍ତ୍ତନ କରିଥିଲେ। ଆଇସିସିର ଏହି ଉତ୍ତରକୁ ପ୍ରତ୍ୟାଖ୍ୟାନ କରିବା ସହ ପିସିବି ପକ୍ଷରୁ କୁହାଯାଇଛି ଯେ, ଟୁର୍ନାମେଣ୍ଟ ବେଳେ ଆଇସିସି ଅନେକ ତ୍ରୁଟି କରିଛି। ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ମ୍ୟାଚର ପ୍ରସାରଣ ବେଳେ 'ସିଟି୨୦୨୫' ଲୋଗୋରେ ପରିବର୍ତ୍ତନ କରାଯିବା ସହିତ ଲାହୋରରେ ଅଷ୍ଟ୍ରେଲିଆ-ଇଂଲଣ୍ଡ ମ୍ୟାଚରେ ଭାରତୀୟ ଜାତୀୟ ସଂଗୀତ ଲଗାଯିବା ଭଳି ତ୍ରୁଟି ହୋଇଥିଲା। ତେବେ ଆଇସିସି ପକ୍ଷରୁ ଦାବି କରାଯାଇଥିଲା ଯେ, ପ୍ଲେ-ଲିଷ୍ଟ ମିଶି ଯାଇଥିବାରୁ କିଛି ସେକେଣ୍ଡ ପାଇଁ ଭାରତୀୟ ଜାତୀୟ ସଂଗୀତ ବାଜିଥିଲା। ବିସିସିଆଇ ସଭାପତି ରୋଜର ବିନି ଭାରତୀୟ ଖେଳାଳିଙ୍କୁ ଧଳା ଜ୍ୟାକେଟ ଓ ମ୍ୟାଚ ଅଫିସିଆଲଙ୍କୁ ପଦକ ଦେଇଥିଲେ। ଆଇସିସି ଚେୟାରମ୍ୟାନ ଜୟ ଶାହା ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମାଙ୍କୁ ଚାମ୍ପିୟନ୍ସ ଟ୍ରଫି ପ୍ରଦାନ କରିବା ସହ ଚାମ୍ପିୟନ ଦଳର ଖେଳାଳିଙ୍କୁ ପଦକ ପ୍ରଦାନ କରିଥିଲେ। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଓ ନ୍ୟୁଜିଲାଣ୍ଡ କ୍ରିକେଟର ସିଇଓ ରୋଜର ଟୁସେ ମଞ୍ଚରେ ଉପସ୍ଥିତ ଥିଲେ।

### କାରଣ କ'ଣ ?

ଟୁର୍ନାମେଣ୍ଟର ଆୟୋଜକ ହେବା ସତ୍ତ୍ୱେ ପିସିବି ପକ୍ଷରୁ ଫାଇନାଲ ଲାଗି କୌଣସି ନିର୍ବାଚିତ ସଦସ୍ୟ ପଠାଯାଇ ନ ଥିଲା। ପିସିବି ଚେୟାରମ୍ୟାନ ମହସିନ ନକ୍‌ଭି ଉଦ୍‌ଯାପନୀ ଉତ୍ସବ ପାଇଁ ଦୁବାଇ ଯାତ୍ରା କରି ନ ଥିଲେ। ପିସିବି ପକ୍ଷରୁ ଟୁର୍ନାମେଣ୍ଟ ଡାଇରେକ୍ଟର ସୁମେର ଅହମ୍ମଦଙ୍କୁ ପିସିବିର ପ୍ରତିନିଧି ଭାବେ ପଠାଯାଇଥିଲା। କିନ୍ତୁ ନିୟମ ଅନୁଯାୟୀ, ମଞ୍ଚରେ କେବଳ ନିର୍ବାଚିତ ସଦସ୍ୟ କିମ୍ବା ବୋର୍ଡର ଡାଇରେକ୍ଟରମାନେ ଉପସ୍ଥିତ ରହିପାରିବେ। କୌଣସି କର୍ମଚାରୀ ମଞ୍ଚରେ ରହିବାର ଅନୁମତି ନାହିଁ। ଏଥିଯୋଗୁ ଆଣ୍ଡ୍ରେ ରସେଲଙ୍କୁ ମଧ୍ୟ ମଞ୍ଚ ଉପରକୁ ଆମନ୍ତ୍ରଣ କରାଯାଇ ନ ଥିଲା।

# ଓଡ଼ିଶା ଏଫ୍‌ସିର ଭାଗ୍ୟ ନିର୍ଦ୍ଧାରଣ ଆଜି

- ଆଇଏସ୍ଏଲ୍ ପ୍ଲେ-ଅଫ୍ ଯୋଗ୍ୟତା
- ବେଙ୍ଗାଲୁରୁକୁ ଭେଟିବ ମୁମ୍ବାଇ ସିଟି ଏଫ୍‌ସି

ଭୁବନେଶ୍ୱର, ୧୦।୩ (ତପନ ସ୍ୱାଇଁ)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଚଳିତ ସଂସ୍କରଣରେ ଓଡ଼ିଶା ଏଫ୍‌ସି ପ୍ଲେ-ଅଫ୍‌କୁ ଯାଇ ପାରିବ କି ନାହିଁ ତାହା ମଙ୍ଗଳବାର ସ୍ପଷ୍ଟ ହେବ। କାରଣ ବର୍ତ୍ତମାନ ଓଡ଼ିଶା ଏଫ୍‌ସି ସହ ସମାନ ପଏଣ୍ଟରେ ଥିବା ମୁମ୍ବାଇ ସିଟି ଏଫ୍‌ସି ଏହାର ଶେଷ ଲିଗ୍ ମ୍ୟାଚ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଖେଳିବ। ଯଦି ମୁମ୍ବାଇ ସିଟି ଏଫ୍‌ସି ଏହି ମ୍ୟାଚ ଜିତେ କିମ୍ବା ଡ୍ର' ରଖେ ତେବେ ପ୍ଲେ-ଅଫ୍ ଯୋଗ୍ୟତା ହାସଲ କରିବ। ଆଉ ଯଦି ପରାଜିତ ହୁଏ ତେବେ ଓଡ଼ିଶା ଏଫ୍‌ସି ପାଇଁ ରାସ୍ତା ଖୋଲିଯିବ। ଶ୍ରେଷ୍ଠ ୬ ଦଳ ମଧ୍ୟରେ ରହି ଓଡ଼ିଶା ଏଫ୍‌ସି ଆଗକୁ ବଢ଼ିବ। ବର୍ତ୍ତମାନ ଓଡ଼ିଶା ଏଫ୍‌ସି ୨୪ଟି ଯାକ ଲିଗ୍ ମ୍ୟାଚ ଖେଳି ସାରିଥିବାବେଳେ ୮ ବିଜୟ, ୯ ଡ୍ର ଓ ୭ ପରାଜୟ ସହ ୩୩ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଛି। ଏହି ଦଳ ୪୪ଟି ଗୋଲ ଦେଇଥିବାବେଳେ ୩୭ଟି ବରଣ କରିଛି। ଗୋଲ ବ୍ୟବଧାନ ରହିଛି +୭। ଅନ୍ୟପକ୍ଷରେ ମୁମ୍ବାଇ ସିଟି ଏଫ୍‌ସି ୨୩ ମ୍ୟାଚରୁ ୮ ବିଜୟ, ୯ ଡ୍ର ଓ ୬ ପରାଜୟ ସହ ୩୩ ପଏଣ୍ଟରେ ରହିଛି। ଦଳ ୨୭ଟି ଗୋଲ ଦେଇଥିବାବେଳେ ୨୮ଟି ବରଣ କରିଛି। ଅର୍ଥାତ୍ ଗୋଲ ବ୍ୟବଧାନ -୧ ରହିଛି। ମାତ୍ର ଏହି ଦଳ ଯଦି ଆଗାମୀ ମ୍ୟାଚ ଜିତେ କିମ୍ବା ଡ୍ର ରଖେ ତେବେ ଏହି ପରିସଂଖ୍ୟାନର କୌଣସି ମାନେ ରହିବ ନାହିଁ। ଓଡ଼ିଶା ଏଫ୍‌ସିଠାରୁ ଅଧିକ ପଏଣ୍ଟ ଭିତ୍ତିରେ ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିବ। ତେଣୁ ବେଙ୍ଗାଲୁରୁ ବିପକ୍ଷ ମୁମ୍ବାଇର ମ୍ୟାଚ ଓଡ଼ିଶା ଏଫ୍‌ସି ପାଇଁ ଅନେକ ଗୁରୁତ୍ୱ ବହନ କରିବ। ମୁମ୍ବାଇ ଦଳ ୨୨ଟି ମ୍ୟାଚରୁ ୩୩ ପଏଣ୍ଟରେ ପହଞ୍ଚି ସାରିଥିଲା। ମାତ୍ର ପୂର୍ବ ମ୍ୟାଚରେ କେରଳ ବ୍ଲାଷ୍ଟର୍ସ ନିକଟରୁ ୦-୧ ଗୋଲରେ ହାରିଯିବାରୁ ଓଡ଼ିଶା ଏଫ୍‌ସିର ଆଶା ଉଜ୍ଜୀବିତ ରହିଛି। ଟେବୁଲର ପ୍ରଥମ ୫ ସ୍ଥାନରେ ଥିବା ମୋହନ ବାଗାନ ସୁପର ଜାଏଣ୍ଟ (୫୬ ପଏଣ୍ଟ), ଏଫ୍‌ସି ଗୋଆ (୪୮), ନର୍ଥ ଇଷ୍ଟ ୟୁନାଇଟେଡ (୩୮), ବେଙ୍ଗାଲୁରୁ ଏଫ୍‌ସି (୩୮) ଓ ଜାମସେଦପୁର ଏଫ୍‌ସି (୩୮) ପ୍ଲେ-ଅଫ୍ ଯୋଗ୍ୟତା ପାଇ ସାରିଛନ୍ତି। ଅବଶିଷ୍ଟ ଗୋଟିଏ ସ୍ଥାନ କେଉଁ ଦଳ ହାସଲ କରିବ ତାହା ଆଗାମୀ ମ୍ୟାଚପରେ ସ୍ପଷ୍ଟ ହୋଇଯିବ। ପ୍ରକାଶ ଯୋଗ୍ୟ ଯେ, ପ୍ରତିଯୋଗିତାର ଗତ ସଂସ୍କରଣରେ ଓଡ଼ିଶା ଏଫ୍‌ସି ୪ର୍ଥ ସ୍ଥାନରେ ରହି ପ୍ଲେ-ଅଫ୍ ଯୋଗ୍ୟତା ସହ ସେମିଫାଇନାଲ ଖେଳିଥିଲା।

# ସ୍ୱଦେଶ ଫେରିଲେ ଖେଳାଳି

**ନୂଆଦିଲ୍ଲୀ, ୧୦।୩:** ଦୁବାଇରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଟାଇଟଲ ଜିତିବାର ଗୋଟିଏ ଦିନ ପରେ ଅଧିକାଂଶ ଭାରତୀୟ ଖେଳାଳି ପର୍ଯ୍ୟାୟକ୍ରମେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଗକୁ ଆଇପିଏଲ ଆସୁଥିବାରୁ ନିଜ ନିଜ ଫ୍ରାଞ୍ଚାଇଜ୍ ଦଳ ସହ ଖେଳାଳିମାନେ ଯୋଗଦେବେ। ଅଧିନାୟକ ରୋହିତ ଶର୍ମା ପରିବାର ସହ ସୋମବାର ମୁମ୍ବାଇରେ ପହଞ୍ଚିଛନ୍ତି। କ୍ରିକେଟ ପ୍ରେମୀମାନେ ବହୁ ସଂଖ୍ୟାରେ ବିମାନ ବନ୍ଦରରେ ଉପସ୍ଥିତ ରହି ରୋହିତଙ୍କୁ ସ୍ୱାଗତ କରିଛନ୍ତି। ସେହିପରି କୋଚ୍ ଗୌତମ ଗମ୍ଭୀର ଓ ହର୍ଷିତ ରାଣା ଦିଲ୍ଲୀକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

# ସ୍ୱସ୍ତିଙ୍କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୧୦।୩ (ତପନ ସ୍ୱାଇଁ):** କିଟ୍‌ର ମୀନତି ମହାପାତ୍ର ସାଇକ୍ଲିଂ ଭେଲୋଡ୍ରୋମରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସାଇକ୍ଲିଂ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ସ୍ୱସ୍ତି ସିଂ ଓ ଖୋଇରୋମ ରେଜିୟା ଦେବୀ ପଦକ ହାସଲ କରିଛନ୍ତି। ଉଭୟ ପ୍ରତିଯୋଗୀ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ୩ କିଲୋମିଟର ମହିଳା ପର୍ଶ୍ୟୁଟରେ ସ୍ୱସ୍ତି ରୌପ୍ୟ ଓ ରେଜିୟା ବ୍ରୋଞ୍ଜ ପଦକ ପାଇଛନ୍ତି। ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟର ଦନୋଲୋ ପୂଜା ବାବନ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# ଚାମ୍ପିୟନ୍ସ ଟ୍ରଫିରେ ଭାରତୀୟ ସ୍ପିନରଙ୍କ କମାଲ



**ଅକ୍ଷର ପଟେଲ**
ମ୍ୟାଚ: ୫
ଓଭର: ୪୫
ଉଇକେଟ: ୫
ଆଭରେଜ: ୩୯.୨୦
ଇକୋନୋମି: ୪.୩୫

**କୁଲଦୀପ ଯାଦବ**
ମ୍ୟାଚ: ୫
ଓଭର: ୪୬.୩
ଉଇକେଟ: ୭
ଆଭରେଜ: ୩୧.୮୫
ଇକୋନୋମି: ୪.୭୯

**ରବୀନ୍ଦ୍ର ଜାଡେଜା**
ମ୍ୟାଚ: ୫
ଓଭର: ୪୨
ଉଇକେଟ: ୫
ଆଭରେଜ: ୩୬.୬୦
ଇକୋନୋମି: ୪.୩୫

**ବରୁଣ ଚକ୍ରବର୍ତ୍ତୀ**
ମ୍ୟାଚ: ୩
ଓଭର: ୩୦
ଉଇକେଟ: ୯
ଆଭରେଜ: ୧୫.୧୧
ଇକୋନୋମି: ୪.୫୩

# ପାରା ଜୁଡୋ ଆଥ୍ଲେଟ୍ ମୋହନଙ୍କୁ ୨ବ୍ରୋଞ୍ଜ


ମୋହନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୧୦।୩ (ବିଜୟ ରଣା)

**ଜାତୀୟ ଚାମ୍ପିୟନଶିପ୍**

ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଜିଲାର ମୋହନ ସାହୁ ୧୩ତମ ଜାତୀୟ ପାରା ଜୁଡୋ ଚାମ୍ପିୟନଶିପ୍ ୨୦୨୫ରେ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମୋହନ ଜୁନିୟର ଜେଆଇ (୬୬କେଜି) ଓ ସିନିୟର ଜେଆଇ (୬୪କେଜି) ଶ୍ରେଣୀରେ ଏହି ସଫଳତା ପାଇଛନ୍ତି। ବର୍ତ୍ତମାନ ସେ ଉଜ୍‌ବେକିସ୍ତାନର ତାସ୍‌କେଣ୍ଟଠାରେ ହେବାକୁଥିବା ଏସିଆନ ପାରା ଜୁଡୋ ଚାମ୍ପିୟନଶିପ୍ ୨୦୨୫ ପାଇଁ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବା ଲାଗି ନିଜକୁ ପ୍ରସ୍ତୁତ କରୁଛନ୍ତି। ବେଦାନ୍ତ ଆଲୁମିନିୟମଠାରୁ ତାଙ୍କୁ ଯୋଉଁ ପ୍ରୋତ୍ସାହନ ଓ ସହାୟତା ମିଳିଛି ସେଥି ପାଇଁ ସେ କୃତଜ୍ଞ। କାରଣ ଏଥିଯୋଗୁ ସେ ବର୍ତ୍ତମାନ ଉଚ୍ଚସ୍ତର ପ୍ରତିଯୋଗିତାରେ ଭାଗ ନେବାଲାଗି ଆତ୍ମ ବିଶ୍ୱାସ ଆଣି ଦେଇଛି। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ଚିଫ୍ ଅପରେଟିଂ ଅଫିସର ସୁନିଲ ଗୁପ୍ତା କହିଛନ୍ତି, ସ୍ଥାନୀୟ ପ୍ରତିଭାଙ୍କୁ ବିକଶିତ କରିବାରେ ତାଙ୍କ କମ୍ପାନୀର ଉତ୍ସର୍ଗିକୃତ ଆଭିମୁଖ୍ୟ ରହିଛି।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘର ନାମ ପରିବର୍ତ୍ତନ

**ଲଣ୍ଡନ, ୧୦।୩ (ପି.ଟି.):** କମନୱେଲ୍ଥ ଗେମ୍ସ ଫେଡେରେଶନ(ସିଜିଏଫ୍) ଅବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘର ନାମ ପରିବର୍ତ୍ତନ କରାଯାଇଛି। ଏଣିକି ଏହା କମନୱେଲ୍ଥ ସ୍ପୋର୍ଟ୍ସ ଅବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ନାମରେ ପରିଚିତ ହେବ। ମାର୍ଚ୍ଚ ୧୦ରେ ରାଜ୍ୟଗୋଷ୍ଠୀ ଦିବସ ଅବସରରେ ଏହା ଘୋଷଣା କରାଯାଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସିଇଓ କେଟି ସାଡଲିଅର କହିଛନ୍ତି, କ୍ରୀଡ଼ା ମହାସଂଘକୁ ଏକ କ୍ରୀଡ଼ା ଆନ୍ଦୋଳନରେ ପରିଣତ କରିବା ଉଦ୍ଦେଶ୍ୟରେ ଏହା କରାଯାଇଛି। କିନ୍ତୁ ଆଇନଗତ ପରିଚୟ ଦୃଷ୍ଟିରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ ଅବା 'କମନୱେଲ୍ଥ ଗେମ୍ସ ଫେଡେରେଶନ' ଏହାର ନାମ ବଜାୟ ରଖିବ। ଅନ୍ୟପକ୍ଷରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୃଷ୍ଠପୋଷକ କିଙ୍ଗ୍ ଚାର୍ଲ୍ସ ସୋମବାର ରାଜ୍ୟଗୋଷ୍ଠୀ ଦିବସ ଅବସରରେ ବକିଙ୍ଗହାମ୍ ପ୍ୟାଲେସ୍‌ଠାରେ ଗ୍ଲାସ୍‌ଗୋ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଘାଟନୀ ପାଇଁ କମନୱେଲ୍ଥ ସ୍ପୋର୍ଟ୍ସ କିଙ୍ଗ୍ସ ବାଟନ ରିଲେ ବିଧିବଦ୍ଧ ଉନ୍ମୋଚନ କରିଛନ୍ତି। ସେ ପ୍ରଥମ ବାଟନଧାରୀ ସାର୍ କ୍ରିସ୍ ହଏଙ୍କୁ ବାଟନ ହସ୍ତାନ୍ତର କରିଛନ୍ତି।

# ସଫଳ କୋଚ୍ ସତ୍ୟପ୍ରଜ୍ଞଙ୍କୁ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୧୦।୩ (ତପନ ସ୍ୱାଇଁ)

**ବିଶ୍ୱ ଜୁନିୟର ଚେସ୍‌ରେ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ ଥିଲେ**

ମଣ୍ଟେନେଗ୍ରୋରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଚେସ୍ (୨୦ ବର୍ଷରୁ କମ୍)ରେ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରି ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସର୍ବଭାରତୀୟ ଚେସ୍ ଫେଡେରେଶନ ପକ୍ଷରୁ ତାଙ୍କୁ ପ୍ରତିନିଧି ଦଳର ମୁଖ୍ୟ/କୋଚ୍ ଭାବେ ନିଯୁକ୍ତ କରାଯାଇଥିଲା। ତାଙ୍କ ଦିଗ୍‌ଦର୍ଶନରେ ଭାରତୀୟ ଗ୍ରାଣ୍ଡମାଷ୍ଟର ତାମିଲନାଡୁର ପ୍ରଣବ ଭେଙ୍କଟେଶ୍ ଚାମ୍ପିୟନ ହୋଇ ଇତିହାସ ରଚିଥିଲେ। ଏହି ପ୍ରତିଯୋଗିତାରେ ୬୩ଟି ଦେଶର ୧୨ ଗ୍ରାଣ୍ଡମାଷ୍ଟରଙ୍କ ସମେତ ୧୫୭ ଖେଳାଳି ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରରେ ପହଞ୍ଚିବାପରେ ସତ୍ୟପ୍ରଜ୍ଞଙ୍କୁ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ପ୍ରୋ-ଚେସ୍-ଟାର କୋଚ୍ ଶୁଭବ୍ରତ ମିତ୍ର, ରାଜେନ୍ଦ୍ର କୁମାର ସାହୁ, ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀକାନ୍ତ ବେହେରା, ଖେଳାଳି ଓ ଅଭିଭାବକମାନେ ଭବ୍ୟ ସ୍ୱାଗତ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ସତ୍ୟପ୍ରଜ୍ଞ ତାଙ୍କ କ୍ୟାରିୟରରେ ୮ ଥର ୧୯ ବର୍ଷରୁ କମ୍ ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ସହ ୨ ଥର ଏସିଆନ ଜୁନିୟର ଏବଂ ୨ ଥର ବିଶ୍ୱ ଜୁନିୟର ଚେସ୍‌ରେ ଭାଗ ନେଇଥିଲେ।


ସ୍ୱୟଂଶୁ ସତ୍ୟପ୍ରଜ୍ଞଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରାଯାଉଛି।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ